

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୬ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 26 May 2026
Vol.No. 36 ■ No.137 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ବିଷୁବସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର


website : sagarika.in.net


## ପ୍ରଥମେ ଫ୍ରିଜ୍ ହଟାଅ ପରେ ଆଲୋଚନା ଟେବୁଲକୁ ଆସ: ଇରାନ



ନୂଆଦିଲ୍ଲୀ,୨୫/୫ : ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଆଲୋଚନାରେ ଫସି ରହିଥିବା ପାଣ୍ଠିର ପ୍ରସଙ୍ଗ ଏବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଛି । ରିପୋର୍ଟ ଅନୁଯାୟୀ, ଇରାନ ସ୍ପଷ୍ଟ ଭାବରେ କହିଛି, କାତାରରେ ଜମା ଥିବା ଏହାର ୧୨ ବିଲିୟନ ଡଲାର ବା ପ୍ରାୟ ୧୧.୪୫ ଲକ୍ଷ କୋଟି ଟଙ୍କା ମୁକ୍ତ କରିବାକୁ ପଡିବ, ଏବଂ ଏହା ବିନା ଆମେରିକା ସହିତ କୌଣସି ଚୁକ୍ତି ଆଗକୁ ବଢ଼ିବ ନାହିଁ । ଇରାନ ଇଣ୍ଟରନ୍ୟାସନାଲର ଏକ ରିପୋର୍ଟ ଅନୁଯାୟୀ, କତାରରେ ରଖାଯାଇଥିବା ଏହି ୧୨ ବିଲିୟନ ଡଲାର ଇରାନର ପ୍ରଥମ ଏବଂ କଠୋର ସର୍ତ୍ତ । ପୂର୍ବରୁ ଅନୁମାନ କରାଯାଉଥିଲା ଯେ, ହର୍ମୁଜ୍ ପ୍ରଣାଳୀ ଏବଂ ୟୁରାନିୟମ ଉପରେ ଇରାନର କଠୋର ମନୋଭାବ ଯୋଗୁଁ ଆଲୋଚନା ବିଫଳ ହେଉଛି । ପ୍ରକୃତରେ, ଆମେରିକା ସହିତ ପ୍ରାରମ୍ଭିକ ଚୁକ୍ତିନାମା, ବୁଝାମଣାପତ୍ରର ପ୍ରଥମ ପର୍ଯ୍ୟାୟରେ ଇରାନ ଅଟକି ରହିଥିବା ପାଣ୍ଠି ପ୍ରସଙ୍ଗକୁ ଆଲୋଚନା ଟେବୁଲକୁ ଆଣିଛି । ଏହା ଉପରେ ଠୋସ୍ ନିଷ୍ପତ୍ତି ନେବା ପରେ ହିଁ ଆହୁରି ଆଲୋଚନା ଆଗକୁ ବଢ଼ିବ । ଏହା ସହିତ ଇରାନ ଦାବି କରୁଛି, ଏକ ଚୂଡ଼ାନ୍ତ ଚୁକ୍ତିନାମାର ଅଂଶ ଭାବରେ ବିଶ୍ୱବ୍ୟାପୀ ସମସ୍ତ ଫ୍ରିଜ୍ ହୋଇଥିବା ସମ୍ପତ୍ତି ଏବଂ ପାଣ୍ଠିକୁ ସମ୍ପୂର୍ଣ୍ଣ ମୁକ୍ତ କରାଯିବା ଉଚିତ । ଇରାନର ରିଭୋଲ୍ୟୁସନାରୀ ଗାର୍ଡ ସହିତ ଜଡିତ ଏକ ନ୍ୟୁଜ୍ ଏଜେନ୍ସି ତାସନିମ୍ ନ୍ୟୁଜ୍ ରିପୋର୍ଟ କରିଛି ଯେ, ଆମେରିକା ଏବଂ ଇରାନ ମଧ୍ୟରେ ଏକ ସମ୍ଭାବ୍ୟ ଚୁକ୍ତିର କିଛି ସର୍ତ୍ତାବଳୀ ଅମୀମାଂସିତ ରହିଛି । ତାସନିମ୍ ନ୍ୟୁଜ୍ ଅନୁଯାୟୀ, ଇରାନ ପ୍ରାରମ୍ଭିକ ଚୁକ୍ତିର ପ୍ରଥମ ପଦକ୍ଷେପ ଭାବରେ ଏହାର ଫ୍ରିଜ୍ ହୋଇଥିବା ପାଣ୍ଠିର ଅତି କମ୍‌ରେ ଏକ ଅଂଶ ମୁକ୍ତ କରିବାକୁ ଚାହୁଁଛି । ଇରାନ ଏହା ମଧ୍ୟ କହିଛି, କେବଳ ପାଣ୍ଠି ମୁକ୍ତ ଘୋଷଣା କରିବା ଯଥେଷ୍ଟ ନୁହେଁ, ଏହାକୁ ପାଣ୍ଠି ବ୍ୟବହାର କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ମଧ୍ୟ ଦିଆଯିବା ଉଚିତ । ରିପୋର୍ଟରେ କୁହାଯାଇଛି, ଆମେରିକା ଏହି ପାଣ୍ଠିର ମୁକ୍ତିକୁ ଚୂଡ଼ାନ୍ତ ପରମାଣୁ ଚୁକ୍ତିନାମା ସହିତ ଯୋଡ଼ିବାକୁ ଚେଷ୍ଟା କରିଛି । ତଥାପି, ଇରାନ ଦାବି କରୁଛି ଯେ ବୁଝାମଣା ଆରମ୍ଭ ହେବା ମାତ୍ରେ କିଛି ପାଣ୍ଠି ମୁକ୍ତ କରାଯାଉ ଏବଂ ଆଲୋଚନା ସମୟରେ ଅବଶିଷ୍ଟ ପାଣ୍ଠି ଧୀରେ ଧୀରେ ମୁକ୍ତ କରାଯାଉ । ତାସନିମ୍ ନ୍ୟୁଜ୍ ପରେ ଦାବି କରିଛି ଯେ ଆମେରିକା ଏବେ ବି କିଛି ସର୍ତ୍ତାବଳୀ ପ୍ରତି ବାଧା ସୃଷ୍ଟି କରୁଛି, ଯେଉଁଥିରେ ଇରାନର ଜବତ ପାଣ୍ଠିର ମୁକ୍ତି ମଧ୍ୟ ଅନ୍ତର୍ଭୁକ୍ତ । ଏହା ଯୋଗୁ ସମ୍ପୂର୍ଣ୍ଣ ଚୁକ୍ତିନାମା ଭଙ୍ଗ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏପ୍ରିଲ୍ ମାସର ଆରମ୍ଭରେ, ରଏଟର୍ସ ରିପୋର୍ଟ କରିଥିଲା ଯେ ଆମେରିକା କତାର ଏବଂ ଅନ୍ୟାନ୍ୟ ବ୍ୟାଙ୍କରେ ଗଚ୍ଛିତ ଇରାନୀ ଟଙ୍କାରୁ ୬ ବିଲିୟନ ଡଲାର ମୁକ୍ତ କରିବାକୁ ରାଜି ହୋଇଛି । ଏହି ଟଙ୍କା ଦକ୍ଷିଣ କୋରିଆକୁ ତେଲ ବିକ୍ରୟରୁ ପ୍ରାପ୍ତ ହୋଇଥିଲା । ୨୦୨୩ କଏଦୀ ବିନିମୟ ଚୁକ୍ତିନାମା ପରେ, ପାଣ୍ଠିକୁ କତାର ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା, କିନ୍ତୁ କେବଳ ଆମେରିକାର ତତ୍ତ୍ୱାବଧାନରେ ମାନବିକତା ଉଦ୍ଦେଶ୍ୟରେ ଏହାକୁ ବ୍ୟବହାର କରାଯାଇପାରିବ ।

## କମିବା ପରିବର୍ତ୍ତେ ଧୀରେ ଧୀରେ ପ୍ରଚଣ୍ଡ ହେଉଛି ତାତି: ପାରଦ ଉପରମୁହାଁ



ଭୁବନେଶ୍ୱର, ୨୫/୫ (ନି.ପ୍ର): ଓଡ଼ିଶା ଜଳୁଛି, ଆହୁରି ଜଳିବ । ଆଗାମୀ ୪ଦିନ ଏମିତି କଲବଲ କରିବ ଅସହ୍ୟ ତାତି । ପଶ୍ଚିମ ଓଡ଼ିଶାରେ ୪୫ ତଳକୁ ଖସିବନି ପାରଦ, ଉପକୂଳରେ ଥମିବନି ଗୁଳୁଗୁଳି । ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିବା ଗ୍ରୀଷ୍ମପ୍ରବାହ ସ୍ଥିତିରେ ସପ୍ତାହେ ହେଲାଣି ସୁଧାର ଆସୁନଥିବା ବେଳେ, ଚଳିତବର୍ଷ ପ୍ରଥମ ଥର ପାଇଁ ଜାରି ହୋଇଛି ହିଟୱେଭ୍ ରେଡ୍ ୱାର୍ଣ୍ଣିଂ । ସେପଟେ ଜ୍ୟୋତିର୍ବିଦଙ୍କ ମତ, ଆଜି ଠୁ ନୌତପା ଆରମ୍ଭ ହୋଇଥିବାରୁ ୯ ଦିନ ତ୍ରାହି ନାହିଁ । ଅତି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆଶଙ୍କା କରି ଚଳିତ ବର୍ଷ ପ୍ରଥମ ଥର ପାଇଁ ଓଡ଼ିଶାରେ ଜାରି ହୋଇଛି ରେଡ୍ ୱାର୍ଣ୍ଣିଂ । ସମ୍ବଲପୁର, ବୌଦ୍ଧ ଓ ବଲାଙ୍ଗୀର ଜିଲ୍ଲା ପାଇଁ ଆଜି ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ରେଡ୍ ୱାର୍ଣ୍ଣିଂ ବା ଚରମ ସତର୍କତା ଜାରି କରିଛି ପାଣିପାଗ ବିଭାଗ । ବଲାଙ୍ଗିର ଓ ସମ୍ବଲପୁରରେ ରାତିରେ ବି ରହିବ ତାତି । ଏଥିସହ ଝାରସୁଗୁଡ଼ା, ସୋନପୁର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ବାକି ଉପକୂଳ, ଆଭ୍ୟନ୍ତର ଓ ଦକ୍ଷିଣ ଓଡ଼ିଶାକୁ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ । ପୂର୍ବାନୁମାନ କହୁଛି, ଆହୁରି ୪ ଦିନ ନିସ୍ତାର ନାହିଁ । ୨୮ ଯାଏଁ ସର୍ବୋଚ୍ଚ ତାପମାତ୍ରା ବିଶେଷ ବଦଳିବନି । ଆସନ୍ତାକାଲି ପଶ୍ଚିମ ଓଡ଼ିଶାର ୯ଟି ସ୍ଥାନରେ ୪୫ ଡିଗ୍ରି ଏବଂ ୨୮ରେ ୪୬ ଡିଗ୍ରି ଛୁଇଁପାରେ ସର୍ବାଧିକ ତାପମାତ୍ରା । ୨୯ରୁ କ୍ରମଶଃ ୨ ରୁ ୩ ଡିଗ୍ରି ଖସିବ ପାରଦ । କେବଳ ଓଡ଼ିଶା ନୁହେଁ, ପୂରା ଦେଶରେ ଏବେ ନିଆଁ ବର୍ଷୁଛି । ଏହା ସୁପର ଏଲନିନୋ ପ୍ରଭାବରୁ ହେଉଥିବା କୁହାଯାଉଥିବା ବେଳେ, ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଆଜିଠାରୁ ଆରମ୍ଭ ହୋଇଛି ନୌତପା । ସୂର୍ଯ୍ୟ ରୋହିଣୀ ନକ୍ଷତ୍ରରେ ପ୍ରବେଶ କଲେ ୯ ଦିନ ସବୁଠୁ ଅଧିକ ରୌଦ୍ରତାପ ଅନୁଭୂତ ହୁଏ, ଯାହାକୁ କହନ୍ତି ନୌତପା । ବର୍ଷର ଏହି ସବୁଠୁ ଉତ୍ତପ୍ତ ୯ ଦିନ ଆଜିଠୁ ଆରମ୍ଭ ହୋଇ ଜୁନ୍ ୨ ପର୍ଯ୍ୟନ୍ତ ଚାଲିବ । ଏହି ସମୟରେ ଦେଶର ସର୍ବାଧିକ ତାପମାତ୍ରା ୫୦ ଡିଗ୍ରି ଛୁଇଁପାରେ ଏବଂ ପ୍ରବଳ ଲୁ ବା ଶୁଷ୍କ ଗରମ ପବନ ବହିପାରେ । ତେଣୁ ଲୋକଙ୍କୁ ଅତି ଜରୁରୀ ନଥିଲେ ଖରାରେ ବାହାରିବାକୁ ବାରଣ କରାଯାଉଛି ।

## ସରୋଜ ପ୍ରଧାନ ପିସିସି ଓବିସି ବିଭାଗ ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର, ୨୫/୫ (ନି.ପ୍ର): ଅଖିଳ ଭାରତ ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଅନୁମୋଦନ ଓ ପିସିସି ସଭାପତିଙ୍କ ପରାମର୍ଶ କ୍ରମେ ଓଡିଶା ପ୍ରଦେଶ କଂଗ୍ରେସ ଅନ୍ୟାନ୍ୟ ପଛୁଆ ବର୍ଗ ବିଭାଗର ଅଧ୍ୟକ୍ଷ ରୂପେ ସରୋଜ ପ୍ରଧାନଙ୍କୁ ସାଂସଦ ତଥା ଏଆଇସିସି ସାଧାରଣ ସମ୍ପାଦକ(ସଂଗଠନ) କେସି ବେଣୁଗୋପାଳ ଆଜି ନିଯୁକ୍ତି ଦେଇଛନ୍ତି । ଶ୍ରୀ ପ୍ରଧାନ ଅନୁଗୋଳ କଂଗ୍ରେସ ରାଜନୀତିରେ ଜଣେ ଯୁବ ସଂଗଠକ ରୂପେ ବେଶ ଆଦୃତ । ଏହା ପୂର୍ବରୁ ସେ ଦଳର ଅନେକ ପଦ ପଦବୀରେ ରହି ନିଜ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଛନ୍ତି ।

## ୧୦ ଦିନରେ ଚତୁର୍ଥ ଥର ପାଇଁ ବଢ଼ିଲା ପେଟ୍ରୋଲ- ଡିଜେଲ ଦର




ନୂଆଦିଲ୍ଲୀ,୨୫/୫ : ବିଶ୍ୱ ସ୍ତରରେ ଅଶୋଧିତ ତୈଳର ଉଚ୍ଚ ମୂଲ୍ୟ ଏବଂ ଆମେରିକୀୟ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ମଧ୍ୟରେ, ସରକାରୀ କ୍ଷେତ୍ରର ତୈଳ ବିପଣନ କମ୍ପାନିଗୁଡ଼ିକ ସୋମବାର ପୁଣି ଥରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରିଛନ୍ତି । ପେଟ୍ରୋଲ ମୂଲ୍ୟ ଲିଟର ପିଛା ୨.୬୧ ଟଙ୍କା ଏବଂ ଡିଜେଲ ମୂଲ୍ୟ ଲିଟର ପିଛା ୨.୭୧ ଟଙ୍କା ବୃଦ୍ଧି ପାଇଛି । ଗତ ୧୦ ଦିନ ମଧ୍ୟରେ ଏହା ପେଟ୍ରୋଲ ଏବଂ ଡିଜେଲର ଚତୁର୍ଥ ବୃଦ୍ଧି । ଦୀର୍ଘ ଦିନ ପରେ ତେଲ ମୂଲ୍ୟରେ ପ୍ରଥମ ବୃଦ୍ଧି ମେ' ୧୫ ତାରିଖରେ ହୋଇଥିଲା । ସେବେଠାରୁ, ପେଟ୍ରୋଲ ୭.୩୫ ଟଙ୍କା ଏବଂ ଡିଜେଲ ଲିଟର ପ୍ରତି ୭.୮୨ ମହଙ୍ଗା ହୋଇଛି । ଆହୁରି ମୂଲ୍ୟ ବୃଦ୍ଧି ହେବ ବୋଲି ବିଶେଷଜ୍ଞ ଚେତାବନୀ ଦେଇଛନ୍ତି । ତୈଳ ଅଧିକାରୀମାନେ କହିଛନ୍ତି ଯେ, ଏହି ବୃଦ୍ଧିର ମୁଖ୍ୟ କାରଣ ହେଉଛି ଅନ୍ତର୍ଜାତୀୟ ଅଶୋଧିତ ତୈଳ ମୂଲ୍ୟ ଆକାଶଛୁଆଁ ଏବଂ ଟଙ୍କାର ଅବମୂଲ୍ୟାୟନ ଯୋଗୁଁ ଆମଦାନି ଖର୍ଚ୍ଚ ବୃଦ୍ଧି । ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ କର୍ପୋରେସନ (ଓଏନ୍‌ଜିସି) ଏବଂ ଭାରତ ପେଟ୍ରୋଲିୟମ୍ କର୍ପୋରେସନ ଲିମିଟେଡ୍ (ବିପିସିଏଲ୍)ର ଅଧିକାରୀମାନେ କହିଛନ୍ତି ଯେ ଅଶୋଧିତ ତୈଳ ମୂଲ୍ୟରେ ଅସ୍ଥିରତା ଏବଂ ଅଣ୍ଡର-ରିକଭରୀ ବା ଧାର୍ଯ୍ୟ ମୂଲ୍ୟ ଠାରୁ କମ୍‌ରେ ବିକ୍ରି ତୈଳ ଖୁଚୁରା ବ୍ୟବସାୟୀମାନଙ୍କ ଉପରେ ଯଥେଷ୍ଟ ଚାପ ପକାଇଛି । ଇନ୍ଧନ ମୂଲ୍ୟରେ ସଦ୍ୟତମ ବୃଦ୍ଧି ଯାତ୍ରୀ, ପରିବହନ ଅପରେଟର ଏବଂ ବିଭିନ୍ନ କ୍ଷେତ୍ରର ବ୍ୟବସାୟ ଉପରେ ଆର୍ଥିକ ବୋଝ ବୃଦ୍ଧି କରିବ ବୋଲି ଆଶଙ୍କା କରାଯାଉଛି । ସରକାରୀ ଅଧିକାରୀଙ୍କ ଅନୁଯାୟୀ, ପୂର୍ବ ବୃଦ୍ଧି ସତ୍ତ୍ୱେ, ତୈଳ କମ୍ପାନିଗୁଡ଼ିକ ଏବେ ବି ବିପୁଳ କ୍ଷତି ବା ଅଣ୍ଡର-ରିକଭରୀର ସମ୍ମୁଖୀନ ହେଉଛନ୍ତି ।

◆◆ପୃଷ୍ଠା ୭

## ମୋହନ ନିମନ୍ତ୍ରଣ ଦେଲେ: ମୋଦୀ ଓଡ଼ିଶା ଆସିବେ



ଭୁବନେଶ୍ୱର, ୨୫/୫ (ନି.ପ୍ର): ଦିଲ୍ଲୀ ଗସ୍ତରେ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ତେବେ ଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି ମୋହନ । ବିଜେପି ସରକାରକୁ ଦୁଇ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ସାଦର ଆମନ୍ତ୍ରଣ ଜଣାଇଛନ୍ତି ମୋହନ । ଜୁନ୍ ୧୨ ତାରିଖରେ ଓଡ଼ିଶାରେ ଦୁଇ ବର୍ଷ ପୁରା କରୁଛି ଭାରତୀୟ ଜନତା ପାର୍ଟି ସରକାର । ଏହି ଅବସରରେ ସ୍ୱତନ୍ତ୍ର ଭାବେ ଯୋଗ ଦେବାକୁ ମୋଦୀଙ୍କୁ ନିମନ୍ତ୍ରଣ ଜଣାଇଛନ୍ତି ମୋହନ । ଏଥିସହିତ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ମାର୍ଗଦର୍ଶନ ଓ ସହଯୋଗ ନିମନ୍ତେ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ । ତେବେ ଏହି ସୌଜନ୍ୟମୂଳକ ସାକ୍ଷାତରେ ଓଡ଼ିଶାର ଭିତ୍ତିଭୂମିର ବିକାଶ, ପୁଞ୍ଜିନିବେଶ ସୁଯୋଗର ସମ୍ପ୍ରସାରଣ ଏବଂ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକୁ ଆଗକୁ ନେବା ସମ୍ପର୍କରେ ଆମ ମଧ୍ୟରେ ସକାରାତ୍ମକ ଆଲୋଚନା ଦୁଇଜଣଙ୍କ ମଧ୍ୟରେ ହୋଇଥିଲା ।

## ଓଇଆରସି ଅଧ୍ୟକ୍ଷ ପଦରୁ ଓହରିଗଲେ ପ୍ରଦୀପ ଜେନା: ଅଚାନକ ଇସ୍ତଫାକୁ ନେଇ ବଢ଼ିଲା ଚର୍ଚ୍ଚା



ଭୁବନେଶ୍ୱର, ୨୫/୫ (ନି.ପ୍ର): ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ, ବାରମ୍ବାର ବିଦ୍ୟୁତ୍ କାଟ ଓ ୧୦ହଜାରରୁ ଅଧିକ ଠିକା କର୍ମଚାରୀଙ୍କ ଛଟେଇ ମଧ୍ୟରେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ଆଜି ଇସ୍ତଫା ଦେଇଛନ୍ତି । ରାଜ୍ୟ ସରକାର ସୋମବାର ଅପରାହ୍ନରୁ ତାଙ୍କର ଇସ୍ତଫାକୁ ଗ୍ରହଣ କରିଥିବା ନେଇ ଶକ୍ତି ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ତେବେ ମାତ୍ର ବର୍ଷେ ପୁରିବା ପରେ କାହିଁକି ଅଚାନକ ଓଇଆରସି ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ତାକୁ ନେଇ ନାନାଦି ଚର୍ଚ୍ଚା ପାୱାର କରିଡରରେ ଲାଗିରହିଛି । ଶକ୍ତି ବିଭାଗରୁ ଜାରି ବିଜ୍ଞପ୍ତି ଅନୁସାରେ, ଅବସରପ୍ରାପ୍ତ ଆଇଏଏସ୍ ଶ୍ରୀ ଜେନା ଜେନା 'ବ୍ୟକ୍ତିଗତ' କାରଣ ଦର୍ଶାଇ ଓଇଆରସି ଅଧ୍ୟକ୍ଷ ପଦରୁ ଦେଇଥିବା ଇସ୍ତଫାକୁ ଗ୍ରହଣ କରାଯାଇଛି ଓ ଆଜି ଅପରାହ୍ନରୁ ତାଙ୍କୁ ପଦ ଛାଡ଼ିବାକୁ ଅନୁମତି ଦିଆଯାଇଛି । ଅନ୍ୟପକ୍ଷରେ ଶ୍ରୀ ଜେନାଙ୍କ କାର୍ଯ୍ୟକାଳ ଆହୁରି ୪ବର୍ଷ ଥିବାବେଳେ ସେ କାହିଁକି ଅଚାନକ ତାଙ୍କ ପଦରୁ ଇସ୍ତଫା ଦେଲେ ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁସାରେ, ଓଇଆରସି ଅଧ୍ୟକ୍ଷ ଶ୍ରୀ ଜେନା ଗତ ଶନିବାର ନିଜର ଇସ୍ତଫା ପତ୍ର ସରକାରଙ୍କ ନିକଟକୁ ପଠାଇ ଦେଇଥିଲେ । ବ୍ୟକ୍ତିଗତ କାରଣରୁ ସେ ଏହି ପଦରେ ରହିବା ପାଇଁ ଚାହୁଁନଥିବା ଦର୍ଶାଇ ଦେଇଥିବା ଇସ୍ତଫା ପତ୍ରକୁ ସ୍ୱୀକାର କରିବାକୁ ମଧ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ ।

◆◆ପୃଷ୍ଠା ୭

## ବିଜେଡି ଓ ରାଜ୍ୟସଭାରୁ ଇସ୍ତଫା ଦେଲେ ଦେବାଶୀଷ



ଭୁବନେଶ୍ୱର, ୨୫/୫ (ନି.ପ୍ର): ବିଜେଡି ରାଜନୀତିରେ ପୁଣି ଏକ ବିସ୍ଫୋରଣ । ଦଳର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ଦେବାଶୀଷ ସାମନ୍ତରାୟ ଆଜି ଉଭୟ ଦଳ ଓ ସାଂସଦ ପଦରୁ ଇସ୍ତଫା ଦେଇଛନ୍ତି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ସେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ବିଧିବଦ୍ଧ ଇସ୍ତଫା ଦେଇଥିବାବେଳେ ଦିଲ୍ଲୀରେ ରାଜ୍ୟସଭା ଅଧକ୍ଷ ସିପି ରାଧାକ୍ରିଷ୍ଣନଙ୍କୁ ଭେଟି ତାଙ୍କର ଇସ୍ତଫା ଦେଇଛନ୍ତି । ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କୁ ସକ୍ରିୟ ଭୂମିକା ନେବା ପାଇଁ 'ପାଣ୍ଡିଆନ ଫେରିଆସ' କ୍ୟାମ୍ପେନ ଜୋର ଧରିଥିବାବେଳେ ଦେବାଶୀଷଙ୍କ ଇସ୍ତଫା ବିଜେଡିକୁ ଶକ୍ତଝଟକା ହୋଇଛି । ଦେବାଶୀଷଙ୍କର କଟକ ଓ ଜଗତସିଂହପୁର ଜିଲ୍ଲାରେ ବେଶ୍ ଦବଦବା ରହିଛି । ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି କ୍ଷମତାରୁ ହଟିବା ପରେ ଦଳର ତୃତୀୟ ରାଜ୍ୟସଭା ସାଂସଦ ଭାବେ ଦେବାଶୀଷ ବିଜେଡି ଛାଡ଼ିଛନ୍ତି । ଦେବାଶୀଷ ଆଜି ବିଧିବଦ୍ଧ ଭାବେ ଦିଲ୍ଲୀରେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନୀତିନ ନବୀନଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହେବେ ବୋଲି ସୂଚନା ମିଳିଛି । ନବୀନଙ୍କୁ ପଠାଇଥିବା ଇସ୍ତଫା ପତ୍ରରେ ଦେବାଶୀଷ ଉଲ୍ଲେଖ କରିଛନ୍ତି ଯେ, ସେ ସର୍ବଦା ନିଜକୁ ଦଳର ସ୍ୱାର୍ଥ ପାଇଁ ଉତ୍ସର୍ଗ କରିଆସିଛନ୍ତି ଓ ବହୁ ବର୍ଷ ଧରି ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ଓ ନିଷ୍ଠାର ସହ ଦଳ ପାଇଁ କାର୍ଯ୍ୟ କରିଛନ୍ତି । ତାଙ୍କୁ ରାଜ୍ୟସଭାକୁ ମନୋନୀତ କରିଥିବାରୁ ସେ ନବୀନଙ୍କ ନିକଟରେ ଚିରଋଣୀ ରହିବେ । ଏହାସହିତ ତାଙ୍କୁ ଅବିଭକ୍ତ କଟକ ଜିଲ୍ଲାର ଜନସାଧାରଣଙ୍କ ସେବା କରିବାକୁ ଓ ଜାତୀୟ ସ୍ତରରେ ଓଡ଼ିଶାର ବହୁବିଧ ସମସ୍ୟା ଉପସ୍ଥାପନ କରିବା ପାଇଁ ସୁଯୋଗ ଦେଇଥିବାରୁ ସେ ନବୀନଙ୍କୁ କୃତଜ୍ଞତା ଜଣାଇଛନ୍ତି । ମାତ୍ର ବର୍ତ୍ତମାନ ପରିସ୍ଥିତିକୁ ନେଇ ସେ ନିଜର କ୍ଷୋଭ ବ୍ୟକ୍ତ କରି କହିଛନ୍ତି ଯେ, ବିଗତ କିଛି ଦିନ ହେବ ଦଳ ମଧ୍ୟରେ ତାଙ୍କୁ

## କକ୍ରୋଚ୍ ଜନତା ପାର୍ଟି ବିରୋଧୀ ଆବେଦନର ତୁରନ୍ତ ଶୁଣାଣି କରିବାକୁ ମନା କଲେ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ,୨୫/୫ : ସୁପ୍ରିମ୍‌କୋର୍ଟ କକ୍ରୋଚ୍ ଜନତା ପାର୍ଟି ସହ ଜଡିତ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟକଳାପର ସିବିଆଇ ତଦନ୍ତ ପାଇଁ ଏକ ଆବେଦନର ଜରୁରୀ ଶୁଣାଣି କରିବାକୁ ମନା କରିଦେଇଛନ୍ତି । ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ସାମ୍ପ୍ରତିକ 'କକ୍ରୋଚ୍' ଓ 'ପରଜୀବୀ' ମନ୍ତବ୍ୟ ପରେ ଉଭା ହୋଇଥିବା କକ୍ରୋଚ୍ ଜନତା ପାର୍ଟି ଏକ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ । ଏହି ଦଳ ଗଠନ ହେବା ପରେ ସାମାଜିକ ଗଣମାଧ୍ୟମରେ ଏହାର ଅନୁଗାମୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ।

◆◆ପୃଷ୍ଠା ୭

## କର୍ଣ୍ଣାଟକରେ ନେତୃତ୍ୱ ପରିବର୍ତ୍ତନ ଚର୍ଚ୍ଚା: ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଅଚାନକ ଦିଲ୍ଲୀ ଗସ୍ତ

ନୂଆଦିଲ୍ଲୀ,୨୫/୫ : କର୍ଣ୍ଣାଟକରେ ଆସନ୍ତା ୨-୩ ଦିନ ମଧ୍ୟରେ ନେତୃତ୍ୱ ପରିବର୍ତ୍ତନ ନେଇ ନିଷ୍ପତ୍ତି ନିଆଯିବ । କର୍ଣ୍ଣାଟକରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ କଳ୍ପନା ଜଳ୍ପନା ଜାରି ରହିଥିବାବେଳେ ଏହି ସମୟରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କର ଅଚାନକ ଦିଲ୍ଲୀ ଗସ୍ତକୁ ନେଇ ଚର୍ଚ୍ଚା ବଢ଼ିଛି । ସିଦ୍ଧରମୈୟା କହିଛନ୍ତି, ମଙ୍ଗଳବାର ଦିଲ୍ଲୀରେ ହାଇକମାଣ୍ଡଙ୍କ ସହ ବୈଠକ ପାଇଁ ତାଙ୍କୁ ଡକାଯାଇଛି । କିନ୍ତୁ ବୈଠକର ଏଜେଣ୍ଡା ସଂକ୍ରାନ୍ତରେ ସେ କିଛି ଜାଣିନାହାନ୍ତି ବୋଲି ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ରାତିରେ କେସି ବେଣୁଗୋପାଳ ତାଙ୍କୁ ଫୋନ୍ କରିଥିଲେ ଏବଂ ପୂର୍ବାହ୍ନ ୧୧ଟାରେ ବୈଠକ ହେବ ବୋଲି କହିଥିଲେ । ଉଲ୍ଲେଖଯୋଗ୍ୟ ମେ ୨୦ରେ ସରକାରକୁ ୩ ବର୍ଷ ପୂରିଥିବାରୁ କର୍ଣ୍ଣାଟକରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ନେତୃତ୍ୱ ପରିବର୍ତ୍ତନ ନେଇ ଚର୍ଚ୍ଚା ବଢ଼ିଛି ।

◆◆ପୃଷ୍ଠା ୭

# ଜଳୁଛି ସହର ପୋଡୁଛି ଭାଟି

ବଲାଙ୍ଗିର, ୨୫/୦୫ (ନି.ପ୍ର): ପ୍ରଚଣ୍ଡ ରୌଦ୍ର ତାପ ଯୋଗୁଁ ବଲାଙ୍ଗିର ସହର ଜନଶୂନ୍ୟ ହେଉଥିବା ବେଳେ ସହରର ଚତୁଃପାର୍ଶ୍ୱରେ ଥିବା ଇଟା ଭାଟି ମାନଙ୍କରେ ଲୋକେ କାମ କରୁଥିବା ଦେଖିବାକୁ ମିଳୁଛି। ସରକାର ଲାଲ ଇଟାଭାଟି ଉପରେ ଅଙ୍କୁଶ ଲଗାଇଥିବା ବେଳେ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ବର୍ଷ ବର୍ଷ ଧରି ଇଟା ଭାଟି ମାଲିକ ମାନେ ସରକାରୀ ନିୟମଉଲଂଘନ କରି ଇଟା ବ୍ୟବସାୟ କରି ମାଲେମାଲ୍ ହେଉଥିବା ବେଳେ ହଜାର ହଜାର ବୃକ୍ଷ କଟି ଭାଟିରେ ପୋଡୁଛି। ଜଙ୍ଗଲ ବିଭାଗର ନିଷ୍କ୍ରିୟତା ଯୋଗୁଁ ଗ୍ରାମାଂଚଳ ମାନଙ୍କରେ ଥିବା ପ୍ରଜା ବୃକ୍ଷ ଗୁଡ଼ିକ କଟି ପଦା ହେବାକୁ ବସିଲାଣି। ଏହାସହ ଜଙ୍ଗଲ ଭିତରେ ଥିବା ଦାମୀ ବୃକ୍ଷ ଗୁଡ଼ିକ ମଧ୍ୟ ଇଟା ଭାଟିରେ ପୋଡ଼ି ପାଉଁଶ ହୋଇଯାଉଛି। ଏ ବିଷୟକୁ ନେଇ ପ୍ରମାଣ ସହ ଡିଏଫ୍‌ଓ ଙ୍କୁ ଜଣାଇବାରୁ ପ୍ରତ୍ୟୁତ୍ତରରେ କାଠ ପରିବହନ ବେଳେ କୁଆଡେ ଜଙ୍ଗଲ ବିଭାଗ କାଠ ଜବତ କରିବାର ନିୟମ ଅଛି। ବୃକ୍ଷ କଟାଯାଇ ଗୋଟିଏ ସ୍ଥାନରେ ଜମା କରି ରଖିଥିଲେ କିମ୍ବା ଇଟା ଭାଟିରେ ପୋଡ଼ିଲେ ମଧ୍ୟ ଜଙ୍ଗଲ ବିଭାଗ ସେହି କାଠକୁ ଜବତ କରି ପାରିବେ ନାହିଁ ବରଂ କିଛିଟା ପେନାଲ୍ଟୀ କାଟି ପାରିବେ ବୋଲି ଡିଏଫ୍‌ଓ ଦୃଢୋକ୍ତିର ସହ ଜବାବ୍ ଦେଇଥିଲେ। କଟି ଥିବା ବୃକ୍ଷ ପ୍ରଜାର ନା ଜଙ୍ଗଲର ତାହା ମଧ୍ୟ ତଦନ୍ତ ପରିସରଭୁକ୍ତ ନୁହେଁ। ତେବେ ଘର ଏବଂ ବିଭିନ୍ନ ସ୍ଥାନରେ ଜମା କରି ରଖାଯାଇଥିବା କାଠ ପଟା, ବହ୍ଲ ଇତ୍ୟାଦି ପରିବହନ ହେଉ ନଥିବା ବେଳେ ଜଙ୍ଗଲ ବିଭାଗ କର୍ମଚାରୀମାନେ ଘର ଘର ପଶି ସରକାରଙ୍କ କେଉଁ ନିୟମ ବଳରେ ସେ ଦ୍ରବ୍ୟକୁ ଜବତ କରିବା ସହ କେସ ରୁଜୁ କରୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ହୁଏ। ରାଜ୍ୟ ସରକାର ଜଙ୍ଗଲ ସୁରକ୍ଷା ନିମନ୍ତେ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଦୁର୍ବଳତାର ସୁଯୋଗ ନେଇ ଜଙ୍ଗଲ ମାଫିଆମାନେ ଜଙ୍ଗଲରେ ଥିବା ନାମୀ ଦାମୀ ବୃକ୍ଷକୁ କାଟି ନେବାରେ ସଫଳ ହେଉଛନ୍ତି। ଇଟା ଭାଟି ମାନଙ୍କରେ ଜମା ଥିବା ବୃକ୍ଷ ଗୁଡ଼ିକୁ ଯଦି ଜବତ କରାଯାଏ ତେବେ ବିନା କାଠରେ ଭାଟି ଜଳିବା ଅସମ୍ଭବ। ଜଙ୍ଗଲ ବିଭାଗର ଟିକିଏ ତତ୍ପର ଜିଲ୍ଲାରେ ଲାଲ ଇଟା ଭାଟି ରୋକିବାରେ ସଫଳ ହେବ। ଇଟା ଭାଟି ଜଳିବା ଯୋଗୁଁ ସହର ଉତପ୍ତ ହେଉଛି। ଜଙ୍ଗଲରେ ବନ୍ୟଜନ୍ତୁମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏଣୁ ଅନେକ ସମୟରେ ସହରମୁହାଁ ହୋଇ ପ୍ରାଣ ହରାଉଥିବା ଦେଖିବାକୁ ମିଳୁଛି। ସହର ନିକଟ ଗ୍ରାମ ସୁର୍ଡା ଅଂଚଳରେ ଅନେକ ଲାଲ ଇଟାଭାଟି କାଠରେ ପୋଡୁଥିବା ବେଳେ ପୁଇନ୍ତଲା ତହସିଲ, ଖଣି ବିଭାଗ ଏବଂ ଜଙ୍ଗଲ ବିଭାଗର ନିଘା ନାହିଁ।

ସୁର୍ଡା ଗ୍ରାମର ଜୈନେକ ଇଟା ଭାଟି ମାଲିକ ପ୍ରାୟ ୭/୮ ଟି ଇଟା ଭାଟି କରିଛନ୍ତି। ସେହି ଭାଟିରୁ ପ୍ରାୟ ୫/୬ ଲକ୍ଷ ଇଟା ବାହାରିବ ବୋଲି ଚର୍ଚ୍ଚା ହୁଏ। ବର୍ତ୍ତମାନ ଗୋଟିଏ ଟ୍ରାକ୍ଟରରେ ପ୍ରାୟ ୧୨୫୦ ଇଟାକୁ ୭୫୦୦ ଟଙ୍କାରୁ ୮୦୦୦ ଟଙ୍କା। ତେବେ ଏହି ଇଟା ବ୍ୟବସାୟୀ ତାଙ୍କର ସମସ୍ତ ଖର୍ଚ୍ଚ କାଟି ଗୋଟିଏ ସିଜନ୍ ରେ କେତେ ଟଙ୍କା ଲାଭ କରୁଛନ୍ତି ତଦନ୍ତ ସାପେକ୍ଷ। ତାଙ୍କ ଇଟା ଭାଟିରେ କାଠ ଗଣ୍ଡୀ ଗୁଡ଼ିକ ଲଗାଇ ଭାଟି ତିଆରି କରୁଥିବା ବେଳର ଦୃଶ୍ୟ ଡିଏଫଓଙ୍କ ପାଖକୁ ପଠାଯାଇଥିଲା। ଡିଏଫଓ କ'ଣ ପଦକ୍ଷେପ ନେଉଛନ୍ତି ଦେଖିବାକୁ ବାକି ରହିଲା।

# ପିଇବା ପାଣି, ବିଜୁଳି କାଟରେ ଡହଳ ବିକଳ ବଲାଙ୍ଗିରବାସୀ: ଭୋଟ ନେଇ ଲୋକଙ୍କ ଅଭିଯୋଗ ଶୁଣୁ ନାହାନ୍ତି ବିଧାୟକ ଓ ମନ୍ତ୍ରୀ: ନରସିଂହ

ବଲାଙ୍ଗିର, ୨୫/୦୫ (ନି.ପ୍ର): ୨୦୧୪ ରୁ ୨୦୨୩ ପର୍ଯ୍ୟନ୍ତ ବଲାଙ୍ଗିର ବାସୀଙ୍କ ପାଇଁ ପିଇବା ପାଣି ଓ ଲୋ ଭୋଲଟେଜ୍ ଓ ବିଦ୍ୟୁତ କାଟ ସମସ୍ୟାକୁ ପ୍ରାୟତଃ ସମାଧାନ କରାଯାଇଥିଲା। ସମସ୍ତ ଟ୍ରାନ୍ସଫର୍ମରକୁ ଅପଗ୍ରେଡେସନ କରାଯାଇଥିଲା। ପ୍ରତ୍ୟେକ ୱାର୍ଡରେ ପିଇବା ପାଣି ପାଇପ ହେଉ କି ଟେଙ୍କର ଯୋଗେ ପହଂଚା ଯାଇଥିଲା କିନ୍ତୁ ଆଜି କ'ଣ ପାଇଁ କେବଳ ସହର ନୁହେଁ ଗାଁ ଗାଁ ରେ ମଧ୍ୟ ପିଇବା ପାଣି, ବିଜୁଳିକୁ ନେଇ ଲୋକେ ଡହଳବିକଳ ହେଉଛନ୍ତି। ବଲାଙ୍ଗିରବାସୀ ବିଶ୍ୱାସ କରି ଭୋଟ ଦେଲେ ବର୍ତ୍ତମାନ ସେମାନେ ବିଧାୟକ, ମନ୍ତ୍ରୀ ହୋଇ ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବାକୁ ପଛଘୁଂଚା ଦେଉଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମରେ ଲୋକେ ବିଜୁଳି କାଟ, ପାଣି ପାଇଁ ଘୋର ଦୁର୍ଦ୍ଦଶାରେ ଥିବାବେଳେ ଏହି ଜନପ୍ରତିନିଧିମାନେ କିନ୍ତୁ ବଲାଙ୍ଗିରବାସୀଙ୍କ ଅଭିଯୋଗ ଶୁଣିବାକୁ ମଧ୍ୟ ସମୟ ନ ଦେଇ ରାଜଧାନୀ ଭୁବନେଶ୍ୱର କିମ୍ବା ରାଜ୍ୟ ବାହାରେ ଅୟସ କରୁଛନ୍ତି ବୋଲି ଆଜି ସ୍ଥାନୀୟ ଏକ ଘରୋଇ ହୋଟେଲରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଅତି କ୍ଷୋଭର ସହ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବନ୍ଧକଟାର ଉନ୍ନତି ପାଇଁ ନଗର କଂଗ୍ରେସ ତରଫରୁ ବାରମ୍ବାର ଆନ୍ଦୋଳନ କରାଯାଇଥିଲା କିନ୍ତୁ ଏକ ସମୟରେ ଉନ୍ନତିକରଣ ନାଁ ରେ ସମସ୍ତ ବନ୍ଧକଟାର ପାଣି ସୁଖେଇ ଦେବାରୁ ବର୍ତ୍ତମାନ ସହରର ଭୂତଳ ଜଳସ୍ତର ବହୁତ ନିମ୍ନକୁ ଚାଲିଯାଇଛି। ଗାଁ ଗଣ୍ଡାରୁ ଆସୁଥିବା ଲୋକେ ସହରରେ ପିଇବା ପାଣି ପାଇବାର ଦୂରର କଥା ଶୌଚ କି ଗାଧୋଇବା ପାଣି ସେମାନଙ୍କ ପାଇଁ ସ୍ୱପ୍ନ ହୋଇଯାଇଛି। ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ଆସିଥିବା ମହାରାଣୀ ସାଗର ସୌନ୍ଦର୍ଯ୍ୟକରଣ ଦୁର୍ନିତିରେ ପୌର ପରିଷଦ ସମ୍ପୂର୍ଣ୍ଣ ବୁଡି ରହିଛି। ଅଣ କୁଶଳି ୧୦୦ ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କ ନାମରେ ଜଣେ ମାତ୍ର ଠିକାଦାର କାମ କରି ବହୁ କୋଟି ଟଙ୍କାର ଦୁର୍ନିତି କରି ଐତିହ୍ୟ ସମ୍ପନ୍ନ ମହାରାଣୀ ସାଗରର ସୁନ୍ଦରତାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଛନ୍ତି। ପୁଣି ବର୍ତ୍ତମାନ ସହରର ସବୁ ବନ୍ଧକଟାର ମାଟି ଉତୋଳନ କାମ ଏତେ ଧିମାରେ ଚାଲିଛି ଯେ ଏଥିରେ ମଧ୍ୟ ଯଦି ଗୋଟିଏ ଦୁଇଟା ବର୍ଷା ହୋଇଯାଏ ତେବେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ ଦେଖାଇ ସମ୍ପୂର୍ଣ୍ଣ ଅନୁଦାନ ରାଶିକୁ ଆତ୍ମସାତ କରିଦେବେ। ତେଣୁ ପ୍ରଶାସନ ଏବଂ ସରକାରଙ୍କୁ ଆମର ଅନୁରୋଧ ଏ ଦିଗରେ ଶିଘ୍ର ପଦକ୍ଷେପ ନିଅନ୍ତୁ ନଚେତ ଏହି ବନ୍ଧକଟାରେ ମଧ୍ୟ ବଡଧରଣର ଦୁର୍ନିତି ହେବ। ନିର୍ବାଚନ ଜିତିଯିବା ପରେ ବିଧାୟକ ମନ୍ତ୍ରୀମାନେ ଲୋକଙ୍କ ଅଭିଯୋଗ ଶୁଣୁ ନାହାନ୍ତି ତେଣୁ ସେମାନେ ମଧ୍ୟ ଦୁର୍ନିତିରେ ଲିପ୍ତ ବୋଲି ଚାଲିଆଡେ ଲୋକେ ଚର୍ଚ୍ଚା କଲେଣି। ଏମାନଙ୍କ ଦୁର୍ନିତି ଏତେ ଚରମସୀମାରେ ପହଂଚି ଯେ, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଯୋଗାଇ ଦେବାକୁ ମଧ୍ୟ ପିସି ଦାବି କରୁଛନ୍ତି। ଜିଲ୍ଲାରୁ ଶକ୍ତି ମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଥାଇ ଉଭୟ କାହିଁକି ବିଜୁଳି କାଟ ଓ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିବାରେ ବିଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର କ୍ଷୋଭର ସହ କହିଥିଲେ। ଜିଲ୍ଲାର ପୁର୍ତ୍ତ, ଗ୍ରାମ୍ୟ ଉନ୍ନୟନ ହେଉ କି ବ୍ଲକ ସବୁ ଜାଗାରେ ନେତାମାନେ ପିସି ପାଇଁ ହାଉଁ ହାଉଁ ହେଉଥିବାରୁ ବିଭିନ୍ନ ପ୍ରକଳ୍ପ କାମରେ ବଡ ଦୁର୍ନିତି ହୋଇଥିବାର ଅଭିଯୋଗ ଚାରିଆଡେ ଆସୁଛି। ସଦାଇପାଲି ଏକ କାମରେ ବଲାଙ୍ଗିର ବ୍ଲକ ପ୍ରଶାସନ କାର୍ଯ୍ୟାଦେଶ ଦେବା ସତ୍ୱେ ସେହି ନିର୍ଦ୍ଦିଷ୍ଟ ଅନୁଦାନକୁ ସମ୍ପୂର୍ଣ୍ଣ ଖାଇଯାଇଛନ୍ତି। ଆରଟିଆଇ ତଥ୍ୟ ଅନୁସାରେ, ବ୍ଲକ ରେ କାର୍ଯ୍ୟାଦେଶ ଅଛି କିନ୍ତୁ ଫାଇଲ ଚୋରି ହୋଇଯାଇଛି। ଦୁଃଖର କଥା, ବ୍ଲକ ପ୍ରଶାସନ କିନ୍ତୁ ଫାଇଲ ଚୋରି ହୋଇଛି ବୋଲି ପୋଲିସରେ କୌଣସି ଅଭିଯୋଗ କରିନାହାନ୍ତି। ଆଗାମୀ ଦିନରେ ନିଶ୍ଚିତ ଭାବରେ ଏହାକୁ ନେଇ ଆଇନର ସହାୟତା ନିଆଯିବ ବୋଲି କାର୍ଯ୍ୟାଦେଶ ପାଇଥିବା ବ୍ୟକ୍ତି ସୂଚନା ଦେଇଛନ୍ତି ବୋଲି ଶ୍ରୀ ମିଶ୍ର କହିଥିଲେ। ନେତାମାନେ ନିର୍ବାଚନ ଜିତିବାର ଦୁଇ ବର୍ଷ ବିତି ଯାଇଥିଲେ ଆପତିଜନକ ସ୍ଥାନରେ ଯଥା ଲକ୍ଷ୍ମୀଯୋର ହେଉ କି ଇନ୍ଦିରା ନଗର, ମହାରାଣୀ ସାଗର ହେଉ, ଭୂମିହୀନଙ୍କୁ ଥଇଥାନ ପାଇଁ ବିନା ମୂଲ୍ୟରେ ଜମି ଓ ଘର କାହିଁକି ଦିଆଯିବାର ବନ୍ଦୋବସ୍ତ ଆଜି ପର୍ଯ୍ୟନ୍ତ କରିପାରିଲେ ନାହିଁ ବୋଲି ଶ୍ରୀ ମିଶ୍ର କ୍ଷୋଭର ସହ ପ୍ରଶ୍ନ କରିଥିଲେ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ନୂଆ ନିଯୁକ୍ତି ପାଇଥିବା ଜିଲ୍ଲା ମହିଳା କଂଗ୍ରେସ ସଭାପତି ଜୟନ୍ତି ପୁଟେଲ ନାରୀ ନିର୍ଯ୍ୟାତନା ରୋକିବାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଫେଲ ହୋଇଛନ୍ତି। ଦରଦାମ ନିୟନ୍ତ୍ରଣରେ ଏହି ସରକାର ଏତେ ଫେଲ ମାରିଛି ଯେ ବର୍ତ୍ତମାନ ମା ଭଉଣୀମାନେ ଘର ଚଳାଇବାରେ ଘୋର ଆର୍ଥିକ ଅନାଟନର ସମ୍ମୁଖିନ ହେଉଛନ୍ତି। ଏ ସମସ୍ୟାର ସମାଧାନ ପ୍ରତି ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆମେ ଘରକୁ ଘର ବୁଲି ସରକାର ବିରୁଦ୍ଧରେ ଯୁଦ୍ଧମ୍ ଦେହି ଡାକରା ଦେବୁ ବୋଲି କହିଥିଲେ। ମଂଚାସିନ ଥିବା ଦେଓଗାଁ ବ୍ଲକ ମହିଳା କଂଗ୍ରେସ ସଭାପତି ତଥା ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ ଗାଁରେ ଇନ୍ଦିରା ଆବାସ, ବାର୍ଦ୍ଧକ୍ୟ ଭତା, ସୁଭଦ୍ରା ଯୋଜନା ନାଁ ରେ ଲୋକଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭୁଆଁ ବୁଲାଇଛନ୍ତି ବୋଲି କହିଥିଲେ।

# ଶିଶୁ ଆଙ୍କିଲେ ସଂସ୍କୃତି ଓ ପରମ୍ପରାର ଗାଥା

ପୁରୀ, ୨୫/୦୫ (ନି.ପ୍ର): ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ପିଲାଙ୍କ ଖବର କାଗଜ ଶିଶୁ ସମାଚରର ଉନବିଂଶ ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥି ମାନଙ୍କୁ ଉତରୀୟ ଓ ପୁଷ୍ପ ପ୍ରଦାନ କରାଯାଇ ସ୍ୱାଗତ କରାଯାଇ ଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ପରିବାରର ସଦସ୍ୟ ଶିକ୍ଷାବିତ୍ ଧୃବଚରଣ କର, ଅବନୀଶ ରଥ, ରଘୁନାଥ ଜଗଦେବ,ସିଦ୍ଧାର୍ଥ ରାୟ, ଗୌରବ ପାସୋରିୟା, କୁମାର ଉତ୍ସବର ସଂପାଦକ ସ୍ୱାଧୀନ ପଣ୍ଡା ପ୍ରମୁଖ ଯୋଗ ଦେଇ କୁନି କୁନି ଶିଶୁମାନଙ୍କୁ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ଓ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ଶିଶୁ ସମାଚାର ଯେଉଁ ପ୍ରଚେଷ୍ଟା ଜାରି ରଖିଛି ତାହା ବେସ୍ ତାତ୍ପର୍ଯ୍ୟ ପୂର୍ଣ୍ଣ ବୋଲି କହିଥିଲେ। ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର ବିଚାରକ ଭାବେ ବରିଷ୍ଠ ଚିତ୍ର ଶିଳ୍ପୀ ଚନ୍ଦ୍ର ମହାରଣା, ଦୂର୍ଗା ମାଧବ କର, ନୃସିଂହ ପ୍ରସାଦ ନାୟକ, ସତ୍ୟନାରାୟଣ ପାଢୀ, କାଂଚନ ଶୁକ୍ଳା, ମୀନାକ୍ଷୀ ଦାସ, ମିଟୁ ସୁବୁଦ୍ଧି ସଠିକ୍ ମୂଲ୍ୟାଙ୍କନ କରିଥିଲେ। ଶିଶୁ ପ୍ରାରମ୍ଭ ପ୍ରତିଯୋଗିତାରେ ବିନାୟକ ଶିକ୍ଷା ମନ୍ଦିରର ଏମ୍ ସିଦ୍ଧିଦାତ୍ରୀ ସ୍ୱାଇଁ ପ୍ରଥମ, ଉକ୍ତ ବିଦ୍ୟାଳୟର ଅଭିଜିତ ସାସ୍ମଲ ଏବଂ ବ୍ଲେସ୍ ସାକ୍ରମେଂଟ ହାଇସ୍କୁଲର ଭାବିକ୍ ପାସୋରିଆ ଯୁଗ୍ମ ଦ୍ୱିତୀୟ ଓ ବିଜ୍ ବିସ୍ ଏକାଡେମୀର ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗୁଣ୍ଡିଚା ଇଂଲିସ୍ ମିଡିୟମ ସ୍କୁଲର ଆଦିତ୍ରୀ ଅଭିନବ୍ୟ ସାହୁ, ଡିଏଭି ସ୍କୁଲର ରାଜଲକ୍ଷ୍ମୀ ସାହୁ ଓ ସତ୍ୟଭାମା ଇଂଲିସ୍ ମିଡିୟମର ପଦ୍ମାକ୍ଷୀ ପଦ୍ମଜା ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚତୁର୍ଥରୁ ସପ୍ତମ ଶ୍ରେଣୀରେ ଡିପିଏସ୍ ନାଲ୍କୋ ନଗର ଅନୁଗୋଳର ପ୍ରୟାସା ପ୍ରଜ୍ଞାନ ସାହୁ, ଡିଏଭି ପବ୍ଲିକ୍ ସ୍କୁଲର ସଂପଦ କୁମାର ଦାସ୍ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମଧୁବନର ସୃଷ୍ଟି ସ୍ୱରୂପା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲ। ଅଷ୍ଟମରୁ ଦଶମ ଶ୍ରେଣୀରେ ଡିଏଭି ପବ୍ଲିକ୍ ସ୍କୁଲ୍ ର ଅନୁରାଗ ଆଚାର୍ଯ୍ୟ, ସାରସ୍ୱତ ବିଦ୍ୟା ନିକେତନ ଅନୀଶ୍ ଦାସ ଓ ବିଶ୍ୱମ୍ଭର ବିଦ୍ୟପୀଠର ଆୟୁଷ୍ମାନ ମହାରଣା ଯଥାକ୍ରମେ ପ୍ରଥମ। ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିଶୁ ସମାଚାରର ସଂପାଦକ ସୁକାନ୍ତ ପଣ୍ଡା ପ୍ରତିଯୋଗିତା ସଂପର୍କରେ ସୂଚନା ଦେବା ସହ ଆଗାମୀ ଦିନରେ ଚେସ୍, ଯୋଗ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କହିବା ସହ ଅଗଷ୍ଟ ୮ ତାରିଖରେ ପୁରୀ ପୌର ସଦନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସମସ୍ତ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯିବ ବୋଲି କହିଥିଲେ। ଡଃ. ସ୍ନେହଲତା ରଥ, ସ୍ମିତା ଶ୍ରୀ ମହାନ୍ତି, ସୁଶ୍ରୀ ସଂଗିତା ପ୍ରଧାନ, ସ୍ନିଗ୍ଧା ମିଶ୍ର, ଶ୍ରୀୟା ଶ୍ରୀ ପଣ୍ଡା, ବିନିତା ଦିକ୍ଷୀତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ପରିବାର ସଦସ୍ୟ ଶରତ ରାୟଗୁରୁ ସଂଯୋଜନା କରିଥିବା ବେଳେ ଶିକ୍ଷାବିତ୍ ଶିବ ସୁନ୍ଦର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବଲାଙ୍ଗୀର ପାୟୋନିଅର ଚାମ୍ପିୟନ୍ ଲିଗ୍ : ୧୨ ବର୍ଷରୁ କମ୍ ଟି-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ବଲାଙ୍ଗିର, ୨୫/୦୫ (ନି.ପ୍ର): ବଲାଙ୍ଗିରରେ ସ୍ଥାନୀୟ ମିଶନ ପଡ଼ିଆରେ ଗତ ମେ ମାସ ୧୭ ତାରିଖରୁ ଆରମ୍ଭ ହୋଇଥିବା ପାୟୋନିଅର ୧୨ ବର୍ଷରୁ କମ୍ ବୟସର ଜୁନିଅର୍ ଡ୍ୟୁସ ବଲ୍ ଟି-ଟ୍ୱେଂଟି କ୍ରିକେଟ୍ ଲିଗ୍ ଆଜି ଉଦଯାପିତ ହୋଇଯାଇଛି। ଏଥିରେ ବଲାଙ୍ଗୀରର ୫ଟି ଦଳ ଅଂଶଗ୍ରହଣ କରିଥିଲେ। ଲିଗ ମ୍ୟାଚ୍ ପରେ ପଏଂଟ ଓ ଜିତ ହାରକୁ ନେଇ ଆଜି ଦୁଇଟି ଦଳ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଏହି ଟୁର୍ଣ୍ଣାମେଂଟରେ ପାୟୋନିଅର କିଙ୍ଗ, ପାୟୋନିଅର ୱାରିଅର, ପାୟୋନିଅର ଲାୟନ୍ ଓ ସାନଭି କ୍ରିକେଟ୍ ଏକାଡେମୀର ଜୁନିୟର ଟିମ୍, ପାୟୋନିଅର ଚାମ୍ପିୟନ ଦଳ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟକ ମ୍ୟାଚରେ କୁନି ଖେଳାଳି ମାନେ ତାଙ୍କର ଖେଳ ପ୍ରତିଭା ବେଶ୍ ପ୍ରଦର୍ଶନ କରି ସମସ୍ତଙ୍କ ମନ ଜିଣିଥିଲେ। ଯେଉଁଥିରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ପାୟୋନିଅର ୱାରିଅର ଏବଂ ପାୟୋନିଅର ଚାମ୍ପିୟନ୍ ଫାଇନାଲକୁ ଉତୀର୍ଣ୍ଣ ହୋଇଥିଲେ। ଏବଂ ଆଜି ଉଭୟ ଦଳ ମଧ୍ୟରେ ଫାଇନାଲ ମେଚ ଖେଳ ହୋଇଥିଲା। ୨୦ ଓଭର ବିଶିଷ୍ଟ ମ୍ୟାଚରେ ଟସ୍ ଜିତି ପାଇନର ଚାମ୍ପିୟନ୍ ପାୟୋନିଅର ୱାରିଅରକୁ ବ୍ୟାଟିଙ୍ଗ ପାଇଁ ଆମନ୍ତ୍ରିତ କରିଥିଲା। ପାୟୋନିଅର ୱାରିଅର ୧୫୫ ରନ୍ କରିଥିବା ବେଳେ ୧୫୬ ର ବିଜୟ ଲକ୍ଷ୍ୟ ଥିଲା। ପ୍ରତିପକ୍ଷ ଟିମ୍ ପାୟୋନିଅର ଚାମ୍ପିୟନ୍ ବ୍ୟାଟିଙ୍ଗ ଆରମ୍ଭ କରି ୧୮ ଓଭରରେ ଆବଶ୍ୟକ ରନ୍ ୧୫୭ ରନ ସଂଗ୍ରହ କରି ଚାମ୍ପିୟନ୍ ହୋଇଥିଲା। ଦଳ ପକ୍ଷରୁ କପ୍ତାନି ଇନିଙ୍ଗସ ଖେଳି ଅକ୍ଷର ଜେନ ୧୧୭ ରନ କରି ନିଜ ଟିମ୍ କୁ ଜିତାଇ ଥିଲେ। । ଏବଂ ସେ ମ୍ୟାନ ଅଫ ଦି ମ୍ୟାଚ ସହ ମ୍ୟାନ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ।

ଶିଶୁ ଖେଳାଳିଙ୍କ କ୍ରିକେଟ ଖେଳ ପ୍ରତିଭାକୁ ସୁଯୋଗ ଦେବା ଏହି ଟୁର୍ଣ୍ଣାମେଂଟର ଉଦ୍ଦେଶ୍ୟ ଥିଲା। ଯେଉଁଥିରେ ସବୁ ଦଳର କୁନି ଖେଳାଳିମାନେ ତାଙ୍କ ପ୍ରତିଭା ପ୍ରଦର୍ଶିତ କରିଥିଲେ। ଏହି ଟୁର୍ଣ୍ଣାମେଂଟରେ ତିନୋଟି ଶତକ, ୧୦ଟି ଅର୍ଦ୍ଧଶତକ ବ୍ୟକ୍ତିଗତ ପାରି ଖେଳି କୁନି ଖେଳାଳୀ ତାଙ୍କର ବ୍ୟାଟିଂ ଦକ୍ଷତା ଦେଖାଇ ଥିଲେ। ସେହିପରି ବୋଲିଙ୍ଗର ମଧ୍ୟ କିଛି ବଳର ଉତ୍କୃଷ୍ଟ ବୋଲିଙ୍ଗ ପ୍ରଦର୍ଶନ କରିଥିଲେ। ଯେଉଁଥିରେ ବୋଲର ପୁରବ ନାୟକ ୪ ଓଭର ସ୍ପେଲରେ ୫ଟି ୱିକେଟ ନେଇ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ସେହିପରି ଶ୍ରେଷ୍ଠ କିପର ଭାବରେ ତାନିଶ, ଶ୍ରେଷ୍ଠ ଫିଲ୍ଡର ରୋଶନ, ଶ୍ରେଷ୍ଠ ଉଦିୟମାନ ଖେଳାଳି ଭାବରେ ଆକାଶ, ଆଦର୍ଶ ଶୃଙ୍ଖଳିତ ଖେଳାଳି ଭାବରେ ଶ୍ରେୟଂଶ ଓ ଆୟାଂଶ, ଶୃଙ୍ଖଳିତ ଦଳ ଭାବରେ ପାୟୋନୀୟର କିଙ୍ଗ, ଭଲ ଆମ୍ପାୟରିଂ ପାଇଁ ଶିବରାଜ ପଣ୍ଡା ଓ ପ୍ରତୀକ ଘିବାଲା ପୁରସ୍କୃତ ହୋଇଥିଲେ।

# ପରମାଣପୁରରେ କିସାନ ସମାଜ ମିଟିଂ ଗୃହ ନିର୍ମାଣ ପାଇଁ ଦାବି

ଝାରସୁଗୁଡା, ୨୫/୦୫ (ନି.ପ୍ର): କୋଲାବିରା ବ୍ଲକ ଅଧିନସ୍ଥ ପରମାଣପୁର ଗ୍ରାମ ଉପର କିସାନ ପାଦ ରେ ଗୋଟିଏ ମିଟିଂ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନିକଟରେ ୫୫୦ ଜାତି କିସାନ ସମାଜ ଆଂଚଳିକ ଗୁଡ଼ି ପରମାଣପୁର ପକ୍ଷରୁ ଲିଖିତ ଅନୁରୋଧ କରାଯାଇଛି। ଲିଖିତ ଦାବିପତ୍ର ଅନୁଯାୟୀ, କୁଣହା ଜାତି ସମାଜର ଆଖପାଖ ୮ଟି ଗ୍ରାମକୁ ନେଇ ୫୫୦ ଜାତି କିସାନ ସମାଜ ଆଂଚଳିକ ଗୁଡ଼ି ପରମାଣପୁର ଉପର କିସାନ ପଡ଼ାରେ କାର୍ଯ୍ୟ କରୁଛି। ଏଠାରେ ବିଭିନ୍ନ ସ୍ଥାନରେ ଜାତି ସମାଜ ର ବୈଠକ, ନ୍ୟାୟ ନିଷ୍ପତି ବୈଠକ ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବୈଠକ ମାନେ ଆୟୋଜନ ହେଉଛି। ଏଣୁ ଉପର କିସାନ ପଡ଼ା ରେ ଜାତି ସମାଜର ଏକ ମିଟିଂ ଗୃହ ନିର୍ମାଣ କରାଗଲେ କିସାନ ସମାଜର ୮ଟି ଗ୍ରାମବାସୀ ଉପକୃତ ହୋଇପାରିବେ ବୋଲି ଆଂଚଳିକ ଗୁଡ଼ି ର ସଭାପତି ଅଭିମନ୍ୟୁ କିସାନଙ୍କ ସହ ଅନ୍ୟ ସଦସ୍ୟ ବିଧାୟକଙ୍କୁ ଲିଖିତ ଅନୁରୋଧ ଜଣାଇଛନ୍ତି। ଏହା ଉପରେ ପଦକ୍ଷେପ ନେବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

# ନବରଙ୍ଗପୁର-କୋରାପୁଟ ଜିଲ୍ଲାରେ ୫୦ କୋଟି ହଡ଼ପ ଅଭିଯୋଗ: ଡାକଘର କର୍ମଚାରୀଙ୍କ ବିରୁଦ୍ଧରେ ସାଂଘାତିକ ଅଭିଯୋଗ

ଜୟପୁର, ୨୫/୦୫ (ନି.ପ୍ର): ଡାକ ବିଭାଗ ନାମରେ ସାଙ୍ଘାତିକ ଅଭିଯୋଗ ଆଣିଛି ବିଜେଡି। ୫୦ କୋଟି ଟଙ୍କା ହଡ଼ପ ହୋଇଛି। ଡାକ ବିଭାଗର ଅଧିକାରୀ, କର୍ମଚାରୀ ଓ ଦଲାଲ ମିଶି ହଡ଼ପ କରିଛନ୍ତି। ବିଜୁ ଜନତା ଦଳର ପୂର୍ବତନ ସାଂସଦ ପ୍ରଦୀପ ମାଝୀ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ରାଜ୍ୟ ଯୁବ ବିଜେଡି ଉପସଭାପତି ଅରୁଣ କୁମାର ମିଶ୍ର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ମିଶ୍ର, ସରୋଜ ପାତ୍ର, ଧର୍ମେନ୍ଦ୍ର ଅଧିକାରୀ ପ୍ରମୁଖ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି କି ନବରଙ୍ଗପୁର କୋରାପୁଟ ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ମହତ୍ୱାକାଂକ୍ଷୀ ମନରେଗା ଯୋଜନାରେ ଗରିବ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ କୋଟି କୋଟି ଟଙ୍କାର ମଜୁରୀ ହଡ଼ପ ହୋଇଥିବା ନେଇ ସାଂଘାତିକ ଅଭିଯୋଗ ଆସିଛି। ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ଡାକ ବିଭାଗର କିଛି ଅସାଧୁ କର୍ମଚାରୀଙ୍କ ମିଳିତ ହୋଇ ପ୍ରାୟ ୫୦ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଆଶଙ୍କା କରାଯାଉଛି। ଅଭିଯୋଗ ଅନୁଯାୟୀ ଡାବୁଗାଁ, ଝରିଗାଁ ଓ କୋଡ଼ିଙ୍ଗା ଡାକଘର ସମେତ ବିଭିନ୍ନ ଅଞ୍ଚଳର ସବ୍ ପୋଷ୍ଟମାଷ୍ଟର ମାନେ ସରକାରୀ ନିୟମକୁ ବେଖାତିର କରି ଏହି ଠକେଇ କରିଛନ୍ତି। ୨୫୦୦୦ ହଜାର ପ୍ରକୃତ ହିତାଧିକାରୀଙ୍କୁ ମଜୁରୀ ନଦେଇ ୮୦୦ ପୋଷ୍ଟ ଅଫିସରେ ବିଗତ ୨୦୨୧ ମସିହା ଠାରୁ ସେମାନଙ୍କ ଆକାଉଣ୍ଟର କେୱାଇସି ପରିବର୍ତନ କରିବା ସହ ମିଥ୍ୟା ଅଙ୍ଗୁଠି ଛାପ ବ୍ୟବହାର କରି ପାଣ୍ଠି ଆତ୍ମସାତ୍ କରାଯାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲାର କେବଳ ଏହି ତିନୋଟି ବ୍ଲକ ନୁହେଁ, ଅନ୍ୟ ଅନେକ ଡାକଘରେ ମଧ୍ୟ ସମାନ ଧରଣର ଠକେଇ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଉଚ୍ଚ ପଦସ୍ଥ ପୋଷ୍ଟାଲ କର୍ତ୍ତୃପକ୍ଷ ଏହି ଦୁର୍ନୀତି ସମ୍ପର୍କରେ ଅବଗତ ଥାଇ ମଧ୍ୟ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଏହା ଏକ ସୁଚିନ୍ତିତ ସୁଦୀର୍ଘ ଅପରାଧିକ ଜାଲ। ଦୁର୍ବଳ ବର୍ଗର ଲୋକେ ସେମାନଙ୍କ ହକ୍ ରୁ ବଂଚିତ ହେଉଥିବା ବେଳେ ପ୍ରଶାସନର ନିରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମାଜସେବୀ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ଯେ, ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ତୁରନ୍ତ ଗିରଫ କରାଯାଉ। ଏହି ପରିପ୍ରେକ୍ଷୀରେ ଏକ ସିବିଆଇ ତଦନ୍ତ ଦାବି କରିଥିଲେ ଏଥିସହିତ ପ୍ରକୃତ ହିତାଧିକାରୀ ମାନଙ୍କୁ ସେମାନଙ୍କର ପ୍ରାପ୍ୟ ମଜୁରୀ ତୁରନ୍ତ ପ୍ରଦାନ କରିବାକୁ ଦାବି ହୋଇଛି। ନଚେତ ପିଏମଜି କାର୍ଯ୍ୟାଳୟ ଘେରାଉ ସହ ନ୍ୟାୟାଳୟ ଆଶ୍ରୟ ନେବ ବୋଲି କହି ତୁରନ୍ତ ଗରିବ ଲୋକଙ୍କ ରାଶି ଫେରାଇ ବାକୁ ଦାବୀ ହୋଇଛି।

## ଶ୍ରୀଜୀଉ ଦର୍ଶନ ଭିଡରେ ମହିଳା ଶ୍ରଦ୍ଧାଳୁ ଅଚେତ୍

ପୁରୀ, ୨୫/୦୫ (ନି.ପ୍ର): ରବିବାର ଯୋଗୁଁ ସିଂହଦ୍ୱାରରେ ରହିଥିଲା ପ୍ରବଳ ଗହଳି। ଭକ୍ତମାନେ ଗୁଳୁଗୁଳି ଯୋଗୁଁ ହେଉଥିଲେ କଲବଲ। ଭୋର ଚାରିଟା ରୁ କର୍ଣ୍ଣାଟକର ଭକ୍ତ ତୁଳସୀ ପଟେଲ ସିଂହଦ୍ୱାରରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କଲେ ଜଳଖିଆ ଖାଇଥାନ୍ତେ। ଠିଆ ହୋଇଥିଲେ ହଠାତ ପଡିଗଲେ ଅଚେତ ହୋଇଗଲେ। ସୁରକ୍ଷା କର୍ମୀ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଚିକିତ୍ସା ପରେ ମହିଳା ଭକ୍ତ ସୁସ୍ଥ ଅଛନ୍ତି। ସକାଳ ୫. ୩୮ ମିନିଟ୍ ରେ ଦ୍ୱାର ଖୋଲିଥିଲା। ଦେଢ଼ ଘଣ୍ଟା ଠିଆହେବା ପରେ ମହିଳା ଭକ୍ତ ପଡିଯାଇଥିଲେ। ସିଂହଦ୍ୱାର ଠାରେ ପ୍ରବଳ ଠେଲାପେଲା ଦେଖିବାକୁ ମିଳିଥିଲା। ଦର୍ଶନ ପାଇଁ ଭକ୍ତ ବ୍ୟାକୁଳ ହେଉଥିଲେ। ଅନେକ ଭକ୍ତ ଗରମ ଓ ଗୁଳୁଗୁଳି ଯୋଗୁଁ ଝାଳରେ ଗାଧୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏସି, ଫ୍ୟାନ, ଥଣ୍ଡା ପାଣି ବ୍ୟବସ୍ଥା ହୋଇ ନଥିବା ଦେଖିବାକୁ ମିଳିଥିଲା। ଭକ୍ତ ଅଚେତ ହେବା ପରେ ସିଂହଦ୍ୱାର ଥାନା ଆଇଆଇସି ପଣା ବାଂଟୁଥିବା ଦେଖିବାକୁ ମିଳିଥିଲା। ତ୍ୱରିତ ଭକ୍ତ ଦର୍ଶନ ପାଇଁ ଦାବୀ ହେଉଛି।

# ବୁଲା ଗାଈଗୋରୁ ପାଇଁ ଖଡ଼ିଆଳରେ ଟ୍ରାଫିକ ସମସ୍ୟା

ନୂଆପଡ଼ା, ୨୫/୦୫ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ସହରର ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ଗାଈଗୋରୁଙ୍କ ଯୋଗୁଁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏପରିକି ଚାରିଚକିଆ ଯାନରେ ଯାଉଥିବା ଲୋକ ମଧ୍ୟ ଦୁର୍ଘଟଣା ଶିକାର ହେଉଛନ୍ତି। ଗାଈଗୋରୁ ଓ ବୁଲା କୁକୁରଙ୍କ ପ୍ରତି ଏନଏସିର ନିଘା ନାହିଁ। ସହରର ପ୍ରମୁଖ ରାସ୍ତାରେ ଏହି ସମସ୍ୟା ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ସହର ମଧ୍ୟରେ ମାଳ ମାଳ ଗାଈଗୋରୁ ବୁଲୁଥିବା ବେଳେ ଖଡ଼ିଆଳ ଏନଏସି ଅଧୀନରେ ଥିବା କାଞ୍ଜି ଘର ଦୀର୍ଘ ବର୍ଷ ହେବ ବନ୍ଦ ଥିବାରୁ ଏନଏସି ଗାଈ ଗୋରୁଙ୍କୁ ଧରିଲେ କେଉଁଠାରେ ରଖିବ ତାକୁ ନେଇ ସମସ୍ୟା ସୃଷ୍ଟି ହେଉଛି। ବୁଲା ଗାଈଗୋରୁ ଓ କୁକୁରଙ୍କୁ ଧରିବା କାର୍ଯ୍ୟରେ ଏନଏସି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ କର୍ମଚାରୀ ନିୟୋଜିତ କରି ବୁଲା କୁକୁର, ଗାଈଗୋରୁଙ୍କୁ ଥଇଥାନ ଆରମ୍ଭ କରିବାକୁ ସହର ବାସୀଙ୍କ ପକ୍ଷରୁ ବାରମ୍ବାର ଦାବି କରାଯାଉଛି। ସହରରେ ଦିନକୁ ଦିନ ବୁଲା ଗାଈ ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ସେମାନଙ୍କୁ ଧରିବା ପାଇଁ ଏନଏସି କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଦିନକୁ ଦିନ ସମସ୍ୟା ବଢି ଚାଲିଛି ଓ ଗାଈଗୋରୁ ଦୁର୍ଘଟଣାର ସଂମ୍ମୁଖୀନ ହୋଇ ମୃତ୍ୟୁବରଣ କରୁଛି। ଅନ୍ୟପକ୍ଷରେ ଗାଈଗୋରୁ ମାଲିକ ମାନେ ସଚେତନ ନହେବାରୁ ପ୍ରତ୍ୟେକ ଦିନ ସହରର ବିଭିନ୍ନ ରାସ୍ତାରେ ଗୋଠ ଗୋଠ ହୋଇ ଗୋରୁ ଗାଈ ରାସ୍ତା ଉପରେ ବୁଲୁଛନ୍ତି। ସହରର ଅଧିକାଂଶ ରାସ୍ତା ଅଣ ଓସାରିଆ ହୋଇଥିବାରୁ ଗାଈଗୋରୁ ରାସ୍ତାରେ ଚଲାବୁଲା କଲେ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରରେ ଶହଶହ ବୁଲା କୁକୁର ରାସ୍ତା ଉପରେ ଶୋଇ ରହୁଛନ୍ତି। ରାତିରେ ଯାତାୟାତ କରୁଥିବା ଲୋକଙ୍କୁ ଗୋଡାଇବା ଫଳରେ ବାଇକରୁ ପଡ଼ି ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଇଛନ୍ତି। ଏଥିପ୍ରତି ଏନଏସି ପ୍ରଶାସନ ଦୃଷ୍ଟି ଦେବାକୁ ସହର ବାସୀ ଦାବି କରିଛନ୍ତି।

# ଚାଷ କାମର ବଦଳୁଛି ଢାଂଚା : ଶୁଭୁନି ହୁଳହୁଳି ଓ ହଳିଆ ଗୀତ

ଜୟପୁର, ୨୫/୦୫ (ନି.ପ୍ର): କଥାରେ ଅଛି, ଚାଷ କାମ ଯାହାର, କି ଆନନ୍ଦ ତାହାର, ସିଏ ପରା ଯୋଗାଉଛି ଦୁନିଆକୁ ଆହର। ଏହି କାର୍ଯ୍ୟ ପାଇଁ ଚାଷୀ ସଭିଙ୍କ ପାଖରେ ଆଦର ପାଉଥିଲା। ଦିନ ଥିଲା ଗ୍ରାମାଚଂଳ ଲୋକେ ଅନ୍ୟ କାର୍ଯ୍ୟ ଅପେକ୍ଷା ଚାଷ କାର୍ଯ୍ୟ କରିବା ପାଇଁ ଆଗଭର ହେଉଥିଲେ। ବିଭିନ୍ନ କାରଣରୁ ଧିରେ ଧିରେ ଏବେ ଚାଷ କାମ ବନ୍ଦ ହେବାକୁ ବସିଛି। ପୂର୍ବରୁ ଚାଷ କରୁଥିବା ପ୍ରଣାଳୀ ବଦଳାଇ ନୂତନ ପଦ୍ଧତିରେ ଚାଷ କରି ଅଧିକ ଉପାର୍ଜନ ପାଇଁ ଉଦ୍ୟମ ଆରମ୍ଭ ହେଉଥିବା ବେଳେ ଏହା ଏବେ ପୋଥି ବାଇଗଣ ପାଲଟିଯିବ ଏହି ଆଶଙ୍କା ପ୍ରକାଶ ପାଉଛି। କୋରାପୁଟ ଜିଲାର ଚାଷୀ ମୁଖ୍ୟତଃ ଖରିଫ ଓ ରବି ଋତୁରେ ଧାନ ଚାଷ କରିଥାନ୍ତି। ଏବେ ଚାଷ କାମ ବାଟବଣା ହେଉଥିବା ବେଳେ ଚାଷର ଉପାୟ ବଦଳିବାରେ ଲାଗିଛି। ହଳରେ ଏବେ ଆଉ ପ୍ରାୟ କେହି ଚାଷ କରୁନଥିବା ବେଳେ ଚାଷୀ ହୁଳହୁଳି, ହଳିଆ ଗୀତ ପୂର୍ବଭଳି ଆଉ ରୁଆ, ବୁଣା ବେଳେ ଶୁଣିବାକୁ ମିଳୁନାହିଁ। ପୂର୍ବରୁ ଚାଷୀ ଜମିରେ ଚାଷ ପାଇଁ ହଳ, ଲଙ୍ଗଳ ବ୍ୟବହାର କରୁଥିଲେ। ଏବେ ଚାଷ ପାଇଁ ଟ୍ରାକ୍ଟର, ପାୱାର ଟିଲର୍ ବ୍ୟବହାର ହେଉଛି। ମାସ ମାସ ଧରି ଚାଲୁଥିବା ଚାଷ କାମ ଏବେ କମ୍ ଦିନରେ ଶେଷ ହେଉଛି। ପ୍ରତିଗାଁରେ ପୂର୍ବେ ଘରେ ଘରେ ଜମି ଚାଷ ପାଇଁ ବଳଦ, ପୋଢ ପାଳନ କରାଯାଉଥିଲା। ଏପରିକି କିଛି ଧନୀ ଚାଷୀ ମଧ୍ୟ ଗାଈ ବଳଦଙ୍କ ପାଇଁ ହଳିଆ ମଧ୍ୟ ରଖୁଥିଲେ। ଘର ଆଗରେ ଗୁହାଳ ଦେଖିବାକୁ ମିଳୁଥିଲା। ହଳପାଇଁ ଚାଷୀ କୁସୁମ, ଫାଶୀ, ବାବୁଲ, ଗୁହାରିଆ ପ୍ରଭୃତି, କାଠର ଲଙ୍ଗଳ, ଢାମଣ, ଇଷ ତଥା ଅନ୍ୟାନ୍ୟ ଉପକରଣ ରଖାଯାଉଥିଲା। କିଛି ଚାଷୀ ମାମୁଁ ଭଣଜା ବଳଦକୁ ଏକାଠି କରି ହଳ କାର୍ଯ୍ୟରେ ଲଗାଉଥିଲେ। ପ୍ରତିବର୍ଷ ପ୍ରଥମ ବର୍ଷା ପରେ ଚାଷୀମାନେ ବଳଦ ବିକାକିଣା କରିବା ସହିତ ଅନ୍ୟଗ୍ରାମରୁ ବଳଦ କିଣି ଆଣୁଥିଲେ। ମହାଲକ୍ଷ୍ମୀ ସ୍ନାନ ଦିନ ଭୋର ସମୟରେ ତଳିଘଣା ପରେ ପୂଜାର୍ଚ୍ଚନା କରି ରୁଆ କାର୍ଯ୍ୟ ଆରମ୍ଭ କରୁଥିଲେ। ହଳ ଧରି ବିଭିନ୍ନ ଢଙ୍ଗରେ ମଧୁର କଣ୍ଠରେ ଗୀତ ଗାଇ ହଳ କରୁଥିବା ଦେଖାଯାଉଥିଲା। ମହିଳାମାନେ ହୁଳହୁଳି ସହ ମିଳିତ ଭାବେ ଗୀତ ଗାଉଥିଲେ। ଦୂରରୁ ଗୀତ ଶୁଭିଲେ ଚାଷ କାମ ଚାଲିଥିବା ସଂକେତ ମିଳୁଥିଲା। ଗୋଟିଏ ଜମିରେ ମହିଳା ଗୀତ ଗାଇବା ଆରମ୍ଭ କଲେ ଅନ୍ୟ ଜମିର ମହିଳା ତାହା ଅନୁସରଣ କରୁଥିଲେ। ରାମ ଯେ ଲଇଖଣ ଗଲେ ମୃଗମାରି ଓ ଅନ୍ୟ ଗୀତ ଆଉ ଶୁଣାଯାଉନାହିଁ। ବିଭିନ୍ନ କାରଣରୁ ଏବେ ହଳ ରଖିବା ବନ୍ଦ ହୋଇଯାଉଥିବା ବେଳେ ଗ୍ରାମାଚଂଳରେ ପଶୁସମ୍ପଦ ବିଶେଷ ଭାବେ ହ୍ରାସ ପାଇଛି। ଚାଷ ଜମିରେ ଘର ନିର୍ମାଣ ସହ ବର୍ଷ ବର୍ଷ ଧରି ଜମି ପଡିଆ ରଖାଯାଉଛି। ଉର୍ବର ଜମି ମଧ୍ୟ ଏଥିରୁ ବାଦ୍ ପଡୁନି। ପୂର୍ବରୁ ଶ୍ରମିକଙ୍କୁ ବର୍ଷକିଆ ଚୁକ୍ତି ଭିତିରେ ନିଯୁକ୍ତି ଦିଆଯାଇ ଧାନ, ମାଣ୍ଡିଆ, ସୁଆଁ ପ୍ରଭୃତି ଭାବେ ଦିଆଯାଉଥିଲା। ଶସ୍ୟ ମାପିବା ପାଇଁ ନଉତି, ଅଡା ଆଦି ବ୍ୟବହାର କରାଯାଉଥିବା ବେଳେ

# ପାକସ୍ଥଳୀ ଅଣୁଜୀବଙ୍କୁ ପ୍ରଭାବିତ କରୁଛି ଅତି ପ୍ରକ୍ରିୟାକୃତ ଖାଦ୍ୟ



ଆମ ସ୍ୱାସ୍ଥ୍ୟର ନାନାଦି ବିଭବ ଉପରେ ପ୍ରଭାବ ପକାଉଛନ୍ତି ପେଟ ଭିତରେ ଥିବା ଅସୁମାରି ଅଣୁଜୀବ। ପାକସ୍ଥଳୀର ଅଣୁଜୀବଙ୍କ ବିବିଧତା ଠିକ୍ ଗୋଟାଏ ବନସ୍ତରେ ଥିବା କିସମ କିସମ ଗଛବୃଛ ଓ ଜୀବଜନ୍ତୁଙ୍କ ଭଳି। ପାକସ୍ଥଳୀରେ ଯେତେ ଅଧିକ ଓ ଭିନ୍ନଭିନ୍ନ ଜାତିର ଅଣୁଜୀବ ରହିବେ ମନୁଷ୍ୟ ସେତେ ଅଧିକ ପେଟ ବେମାରି ସହ୍ୟ କରିବାକୁ ସମର୍ଥ ହେବ। ବିଜ୍ଞାନ ମଧ୍ୟ ଦୀର୍ଘ ଦିନରୁ ସୁନିଶ୍ଚିତ କରିସାରିଛି ଯେ ମନୁଷ୍ୟର ସାମଗ୍ରିକ ସୁସ୍ଥତା ନିମନ୍ତେ ମୁଖ୍ୟ ଉପାଦାନ ହେଉଛି ବିପୁଳସଂଖ୍ୟକ ବିବିଧ କିସମ ପାକସ୍ଥଳୀ ଅଣୁଜୀବ। କାରଣ, ଏହା ମନୁଷ୍ୟ ମିଜାଜ୍‌ରୁ ନେଇ ମେଟାବଲିଜିମ୍ ଓ ମସ୍ତିଷ୍କକୁ ବି ପ୍ରଭାବିତ କରେ। ଅଣୁଜୀବ ବିବିଧତା ହ୍ରାସ ପାଇଲେ ମନୁଷ୍ୟଠାରେ ଶୟନ ସମସ୍ୟା, ପାକସ୍ଥଳୀ ବିକୃତି ଓ ପ୍ରଦାହ ଭଳି ରୋଗ ହେବାର ଯଥେଷ୍ଟ ଆଶଙ୍କା ଥାଏ। ତେଣୁ, କିଙ୍ଗ୍‌ସ କଲେଜ୍ ଲଣ୍ଡନ୍‌ର ନ୍ୟୁଟ୍ରିସନ୍ ପ୍ରଫେସର ସାରା ବେରି କହନ୍ତି, ‘‘ଏ ଗୋଟାଏ ସାମଗ୍ରିକ ପରିସଂସ୍ଥାନ। ଅର୍ଥାତ୍ ଆମ ଶରୀର ମଧ୍ୟରେ ଅଣୁଜୀବସମୂହ ଗୋଟାଏ ଅତିରିକ୍ତ ଅଙ୍ଗ ସଦୃଶ।’’ କିନ୍ତୁ, ଆମେ ସାଧାରଣତଃ ଖାଉଥିବା କେତେକ ଆହାର ପାକସ୍ଥଳୀସ୍ଥିତ ପରିସଂସ୍ଥାନର କ୍ଷତିସାଧନ କରୁଛି ବୋଲି ପ୍ରମାଣ ମିଳିଗଲାଣି। ବିଶେଷତଃ ଅଲ୍ ?ଟ୍ରା-ପ୍ରୋସେସ୍‌ଡ ଫୁଡ୍ ବା ଅତି ପ୍ରକ୍ରିୟାକୃତ ଆହାର ମନୁଷ୍ୟ ପାକସ୍ଥଳୀରେ ଅଣୁଜୀବଙ୍କ କ୍ରିୟାକଳାପରେ ବ୍ୟାଘାତ ଓ ପରିବର୍ତ୍ତନ ଘଟାଇପାରେ। ଏ ଧରଣର ଖାଦ୍ୟରେ ଦିଆଯାଉଥିବା ଏମଲ୍‌ସିଫାୟର, କୃତ୍ରିମ ଶର୍କରା ଓ ରଙ୍ଗ ଭଳି ଅସଂଖ୍ୟ ରାସାୟନିକ ଉପାଦାନ ଏଥିପାଇଁ ଦାୟୀ। ଅଧିକ ସ୍ୱାଦଯୁକ୍ତ, ମୁସ୍‌ମୁସିଆ କରିବା ପାଇଁ ଅଥବା ଖାଦ୍ୟର ରୂପ ବଦଳାଇବା ପାଇଁ ଏବଂ ଦୀର୍ଘଦିନ ତଟକା ରଖିବା ଲାଗି ପ୍ରକ୍ରିୟାକରଣକାରୀ କମ୍ପାନିମାନେ ଏସବୁ କରନ୍ତି। ସୁପରମାର୍କେଟ୍‌ଗୁଡ଼ିକରେ ମିଳୁଥିବା ଅଧିକାଂଶ ପ୍ରକ୍ରିୟାକୃତ ଖାଦ୍ୟଦ୍ରବ୍ୟରେ ଅଧିକ ଏମଲ୍‌ସିଫାୟର ଥିବା କଥା ଗବେଷକମାନେ କହନ୍ତି। ଏ ଧରଣର ରାସାୟନିକ ଉପାଦାନ, ବିଶେଷ କରି ଏମଲ୍‌ସିଫାୟର ମିଶ୍ରିତ ଆହାର ଭୋଜନ କଲେ ପାକସ୍ଥଳୀରେ ଥିବା ଅଣୁଜୀବଙ୍କ ଉପରେ କୁପ୍ରଭାବ ପଡ଼େ। ତା’ଛଡ଼ା ଏଥିଯୋଗୁଁ, ଆଇବିଡି, ଆଇବିଏସ୍, ଏବଂ କଲୋରେକ୍ଟାଲ୍ କ୍ୟାନ୍‌ସର ଆଦି ରୋଗ ହେବାର ଆଶଙ୍କା ଥାଏ।

ପାକସ୍ଥଳୀର ଅନ୍ତରେ ଲାଗିରହିଥିବା ବହଳିଆ ଲାଳ ଅଣୁଜୀବମାନଙ୍କ କବଳରୁ ଏହାର ଭିତରପାର୍ଶ୍ୱ ସୁରକ୍ଷିତ ରଖିଥାଏ। ଏ ଲାଳ ପ୍ରଦାହ ପ୍ରତିରୋଧକ ଭାବେ କାର୍ଯ୍ୟ କରିଥାଏ। ଅତି ପ୍ରକ୍ରିୟାକୃତ ଖାଦ୍ୟ ଖାଇବା ଯୋଗୁଁ ଉଦରସ୍ଥ ଲାଳ କ୍ଷୟ ହୋଇଯାଏ ଏବଂ ଅଣୁଜୀବମାନେ ଅନ୍ତ ଭିତରପାର୍ଶ୍ୱକୁ ସଂକ୍ରମିତ କରି ପ୍ରଦାହ ସୃଷ୍ଟି କରନ୍ତି। ଏହାର ଅର୍ଥ ନୁହେଁ ଯେ ପ୍ରକ୍ରିୟାକୃତ ଖାଦ୍ୟ ଆଦୌ ନ ଖାଇବା। ମାତ୍ର ନିଜ ସ୍ୱାସ୍ଥ୍ୟ ଓ ପାକସ୍ଥଳୀ ଅଣୁଜୀବଙ୍କ ହିତ ପାଇଁ ଏଥିସହିତ ଯଥା ସମ୍ଭବ ସଦ୍ୟ ରନ୍ଧା ଖାଦ୍ୟ ଖାଇବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

# ଅଧିକ ସୁବିଧାଜନକ ଡିଜିଟାଲ୍ ଶ୍ରବଣ ଯନ୍ତ୍ର



ଡିଜିଟାଲ୍ ହିଅରିଂ ଏଡ୍ ବା ଡିଜିଟାଲ୍ ଶ୍ରବଣ ଯନ୍ତ୍ର ହେଉଛି ଏକ ଅତ୍ୟାଧୁନିକ ଉପକରଣ ଯାହା ଶ୍ରବଣ ସମସ୍ୟା ଭୋଗୁଥିବା ବ୍ୟକ୍ତିଙ୍କ ଆବଶ୍ୟକତା ଓ ପସନ୍ଦ ଅନୁସାରେ ଧ୍ୱନିର ପ୍ରକ୍ରିୟାକରଣ ଓ ପରିବର୍ଦ୍ଧନ କରିବାକୁ ସକ୍ଷମ। ଡିଜିଟାଲ୍ ପ୍ରକ୍ରିୟାକରଣର ଉପଯୋଗ ଯୋଗୁଁ ଏହି ଯନ୍ତଟି ବାହ୍ୟ ଧ୍ୱନିକୁ ଭଲଭାବେ ବିଶ୍ଳେଷଣ କରି ସୂକ୍ଷ୍ମ ପରିବର୍ତ୍ତନ ଘଟାଇଥାଏ, ଯାହା ଅଧିକ ଶୁଦ୍ଧ ଶ୍ରବଣ ଅଭିଜ୍ଞତା ପ୍ରଦାନ କରିଥାଏ। ଏହି ଅଭିନବ ପ୍ରଯୁକ୍ତି ଯୋଗୁଁ ଶ୍ରବଣଶକ୍ତି କ୍ଷୟ ସହ ଯୁଝୁଥିବା ଲୋକମାନେ ପୁଣି ଥରେ ଭଲଭାବେ ଶୁଣିପାରନ୍ତି ଏବଂ ବାର୍ତ୍ତାଳାପ କରିପାରନ୍ତି। ଏହି ଯନ୍ତଟିର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି ବ୍ୟକ୍ତିଗତ ଆବଶ୍ୟକତା ଅନୁସାରେ ଧ୍ୱନିର ଶ୍ରେଷ୍ଠ ମାତ୍ରା ନିର୍ଦ୍ଧାରଣ କରିବାର ସୁବିଧା। ଏହି ଯନ୍ତଟି ବିଭିନ୍ନ ପରିବେଶ ସହ ଖାପଖୁଆଇ ଧ୍ୱନିରେ ସଂଶୋଧନ କରିଥାଏ। ଶ୍ରବଣ ଯନ୍ତ୍ର ବିଶେଷଜ୍ଞ ଏହି ଡିଜିଟାଲ୍ ଉପକରଣକୁ କମ୍ପ୍ୟୁଟର ସହିତ ସଂଯୋଗ କରି ବ୍ୟକ୍ତିଗତ ଆବଶ୍ୟକତା ଅନୁସାରେ ଧ୍ୱନି ପ୍ରକ୍ରିୟାକରଣର ସେଟିଂ କରିଥାନ୍ତି। ଶ୍ରବଣଶକ୍ତିର ସ୍ତର, ଜୀବନଶୈଳୀ, ଆର୍ଥିକ ସ୍ଥିତି ଓ ସ୍ୱାଚ୍ଛନ୍ଦ୍ୟ ଆଦି ଦିଗକୁ ଦୃଷ୍ଟିରେ ରଖି ଡିଜିଟାଲ୍ ଶ୍ରବଣ ଯନ୍ତ୍ର ବାଛିପାରିବେ। ଅଡିଓଲଜିଷ୍ଟ ଏ ଦିଗରେ ବିଶେଷ ସହାୟକ ହୋଇପାରିବେ। ଆଜିକାଲି ଏଭଳି ଡିଜିଟାଲ୍ ଶ୍ରବଣ ଯନ୍ତ୍ର ମିଳିଲାଣି, ଯାହାକୁ ସ୍ମାର୍ଟଫୋନ, ଟିଭି ଓ ଅନ୍ୟାନ୍ୟ ଉପକରଣ ସହିତ ବ୍ଲୁଟୁଥ୍ ମାଧ୍ୟମରେ ସଂଯୋଗ କରିହେଉଛି।

ଘର ଭିତରେ ଥିବା ପବନ କ’ଣ ଘାତକ କି? ନଭେମ୍ବର ମାସ ଆରମ୍ଭ ହେବା ସହିତ, ସାରା ଦେଶରେ ପାଗ ପରିବର୍ତ୍ତନ ହେବା ଆରମ୍ଭ ହୋଇଛି। କେଉଁଠି ଆକାଶ କଳା ମେଘରେ ଘୋଡ଼ାଇ ହୋଇଯାଉଛି ତ ଅନ୍ୟ କେଉଁଠି ସକାଳ କୁହୁଡ଼ି ଚାଦରରେ ଘୋଡ଼ାଇ ହୋଇଯାଉଛି। କୁହୁଡ଼ି ବିଷୟରେ କହିବାକୁ ଗଲେ, ନଭେମ୍ବର ମାସର କୁହୁଡ଼ିର ମୁଖ୍ୟ କାରଣ ହେଉଛି ବାୟୁ ପ୍ରଦୂଷଣ ଏବଂ ତାପମାତ୍ରାରେ ହ୍ରାସ।

ପାଗ ପରିବର୍ତ୍ତନ ସହିତ ପ୍ରଦୂଷଣ ବୃଦ୍ଧି ପାଇଥାଏ। ଲୋକେ ପ୍ରାୟତଃ ବିଶ୍ୱାସ କରନ୍ତି ଯେ, ପ୍ରଦୂଷଣ କେବଳ ସେମାନଙ୍କ ଘର ବାହାରେ ରହିଥାଏ, କିନ୍ତୁ ଏହା ସତ ନୁହେଁ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଘର ଭିତରେ ପ୍ରଦୂଷଣ ମଧ୍ୟ ଘଟେ। ଧୂପକାଠି ଏବଂ ରୋଷେଇ ଘରର ଧୂଆଁ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ସମାନ କ୍ଷତିକାରକ। ଏସବୁ ଘର ଭିତରର ବାୟୁ ପ୍ରଦୂଷଣ। ବିଶେଷଜ୍ଞମାନଙ୍କ ଅନୁସାରେ ଧୂପକାଠି ଭଳି ଜିନିଷରେ ଭୋଲାଟାଇଲ୍ ଜୈବ ଯୌଗିକ ରହିଥାଏ।

ଏହି ସ୍ଥାନଗୁଡ଼ିକରେ ଦୀର୍ଘ ସମୟ ଧରି ରହିବା ଦ୍ୱାରା ଫୁସଫୁସ ପ୍ରଦାହ ଏବଂ ଲଗାତାର କାଶ ହୋଇପାରେ। ପୂର୍ବରୁ ଶ୍ୱାସକ୍ରିୟା ସମସ୍ୟା ଥିବା ବ୍ୟକ୍ତିମାନଙ୍କୁ ବିଶେଷ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।




*ରୋଷେଇ ଘରର ଧୂଆଁ ସ୍ୱାସ୍ଥ୍ୟ ପାଇଁ ବିପଦଜନକ :*

ଡକ୍ଟର ମିତ୍ତଲଙ୍କ ଅନୁସାରେ ରୋଷେଇ ଘରର ଧୂଆଁ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇପାରେ। ଡକ୍ଟର ମିତ୍ତଲଙ୍କ ମତରେ, ଯେଉଁ ଘରେ ଚିମନି କିମ୍ବା ବାୟୁଚଳନ ବିନା ରୋଷେଇ କରାଯାଇଥାଏ, ସେଠାରେ ପ୍ରଦୂଷଣ ବାହାର ପବନ ଅପେକ୍ଷା ମଧ୍ୟ ଅଧିକ ବିପଦପୂର୍ଣ୍ଣ ହୋଇପାରେ।

ଏହା ବାହାର ପ୍ରଦୂଷଣ ପରି ବିପଜ୍ଜନକ ହୋଇପାରେ। ଏଥିରେ ପ୍ରଦୂଷଣ ପରି ବିପଜ୍ଜନକ କଣିକା ମଧ୍ୟ ଥାଏ । ତେଣୁ, ଘର ଭିତରେ ପ୍ରଦୂଷଣରୁ ନିଜକୁ ରକ୍ଷା କରିବା ପାଇଁ ଘରେ ଉପଯୁକ୍ତ ବାୟୁ ଚଳାଚଳ ସୁନିଶ୍ଚିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

*ଘର ଭିତରର ବାୟୁ ପ୍ରଦୂଷଣକୁ କିପରି ଏଡାଇବେ ?*

ଘର ଭିତରେ ବାୟୁ ପ୍ରଦୂଷଣକୁ ଏଡାଇବା ପାଇଁ, ଧୂପକାଠି କମ୍ ବ୍ୟବହାର କରନ୍ତୁ କିମ୍ବା ଖୋଲା କୋଠରୀରେ ବ୍ୟବହାର କରନ୍ତୁ।

ସୁଗନ୍ଧ ପାଇଁ,ଏସେନସିଆଲ ଅଏଲ କିମ୍ବା ବୈଦ୍ୟୁତିକ ସୁଗନ୍ଧ ବ୍ୟବହାର କରିପାରିବେ।

ରୋଷେଇ କରିବା ସମୟରେ ସର୍ବଦା ଏକଜଷ୍ଟ ଫ୍ୟାନ୍ କିମ୍ବା ଚିମନି ଚଲାନ୍ତୁ।

ତେଲକୁ ପୁଣି ଥରେ ଗରମ କରିବାରୁ ଦୂରେଇ ରୁହନ୍ତୁ।

ଭାଜିବା ପରିବର୍ତ୍ତେ, ଫୁଟାଇବା, ଷ୍ଟିମ୍ କରିବା କିମ୍ବା ବେକିଂ ଭଳି ପଦ୍ଧତିର ବ୍ୟବହାର କରନ୍ତୁ।

# ମାନସିକ ଚାପ ହ୍ରାସ କରେ ଯୋଗ

ଶରୀରକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ ସହ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ। ଏହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ। ତା’ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ। ନିୟମିତ ଯୋଗ କଲେ ରକ୍ତଚାପ ସନ୍ତୁଳିତ ରହିଥାଏ। ଅନେକ ସମୟରେ ମାନସିକ ଚାପ ଆମ ପାଇଁ ସମସ୍ୟା ସାଜିଥାଏ। ଯୋଗ ଦ୍ୱାରା ଏଥିରୁ କେତେକାଂଶରେ ରକ୍ଷା ମିଳିଥାଏ। ସବୁବେଳେ ଯୋଗ କଲେ ଭଲ ନିଦ ହୁଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଯୋଗ କରିବା ଦ୍ୱାରା ସ୍ମରଣ ଶକ୍ତି ପ୍ରଖର ରହିଥାଏ। ତେଣୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ଯୋଗ ସାମିଲ କରିବା ଦରକାର।

# ସିଷ୍ଟ୍ ଥିବା ମହିଳାମାନେ ଏଭଳି ଭାବେ ସତର୍କ ରୁହନ୍ତୁ

ପଲିସିଷ୍ଟିକ୍ ଓଭାରି ସିଣ୍ଡ୍ରୋମ୍ ହେଉଛି ସବୁଠାରୁ ସାଧାରଣ ହରମୋନ୍ ରୋଗ। ଯାହାକି ଲକ୍ଷ ଲକ୍ଷ ମାସିକ ଋତୁସ୍ରାବ ହେଉଥିବା ମହିଳାଙ୍କୁ ପ୍ରଭାବିତ କରେ। ଏହା ରହିଲେ ମହିଳାମାନେ ଗର୍ଭଧାରଣାରେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି।




ଏହା ଅନିୟମିତ ଋତୁସ୍ରାବ, ବ୍ରଣ କିମ୍ବା ଅତ୍ୟଧିକ କେଶ ଝଡ଼ିବାର କାରଣ ହୋଇଥାଏ। ଓଜନ ବୃଦ୍ଧି ମଧ୍ୟ ଆଉ ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟେ କାରଣ ଏହା ହରମୋନ୍ ସନ୍ତୁଳନକୁ ଆହୁରି ବିପର୍ଯ୍ୟସ୍ତ କରିପାରେ।

ସମ୍ପ୍ରତି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ **PCOS** ପରାମର୍ଶଦାତା ଇନଷ୍ଟାଗ୍ରାମରେ ଏକ ଭିଡିଓ ଅପଲୋଡ୍ କରିଛନ୍ତି। ଯେଉଁଥିରେ ସର୍ବୋତ୍ତମ **PCOS** ସକାଳର ରୁଟିନ୍ ସେୟାର କରାଯାଇଛି।

କ’ଣ ସେହି ରୁଟିନ୍?

: କୁହାଯାଇଛି କି ପ୍ରତିଦିନ ସମାନ ସମୟରେ ଶୋଇବା ଏବଂ ଉଠିବା ହେଉଛି ସବୁଠାରୁ ଭଲ ଚିକିତ୍ସା। ଯାହା ଆପଣଙ୍କ ଶରୀରରେ କର୍ଟିସୋଲ୍ ସ୍ତରକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ।

: ସକାଳ ଜଳଖିଆରେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଜଳଖିଆରେ ଅତି କମ୍‌ରେ ୨୫ ପ୍ରତିଶତ ପ୍ରୋଟିନ୍? ରହିବା ଜରୁରୀ। ଏହା ଆପଣଙ୍କ ମେଟାବୋଲିଜିମ୍, ଶକ୍ତି, ରକ୍ତ ଶର୍କରା ଏବଂ ଇନସୁଲିନ୍ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

: ଆପଣଙ୍କ ସକାଳର ଡିଟକ୍ସ ରୁଟିନରେ ଗ୍ରିନ୍ ଟି ବା ସବୁ ଚା’କୁ ସାମିଲ କରିବାକୁ ଆଦୌ ଭୁଲନ୍ତୁ ନାହିଁ। ଗବେଷଣାରୁ ଜଣାପଡିଛି ଯେ ଏହି ସୁସ୍ଥ ପାନୀୟ ଇନସୁଲିନ୍ ପ୍ରତିରୋଧକୁ ଉନ୍ନତ କରିବାରେ, ଟେଷ୍ଟୋଷ୍ଟେରନ୍ ସ୍ତରକୁ ହ୍ରାସ କରିବାରେ ଏବଂ ସିଧାସଳଖ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ। ପୂର୍ବରୁ ପରାମର୍ଶଦାତା ମହିଳାମାନଙ୍କୁ ଡିଟକ୍ସ ଥିଲେ ତିନୋଟି ଅଭ୍ୟାସ ଅନୁସରଣ କରିବାକୁ କହିଥିଲେ

୧. ଦିନକୁ ଦୁଇ ଥର ସବୁଜ ଚା’ ପିଇବା ଜରୁରୀ

୨. ଦିନମାନ ମଧ୍ୟରେ ୧୦୦ ଗ୍ରାମ୍‌ର ପ୍ରୋଟିନ୍ ଖାଦ୍ୟ ଖାଇବା ଉଚିତ୍?

୩. ଏଲ୍-କାର୍ନିଟାଇନ୍ (୧,୦୦୦-୨,୦୦ଏମ୍‌ଜି) + ବର୍ବେରିନ୍ (୫୦୦-୧,୦୦୦ଏମ୍?ଜି) ନେବା ଜରୁରୀ।




**ଗ୍ରୀନ୍ ମଟରରୁ ମଟରକୁ ବାହାର କରିବା ପରେ ଆମେ ସେଥିରୁ ବାହାରୁଥିବା ଚୋପାକୁ ଫୋପାଡି ଦେଇଥାଉ। କିନ୍ତୁ ଆପଣ ଜାଣିଛନ୍ତି କି ଗ୍ରୀନ୍ ମଟରର ଚୋପା ଆମ ଶରୀର ପାଇଁ ବରଦାନ ସାବ୍ୟସ୍ତ ହୋଇଥାଏ। ତେବେ ଆସନ୍ତୁ ଜଣିବା ମଟର ଚୋପାର ବିଶେଷତ୍ୱ ସଂପର୍କରେ....**

ପରିବା ଏବଂ ଫଳ ଆମ ଶରୀର ପାଇଁ ଅନେକ ଲାଭଦାୟକ ହୋଇଥାଏ। ଏଥିରେ ରହିଥିବା ନାନାଦି ପ୍ରକାର ଭିଟାମିନ୍ ଏବଂ କ୍ୟାଲସିୟମ ଆମ ଶରୀରର ଅନେକ ଆବଶ୍ୟକତାକୁ ପୂରଣ କରିବାରେ ସାହାର୍ଯ୍ୟ କରିଥାଏ। ଡାକ୍ତର ମାନେ ବି ପ୍ରତ୍ୟେହ ଫଳ ଏବଂ ଭରପୁର ସବୁଜ ପନିପରିବା ଖାଇବାକୁ ପରାମର୍ଶ ଦେଇଥାଆନ୍ତି।କିନ୍ତୁ ଆମେ ପ୍ରତ୍ୟେକ ପନିପରିବା ବା ଫଳକୁ ଖାଇବା ସମୟରେ ତା ଦେହରୁ ବାହାରୁଥିବା ଚୋପାକୁ ଫୋପାଡି ଦେଇଥାଉ। କିନ୍ତୁ ଏଭଳି କିଛି ଫଳ ରହିଛି ଯାହାର ଚୋପା ପୋଷକ ତତ୍ତ୍ୱରେ ପରିପୁଣ ହେବା ସହ ଶରୀର ପାଇଁ ଅଧିକ ଲାଭଦାୟକ ହୋଇଥାଏ। ଶୀତଦିନେ ବଜାରରେ ଗ୍ରୀନ୍ ମଟର ସୁବିଧାରେ ଉପଲବ୍ଧ ହୋଇଥାଏ।

ମଟରକୁ ଆମେ ମଟର ସୁପ, ପନିର ମଟର ତରକାରୀ, ଉପମା ପରି କେତେ ବ୍ୟଞ୍ଜନରେ ବ୍ୟବହାର କରିଥାଉ। ସାଧାରଣତଃ ମଟରକୁ ବ୍ୟବହାର କରି ଆମେ ସେଥିରୁ ବାହାରୁ ଥିବା ଚୋପାକୁ ଫୋପାଡି ଦେଇଥାଉ। କେତେ ଲୋକ ମଟରରୁ ବାହାରୁଥିବା ଚୋପାକୁ ଗାଇଗୋରୁଙ୍କୁ ଖାଇବାକୁ ଦେବାରେ ବ୍ୟବହାର କରିଥାଆନ୍ତି। ଆୟୁର୍ବେଦ ଏବଂ ବୈଜ୍ଞାନିକ ଗବେଷଣା ଅନୁସାରେ ମଟର ଦାନା ପରି ଏହାର ଚୋପା ଶରୀର ପାଇଁ ବରଦାନ ଅଟେ। ତେବେ ଆସନ୍ତୁ ଏହାର ଫାଇଦା ସଂପର୍କରେ ଅଧିକ ଆଲୋଚନା କରିବା।

*ମଟର ଚୋପାରେ କେଉଁ କେଉଁ ଉପାଦାନ ରହିଥାଏ ?*

ମଟର ଚୋପାରେ କପର, ଭିଟାମିନ ସି, କ୍ୟାଲସିୟମ, ଫାଇବର ଭରପୁର ମାତ୍ରାରେ ରହିଥାଏ। ଏଥିରେ ଥିବା ପୋଟାସିୟମ ଶରୀରରେ ଥିବା ତରଳ ପଦାର୍ଥର ସନ୍ତୁଳନକୁ ବଜାଇ ରଖିବା ସହ ହୃଦୟକୁ ଭଲଭାବରେ କାମ କରିବାରେ ସାହାର୍ଯ୍ୟ କରିଥାଏ।

*ମଟର ଚୋପାରେ ରହିଥାଏ ଭିଟାମିନ*

ଭିଟାମିନ୍ ସି ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ। ଭିଟାମିନ୍ କେ ସ୍ୱାଭାବିକ ରକ୍ତ ଜମାଟ ବାନ୍ଧିବାରେ ସାହାଯ୍ୟ କରେ ଏବଂ ହାଡ଼କୁ ମଜବୁତ କରିଥାଏ।

*ଆଖି ପାଇଁ ଲାଭଦାୟକ*

ମଟର ଚୋପାରେ କ୍ୟାରୋଟିନଏଡ୍ ନାମକ ପ୍ରାକୃତିକ ରାସାୟନିକ ପଦାର୍ଥ ରହିଥାଏ। ଯାହା ଆଖି ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା ଆଖି କୋଷ କାର୍ଯ୍ୟକୁ ବଜାୟ ରଖିବା ସହିତ ଆଲୋକ କ୍ଷତିରୁ ଆଖିକୁ ସୁରକ୍ଷା ଦେଇଥାଏ।

*ପେଟ ପାଇଁ ଲାଭଦାୟକ*

ମଟରର ଚୋପାରେ ଭରପୁର ମାତ୍ରାରେ ଫାଇବର ରହିଥାଏ। ଯାହା ଆମ ଶରୀରର ପେଟ ସମସ୍ୟରେ ସୁଧାର ପରିଲକ୍ଷିତ କରିଥାଏ। ମଟର ଚୋପାର ସେବନ ଫଳରେ ଶରୀରରେ ଉପନ୍ନ କୋଷ୍ଠକାଠିନ୍ୟ, ଗ୍ୟାସ ପରି ଜଟିଳ ସମସ୍ୟାରୁ ଏହା ଆରାମ ଦେଇଥାଏ। ଏହା ଶରୀରରେ ପାଚନ କ୍ରିୟାକୁ ସରଳ କରିଥାଏ।

*ଓଜନ କମାଏ*

ଏହି ମଟର ଚୋପାକୁ ଡାଏଟ କରୁଥିବା ଲୋକମାନେ ଚଟଣି କରି ଖାଇପାରିବେ। ମଟରର ଚୋପାରେ ଫାଇବର ଭରପୁର ମାତ୍ରାରେ ରହିଥାଏ । ଫାଇବର ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ବହୁତ ସମୟ ପର୍ଯ୍ୟନ୍ତ ଭୋକ ଲାଗି ନଥାଏ । ଯେଉଁମାନେ ଡାଏଟ କରୁଛନ୍ତି ସେମାନେ ମଟରର ଚୋପାକୁ ପ୍ରତିଦିନ ଖାଇବା ଫଳରେ ମୋଟା ହୋଇନଥାଆନ୍ତି।

*ମଟରର ଚୋପାକୁ ବ୍ୟବହାର କରିବେ କିପରି ?*

ମଟରର ଚୋପାକୁ ପରିଷ୍କାର ଭାବରେ ଧୋଇ କାଟି ଏଥିରେ ଆଳୁ ମିଶାଇ ଭଜା ପ୍ରସ୍ତୁତ କରିପାରିବେ। ସେହିପରି ଏହି ଚୋପାରୁ ଆପଣ ସ୍ୱାଦିଷ୍ଟ ଚଟଣି ତିଆରି କରିପାରିବେ। ମଟରର ଚୋପାରେ କଞ୍ଚାଲଙ୍କା, ଧନିଆଗୁଣ୍ଡ, ଲେମ୍ବୁ, ରସୁଣ, ଚାଟ ମସଲାକୁ ବ୍ୟବହାର କରି ଚଟଣି ପ୍ରସ୍ତୁତ କରିପାରିବେ। ଏହି ଚଟଣୀକୁ ଆପଣ ରୁଟି, ପରଟା, ଭାତ ସହ ବିଭିନ୍ନ ସ୍ନାକ୍ସ ଖାଦ୍ୟ ସହ ଖାଇପାରିବେ ।

# କେତେ ସୁଦୃଢ଼ ଆମର ବିଦ୍ୟୁତ୍ ଗ୍ରିଡ୍ ବ୍ୟବସ୍ଥା ?

ସାମ୍ପ୍ରତିକ ସମୟରେ ଭାରତରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଉତ୍ତାପ ଯୋଗୁଁ ବିଦ୍ୟୁତ୍ ଚାହିଦା ଏକ ନୂତନ ରେକର୍ଡ ସୃଷ୍ଟି କରିଛି । କେନ୍ଦ୍ର ବିଦ୍ୟୁତ୍ ମନ୍ତ୍ରାଳୟର ସଦ୍ୟତମ ତଥ୍ୟ ଅନୁଯାୟୀ, ଗତ ମେ ୨୧, ୨୦୨୬ ତାରିଖ ଗୁରୁବାର ଦିନ ଦେଶର ସର୍ବୋଚ୍ଚ ବିଦ୍ୟୁତ୍ ଚାହିଦା ପ୍ରାୟ ୨୭୧ ଗିଗାୱାଟ୍ ଛୁଇଁଥିଲା । ଏକ ରିପୋର୍ଟ ଅନୁଯାୟୀ, ଅତ୍ୟଧିକ ତାପମାତ୍ରା କାରଣରୁ ଏୟାର କଣ୍ଡିସନର ଏବଂ କୁଲରର ବ୍ୟବହାର ଅତ୍ୟଧିକ ବୃଦ୍ଧି ପାଇଛି । ସରକାର ଏହି ବିଶାଳ ଚାହିଦାକୁ ସଫଳତାର ସହ ପୂରଣ କରାଯାଉଥିବା ଦର୍ଶାଇ ଏହାକୁ ଭାରତୀୟ ବିଦ୍ୟୁତ୍ ବ୍ୟବସ୍ଥାର ଶକ୍ତି ଓ ସ୍ଥିତିସ୍ଥାପକତାର ଏକ ବଳିଷ୍ଠ ପ୍ରମାଣ ଭାବରେ ଉପସ୍ଥାପନ କରୁଛନ୍ତି । ତେବେ ଗୋଟିଏ ପଟେ ସରକାର ନିଜର ବ୍ୟାପକ ପ୍ରସ୍ତୁତିକୁ ନେଇ ଆତ୍ମବିଶ୍ୱାସ ପ୍ରକଟ କରୁଥିବା ବେଳେ, ଅନ୍ୟ ପଟେ ଦେଶର ବିଭିନ୍ନ ପ୍ରାନ୍ତରୁ କ୍ରମାଗତ ଭାବରେ ବିଦ୍ୟୁତ୍ କାଟର ଖବର ସାମ୍ନାକୁ ଆସୁଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ମନ୍ତ୍ରାଳୟ ପକ୍ଷରୁ ଗ୍ରାହକମାନଙ୍କୁ ବିଦ୍ୟୁତର ସଠିକ୍ ଓ ବିବେକପୂର୍ଣ୍ଣ ବ୍ୟବହାର କରିବାକୁ ନିବେଦନ କରାଯାଇଛି । ଗ୍ରିଡ୍-ଇଣ୍ଡିଆର ରିପୋର୍ଟ ଅନୁଯାୟୀ ଶୁକ୍ରବାର (ମେ ୨୨, ୨୦୨୬) ଦିନ ଦେଶରେ ସର୍ବୋଚ୍ଚ ବିଦ୍ୟୁତ୍ ନିଅଣ୍ଟ ପ୍ରାୟ ୧.୭ ଗିଗାୱାଟ୍ ଥିଲା । ଏହି ନିଅଣ୍ଟ ସ୍ୱାଭାବିକ ଭାବରେ କିଛି ଅଞ୍ଚଳରେ ଲୋଡ୍ ସେଡିଂ ଏବଂ ବ୍ଲାକଆଉଟ୍ ବା ଅନ୍ଧକାରର କାରଣ ସାଜିଛି । ତେଣୁ ଏକ ବଡ଼ ପ୍ରଶ୍ନ ଉଠୁଛି ଯେ, କାଗଜପତ୍ରରେ ସୁଦୃଢ଼ ମନେ ହେଉଥିବା ଆମର ବିଦ୍ୟୁତ୍ ଗ୍ରିଡ୍ ବ୍ୟବସ୍ଥା ବାସ୍ତବରେ କେତେ ସ୍ଥିତିସ୍ଥାପକ ।

ବିଶେଷଜ୍ଞମାନଙ୍କ ମତରେ, ସରକାରୀ ଭାବରେ ଦର୍ଶାଯାଉଥିବା ୧.୭ ଗିଗାୱାଟର ନିଅଣ୍ଟ ତୁଳନାରେ ବାସ୍ତବରେ ଦେଶରେ ବିଦ୍ୟୁତ୍ ନିଅଣ୍ଟ ଆହୁରି ଅଧିକ ରହିଛି ଏବଂ ଏହାର ଏକ ବଡ଼ ଅଂଶ ରିପୋର୍ଟ କରାଯାଉନାହିଁ । ଆଧୁନିକ ସୁପରଭାଇଜରୀ କଣ୍ଟ୍ରୋଲ୍ ଆଣ୍ଡ୍ ଡାଟା ଆକ୍ୱିଜିସନ୍ ବା ସ୍କାଡା ବ୍ୟବସ୍ଥା ମାଧ୍ୟମରେ ବିଦ୍ୟୁତ୍ ଚାହିଦା ଉପରେ ତୀକ୍ଷ୍ଣ ନଜର ରଖାଯାଏ ଏବଂ ଗ୍ରିଡର ସ୍ଥିରତା ବଜାୟ ରଖିବା ତଥା ବ୍ୟାପକ ବ୍ଲାକଆଉଟକୁ ରୋକିବା ପାଇଁ ଡିସପ୍ୟାଚ୍ ସେଣ୍ଟରଗୁଡ଼ିକ ବିଦ୍ୟୁତ୍ ବଣ୍ଟନକୁ ପରିଚାଳନା କରନ୍ତି । ଚେନ୍ନାଇ ସ୍ଥିତ ସିଟିଜେନ୍ କଞ୍ଜ୍ୟୁମର ଆଣ୍ଡ୍ ସିଭିକ୍ ଆକ୍ସନ୍ ଗ୍ରୁପର ବିଦ୍ୟୁତ୍ ଶାସନ ବିଭାଗର ଦଳପତି ବିଷ୍ଣୁ ରାଓଙ୍କ ବିଶ୍ଳେଷଣ ଅନୁଯାୟୀ, ଡିସପ୍ୟାଚ୍ ସେଣ୍ଟରଗୁଡ଼ିକ ବୃହତ୍ତର ବା ମାକ୍ରୋ ସ୍ତରରେ କାର୍ଯ୍ୟ କରନ୍ତି, ଯେଉଁ କାରଣରୁ ସ୍ଥାନୀୟ ଅଞ୍ଚଳରେ ହେଉଥିବା ବିଦ୍ୟୁତ୍ ବିଭ୍ରାଟ ଏବଂ ହ୍ରାସ ପାଇଥିବା ଚାହିଦା ଅନେକ ସମୟରେ ସରକାରୀ ପରିସଂଖ୍ୟାନରୁ ସମ୍ପୂର୍ଣ୍ଣ ବାଦ୍ ପଡ଼ିଯାଏ । ରାଜ୍ୟ ଲୋଡ୍ ଡିସପ୍ୟାଚ୍ ସେଣ୍ଟରଠାରୁ ସ୍ୱାଧୀନ ଭାବରେ ଏବଂ ପୃଥକ୍ ଭାବେ କାର୍ଯ୍ୟ କରୁଥିବା ବଣ୍ଟନ କମ୍ପାନୀ ବା ଡିସକମ୍ ଗୁଡ଼ିକ ଦ୍ୱାରା ଅନେକ ସମୟରେ କିଛି ଅଞ୍ଚଳର ବିଦ୍ୟୁତ୍ ସଂଯୋଗ ଜାଣିଶୁଣି ବିଚ୍ଛିନ୍ନ କରାଯାଇଥାଏ । ଏହାର ସିଧାସଳଖ ଅର୍ଥ ହେଉଛି, ଯେଉଁ ବିଦ୍ୟୁତ୍ ଚାହିଦାକୁ ବଳପୂର୍ବକ ଦବାଇ ଦିଆଯାଏ ବା କାଟ୍ କରାଯାଏ, ତାହା କେବେବି ରେକର୍ଡ ବହିରେ ସ୍ଥାନ ପାଏ ନାହିଁ । ଏହି ସ୍ଥାନୀୟ ବିଦ୍ୟୁତ୍ କାଟଗୁଡ଼ିକ ବ୍ୟାପକ ହୋଇଥିଲେ ମଧ୍ୟ ସାଧାରଣ ଜନତାଙ୍କ ଦୃଷ୍ଟି ଆଢୁଆଳରେ ରହିଯାଏ ଏବଂ ବାସ୍ତବ ଚିତ୍ର ପଦାକୁ ଆସିପାରେ ନାହିଁ ବୋଲି ଶ୍ରୀ ରାଓ ଦୃଢ଼ ମତବ୍ୟକ୍ତ କରିଛନ୍ତି । ୱାର୍ଲ୍ଡ ରିସୋର୍ସେସ୍ ଇନଷ୍ଟିଚ୍ୟୁଟ୍ ଇଣ୍ଡିଆର ଶକ୍ତି କାର୍ଯ୍ୟକ୍ରମର ଉପ-ନିର୍ଦ୍ଦେଶକ ଦୀପକ କ୍ରିଷ୍ଣନ୍ ଅବଶ୍ୟ ବିଦ୍ୟୁତ୍ ବଣ୍ଟନକାରୀମାନେ ବ୍ୟାପକ ଭାବରେ ଚାହିଦାକୁ ଲୁଚାଉଛନ୍ତି ବୋଲି ସନ୍ଦେହ ପ୍ରକଟ କରନ୍ତି । ସେ ଗ୍ରିଡ୍-ଇଣ୍ଡିଆ ଦ୍ୱାରା ରିପୋର୍ଟ କରାଯାଉଥିବା ତ୍ରୁଟି ମାର୍ଜିନ୍ ବା ଅନୁମାନର ବ୍ୟବଧାନକୁ ଉଦାହରଣ ଭାବରେ ଦର୍ଶାଇଛନ୍ତି, ଯାହା ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ କାରଣରୁ ବିଦ୍ୟୁତ୍ ଚାହିଦା ଉପରେ ପଡୁଥିବା ଅପ୍ରତ୍ୟାଶିତ ଚାପକୁ ସୂଚାଉଛି । ଏହି ତ୍ରୁଟି ପ୍ରତିଶତଗୁଡ଼ିକ ପୂର୍ବାନୁମାନ କରାଯାଇଥିବା ଚାହିଦା ଏବଂ ବାସ୍ତବ ଚାହିଦା ମଧ୍ୟରେ ଥିବା ପାର୍ଥକ୍ୟକୁ ପ୍ରକାଶ କରେ । ନିକଟ ଅତୀତରେ ଏହି ତ୍ରୁଟି ପୂର୍ବ ଦିନର ପୂର୍ବାନୁମାନ ପାଇଁ ୪ ପ୍ରତିଶତ ଥିବାବେଳେ ରିଅଲ୍ ଟାଇମ୍ ବା ତୁରନ୍ତ ପୂର୍ବାନୁମାନ ପାଇଁ ୧ ପ୍ରତିଶତରୁ ସାମାନ୍ୟ ଅଧିକ ଥିଲା । ଜାତୀୟ ବିଦ୍ୟୁତ୍ ପୋର୍ଟାଲ୍ ଏବଂ ସରକାରୀ ତଥ୍ୟ ଅନୁଯାୟୀ, ଭାରତର ସର୍ବମୋଟ ସ୍ଥାପିତ ବିଦ୍ୟୁତ୍ କ୍ଷମତା ଆମର ସର୍ବୋଚ୍ଚ ଚାହିଦାକୁ ପୂରଣ କରିବା ପାଇଁ ଯଥେଷ୍ଟ ଅଟେ । ଭାରତର ମୋଟ ସର୍ବୋଚ୍ଚ ଚାହିଦା ଦେଶର ତାପଜ ଏବଂ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ସ୍ଥାପିତ କ୍ଷମତା ସହିତ ପ୍ରାୟ ସମାନ, ଯାହାକି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇବାରେ ସକ୍ଷମ । କାଗଜପତ୍ରରେ ଏହା ପର୍ଯ୍ୟାପ୍ତ ଉତ୍ପାଦନ କ୍ଷମତା ଥିବାର ସୂଚାଇଥାଏ । ଏହି ପରିସ୍ଥିତି ଆମେରିକା ଭଳି ବିକଶିତ ଦେଶ ସହିତ ସମାନ, ଯେଉଁଠାରେ ସର୍ବୋଚ୍ଚ ଚାହିଦା ମଧ୍ୟ ସେମାନଙ୍କର ତାପଜ, ଜଳବିଦ୍ୟୁତ୍ ଏବଂ ପରମାଣୁ କ୍ଷମତାର ପାଖାପାଖି ରହିଥାଏ । ତଥାପି, ଆମେରିକାରେ ବିଦ୍ୟୁତ୍ କାଟ ଅତି ବିରଳ ହୋଇଥିବା ବେଳେ ଭାରତରେ ଏହା ଏକ ନିତିଦିନିଆ ସମସ୍ୟା ଭାବରେ ଉଭା ହୋଇଛି ।

ଏହାର ମୂଳ କାରଣ ଖୋଜିବାକୁ ଗଲେ ଅନେକ ବିଶେଷଜ୍ଞ ବଣ୍ଟନ ବ୍ୟବସ୍ଥାରେ ଥିବା ତ୍ରୁଟି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି । ଅଲ୍ ଇଣ୍ଡିଆ ପାୱାର୍ ଇଞ୍ଜିନିୟର୍ସ ଫେଡେରେସନର ପୃଷ୍ଠପୋଷକ କେ ଅଶୋକ ରାଓ ଯୁକ୍ତି କରନ୍ତି ଯେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଚାହିଦା ସହିତ ତାଳ ଦେଇ ଆମର ବଣ୍ଟନ ଭିତ୍ତିଭୂମିର ଆଶାନୁରୂପ ବିକାଶ ହୋଇପାରିନାହିଁ । ତାଙ୍କ ମତରେ ଲାଭଦାୟକ ବଣ୍ଟନ କ୍ଷେତ୍ରଗୁଡ଼ିକର ଘରୋଇକରଣ ଫଳରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଡିସକମ୍ ଗୁଡ଼ିକ ଆର୍ଥିକ ସ୍ତରରେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛନ୍ତି । ଦେଶର ଏକ ବଡ଼ ଭାଗ ଗ୍ରାହକ ଅଧିକ ବିଦ୍ୟୁତ୍ ଶୁଳ୍କ ଦେବାକୁ ଅସମର୍ଥ ଥିବାରୁ ଏହି କମ୍ପାନୀଗୁଡ଼ିକ ପାଖରେ ଭିତ୍ତିଭୂମିର ଉନ୍ନତି ପାଇଁ ଆବଶ୍ୟକୀୟ ପାଣ୍ଠିର ଘୋର ଅଭାବ ରହିଛି । ଟ୍ରାନ୍ସଫର୍ମର ଅପଗ୍ରେଡେସନ୍, ପୁରୁଣା ତାରର ପରିବର୍ତ୍ତନ ଏବଂ ସବଷ୍ଟେସନର ଆଧୁନିକୀକରଣ ଠିକ୍ ସମୟରେ ନହେବା ଫଳରେ ଗ୍ରିଡ୍ ଉପରେ ସାମାନ୍ୟ ଚାପ ପଡ଼ିଲେ ମଧ୍ୟ ସ୍ଥାନୀୟ ସ୍ତରରେ ଯନ୍ତ୍ରପାତି ବିଫଳ ହେଉଛି ଏବଂ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଅନ୍ଧାରରେ ରହିବାକୁ ପଡୁଛି । ଏହି କାରଣରୁ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରୁ ଉପଭୋକ୍ତାଙ୍କ ଘର ପର୍ଯ୍ୟନ୍ତ ବିଦ୍ୟୁତ୍ ପହଞ୍ଚାଇବା ବ୍ୟବସ୍ଥାରେ ଏକ ବଡ଼ ଧରଣର ବ୍ୟବଧାନ ସୃଷ୍ଟି ହୋଇଛି ଯାହାକୁ କେବଳ ଉତ୍ପାଦନ ବୃଦ୍ଧି କରି ସମାଧାନ କରାଯାଇପାରିବ ନାହିଁ ।

ଏହି ସମସ୍ୟାର ବାସ୍ତବ ଚିତ୍ର ଦେଶର ବିଭିନ୍ନ ରାଜ୍ୟରେ ସ୍ପଷ୍ଟ ଭାବରେ ଦେଖିବାକୁ ମିଳୁଛି । ଉତ୍ତରପ୍ରଦେଶରେ କ୍ରମାଗତ ବିଦ୍ୟୁତ୍ କାଟ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ସେହିପରି ଦେଶର ଆଇଟି ହବ୍ କୁହାଯାଉଥିବା ବେଙ୍ଗାଲୁରୁରେ ନିକଟ ଅତୀତରେ ବାରମ୍ବାର ବିଦ୍ୟୁତ୍ କାଟ ଏବଂ ଦୀର୍ଘ ସମୟ ଧରି ଅନ୍ଧକାରର ସ୍ଥିତି ଦେଖିବାକୁ ମିଳିଛି । ରାଜ୍ୟ ବିଦ୍ୟୁତ୍ ବଣ୍ଟନକାରୀ କମ୍ପାନୀ ରକ୍ଷଣାବେକ୍ଷଣ କାର୍ଯ୍ୟ, ଟ୍ରାନ୍ସଫର୍ମର ଟ୍ରିପିଂ ଏବଂ ପାଣିପାଗ ଜନିତ ତ୍ରୁଟିକୁ ଏଥିପାଇଁ ଦାୟୀ କରୁଥିବା ବେଳେ, ଏଚଆରବିଆର ଲେଆଉଟ୍, ଚନ୍ଦାପୁରା ଏବଂ ହ୍ୱାଇଟଫିଲ୍ଡ ଭଳି ପ୍ରମୁଖ ଅଞ୍ଚଳର ବାସିନ୍ଦାମାନେ ଅଭିଯୋଗ କରନ୍ତି ଯେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ଏବେ ଏକ ନିୟମିତ ଘଟଣାରେ ପରିଣତ ହୋଇଛି । କେତେକ ସ୍ଥାନରେ ଧାର୍ଯ୍ୟ ରକ୍ଷଣାବେକ୍ଷଣ ସମୟ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଲମ୍ବିଯାଉଛି, ଯାହା ସହିତ ଅଘୋଷିତ ବିଦ୍ୟୁତ୍ କାଟ ଏବଂ ଭୋଲଟେଜ୍ ଅସ୍ଥିରତା ଗ୍ରାହକଙ୍କ ହତାଶାକୁ ବହୁଗୁଣିତ କରୁଛି । ଅନ୍ୟପକ୍ଷରେ କେରଳରେ ଏପ୍ରିଲ ମାସରେ ସର୍ବୋଚ୍ଚ ଚାହିଦା ସମୟରେ ୩୦ ମିନିଟରୁ କମ୍ ସମୟ ପାଇଁ ବିଦ୍ୟୁତ୍ କାଟ ଲାଗୁ କରାଯାଇଥିଲା । ତେବେ ମେ ମାସରେ ପ୍ରବଳ ଗ୍ରୀଷ୍ମକାଳୀନ ବର୍ଷା ଯୋଗୁଁ ଚାହିଦା ହ୍ରାସ ପାଇବା ଫଳରେ ସ୍ଥିତିରେ କିଛି ମାତ୍ରାରେ ସୁଧାର ଆସିଛି । କେରଳ ନିଜର ଆବଶ୍ୟକତାର ମାତ୍ର ୩୦ ପ୍ରତିଶତ ବିଦ୍ୟୁତ୍ ଉତ୍ପାଦନ କରେ, ଯାହା ମୁଖ୍ୟତଃ ଜଳବିଦ୍ୟୁତରୁ ଆସିଥାଏ ଏବଂ ସନ୍ଧ୍ୟା ସମୟର ସର୍ବୋଚ୍ଚ ଚାହିଦା ମେଣ୍ଟାଇବା ପାଇଁ ଏହାକୁ ରାଜ୍ୟ ବାହାରୁ ବିଦ୍ୟୁତ୍ କ୍ରୟ ଉପରେ ନିର୍ଭର କରିବାକୁ ପଡ଼େ । ତାମିଲନାଡୁରେ ମଧ୍ୟ ମେ ମାସ ତୁଳନାରେ ଏପ୍ରିଲରେ ସର୍ବୋଚ୍ଚ ଚାହିଦା ଅଧିକ ଥିଲା, ଯାହାକୁ ସ୍ୱଳ୍ପକାଳୀନ ବିଦ୍ୟୁତ୍ କ୍ରୟ ମାଧ୍ୟମରେ ଆଂଶିକ ଭାବେ ପୂରଣ କରାଯାଇଥିଲା । ଯଦିଓ ସରକାରୀ ଲୋଡ୍ ସେଡିଂ ତଥ୍ୟ ଶୂନ ରହିଛି ବୋଲି ଦାବି କରାଯାଉଛି, ତଥାପି ରାଜ୍ୟ ବିଦ୍ୟୁତ୍ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସ୍ୱୀକାର କରିଛନ୍ତି ଯେ ସ୍ଥାନୀୟ ଯୋଗାଣ ବିଭ୍ରାଟ ଚେନ୍ନାଇର କିଛି ଅଂଶକୁ ଗଭୀର ଭାବେ ପ୍ରଭାବିତ କରିଛି ।

ଡବ୍ଲ୍ୟୁଆରଆଇର ଶ୍ରୀ କ୍ରିଷ୍ଣନ୍ ଦର୍ଶାଇଛନ୍ତି ଯେ ସ୍ଥାନୀୟ ବିଦ୍ୟୁତ୍ କାଟ ପଛରେ ଆହୁରି ଅନେକ ବୈଷୟିକ କାରଣ ରହିଛି । କାଗଜପତ୍ରରେ ସମଗ୍ର ଭାରତ ଗୋଟିଏ ଗ୍ରିଡ୍ ସହିତ ସଂଯୁକ୍ତ ହୋଇଥିଲେ ମଧ୍ୟ ଟ୍ରାନ୍ସମିସନ୍ ବା ପରିବହନ ବ୍ୟବସ୍ଥାରେ ଥିବା ପ୍ରତିବନ୍ଧକ ଯୋଗୁଁ ବଳକା ଅଞ୍ଚଳରୁ ନିଅଣ୍ଟିଆ ଅଞ୍ଚଳକୁ ସହଜରେ ଏବଂ ତୁରନ୍ତ ବିଦ୍ୟୁତ୍ ପ୍ରବାହ ହୋଇପାରୁନାହିଁ । ଏହା ସହିତ ସ୍ଥାନୀୟ ଗ୍ରିଡର ସୀମିତତା ଏବଂ ଭିତ୍ତିଭୂମିର ଦୁର୍ବଳତା ମଧ୍ୟ ଏକ ବଡ଼ ସମସ୍ୟା ସୃଷ୍ଟି କରୁଛି । ଶ୍ରୀ ଅଶୋକ ରାଓ ନବୀକରଣଯୋଗ୍ୟ ଶକ୍ତିର ଅସ୍ଥିରତାକୁ ମଧ୍ୟ ଏକ ବଡ଼ ଆହ୍ୱାନ ଭାବରେ ଦର୍ଶାଇଛନ୍ତି । ତାଙ୍କ ମତରେ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନକାରୀଙ୍କର ଗ୍ରିଡ୍ ସ୍ଥିରତା ପ୍ରତି କୌଣସି ଦାୟିତ୍ୱ ନଥାଏ, ଯାହା ଫଳରେ ସମସ୍ତ ବୋଝ ଗ୍ରିଡ୍ ପରିଚାଳକଙ୍କ ଉପରେ ପଡ଼େ । ଉଦାହରଣ ସ୍ୱରୂପ, ହଠାତ୍ ଆକାଶ ମେଘାଚ୍ଛନ୍ନ ହୋଇଗଲେ ଗ୍ରିଡରୁ ଏକ ବଡ଼ ପରିମାଣର ସୌର ଶକ୍ତି ଉଭାନ ହୋଇଯାଏ, ଯାହା ଗ୍ରିଡ୍ ପରିଚାଳନା ପାଇଁ ତୁରନ୍ତ ସମସ୍ୟା ସୃଷ୍ଟି କରେ ଏବଂ ଏହା ଏକ ସ୍ଥାୟୀ ସମାଧାନ ନୁହେଁ । ବର୍ତ୍ତମାନ ଭାରତର ମୋଟ ବିଦ୍ୟୁତ୍ ଉତ୍ପାଦନରେ ନବୀକରଣଯୋଗ୍ୟ ଶକ୍ତିର ଅବଦାନ ପ୍ରାୟ ୧୭ ପ୍ରତିଶତ ଥିବାବେଳେ ତାପଜ ଶକ୍ତି ୭୨ ପ୍ରତିଶତ, ଜଳବିଦ୍ୟୁତ୍ ୯ ପ୍ରତିଶତ ଏବଂ ପରମାଣୁ ଶକ୍ତି ୨ ପ୍ରତିଶତ ରହିଛି । ତେବେ ଅନ୍ୟ କେତେକ ବିଶେଷଜ୍ଞ ଯୁକ୍ତି କରନ୍ତି ଯେ ଉନ୍ନତ ପୂର୍ବାନୁମାନ ଜ୍ଞାନକୌଶଳର ବ୍ୟବହାର କରି ନବୀକରଣଯୋଗ୍ୟ ଶକ୍ତିକୁ ଗ୍ରିଡ୍ ସହିତ ଅଧିକ ପ୍ରଭାବଶାଳୀ ଭାବରେ ସଂଯୋଗ କରାଯାଇପାରିବ । ଜର୍ମାନୀ ଭଳି ରାଷ୍ଟ୍ରରେ, ଯେଉଁଠାରେ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବହୁତ ଅଧିକ, ସେଠାରେ ଏହି ଜ୍ଞାନକୌଶଳ ସଫଳତାର ସହ ପ୍ରୟୋଗ କରାଯାଇଛି । ଶ୍ରୀ କ୍ରିଷ୍ଣନ୍ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଧ୍ୟାନ ଆକର୍ଷଣ କରି କହିଛନ୍ତି ଯେ ସର୍ବୋଚ୍ଚ ଚାହିଦା ସେହି ସମୟରେ ଉପୁଜୁଛି ଯେତେବେଳେ ସୌର ଶକ୍ତିର ଉତ୍ପାଦନ କମିଯାଉଛି ବା ବନ୍ଦ ହୋଇଯାଉଛି । ତେଣୁ ସନ୍ଧ୍ୟା ସମୟରେ ହେଉଥିବା ବିଦ୍ୟୁତ୍ କାଟ ପାଇଁ କେବଳ ସୌର ଶକ୍ତିର ଅସ୍ଥିରତାକୁ ଦାୟୀ କରାଯାଇପାରିବ ନାହିଁ ।

ପରିଶେଷରେ, ଏହା ନିଃସନ୍ଦେହ ଯେ ଭାରତର ବିଦ୍ୟୁତ୍ ଗ୍ରିଡ୍ ବ୍ୟବସ୍ଥା ନିଶ୍ଚିତ ଭାବରେ ଉତ୍ପାଦନ କ୍ଷମତା ଦୃଷ୍ଟିରୁ ଏକ ବିଶାଳ ମାଇଲଖୁଣ୍ଟ ଅତିକ୍ରମ କରିଛି, କିନ୍ତୁ ଏହାର ପ୍ରକୃତ ସ୍ଥିତିସ୍ଥାପକତା କେବଳ ଉତ୍ପାଦନ ଆକଳନ ଉପରେ ନିର୍ଭର କରେ ନାହିଁ । ଏକ ସୁଦୃଢ଼ ଓ ନିର୍ଭରଯୋଗ୍ୟ ଗ୍ରିଡ୍ ବ୍ୟବସ୍ଥା ପାଇଁ ଉତ୍ପାଦନ, ପରିବହନ ଏବଂ ବଣ୍ଟନ ଏହି ତିନୋଟି ସ୍ତରରେ ସମାନ ବିକାଶ ଓ ପୁଞ୍ଜିନିବେଶର ଆବଶ୍ୟକତା ରହିଛି । ଯେପର୍ଯ୍ୟନ୍ତ ବଣ୍ଟନକାରୀ କମ୍ପାନୀ ବା ଡିସକମ୍ ଗୁଡ଼ିକର ଆର୍ଥିକ ସ୍ଥିତିରେ ସୁଧାର ଆସିନାହିଁ ଏବଂ ସ୍ଥାନୀୟ ଭିତ୍ତିଭୂମିର ଆଧୁନିକୀକରଣ କରାଯାଇନାହିଁ, ସେପର୍ଯ୍ୟନ୍ତ କାଗଜପତ୍ରରେ ଥିବା ଶୂନ ଲୋଡ୍ ସେଡିଂ ସାଧାରଣ ଲୋକଙ୍କ ପାଇଁ ବାସ୍ତବତାରେ ପରିଣତ ହୋଇପାରିବ ନାହିଁ । ଗ୍ରୀଷ୍ମ ପ୍ରବାହର ତୀବ୍ରତା ଆଗାମୀ ବର୍ଷଗୁଡ଼ିକରେ ଜଳବାୟୁ ପରିବର୍ତ୍ତନ କାରଣରୁ ଆହୁରି ବୃଦ୍ଧି ପାଇବାର ଆଶଙ୍କା ଥିବାରୁ, କେବଳ ସର୍ବୋଚ୍ଚ ଚାହିଦା ମେଣ୍ଟାଇବାର ଗର୍ବ ନକରି, ସ୍ଥାନୀୟ ସ୍ତରରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ଉପରେ ସରକାର ଏବଂ ନୀତି ନିର୍ଦ୍ଧାରକମାନେ ଅଧିକ ଗୁରୁତ୍ୱ ଦେବା ଉଚିତ୍ । ଏହାଦ୍ୱାରା ହିଁ ଭାରତର ବିଦ୍ୟୁତ୍ ଗ୍ରିଡ୍ ବ୍ୟବସ୍ଥା ପ୍ରକୃତରେ ସ୍ଥିତିସ୍ଥାପକ ବୋଲି ପ୍ରମାଣିତ ହୋଇପାରିବ ଏବଂ ଦେଶର ଅର୍ଥନୈତିକ ପ୍ରଗତି ତଥା ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହେବ ନାହିଁ । ଆମକୁ ମନେ ରଖିବାକୁ ହେବ ଯେ ଗ୍ରିଡର ଶକ୍ତି କେବଳ ମେଗାୱାଟ୍ ଉତ୍ପାଦନରେ ନୁହେଁ, ବରଂ ପ୍ରତ୍ୟେକ ଉପଭୋକ୍ତାଙ୍କ ଘରେ ନିରନ୍ତର ବିଦ୍ୟୁତ୍ ପହଞ୍ଚାଇବାର କ୍ଷମତା ଉପରେ ନିର୍ଭର କରେ ।

ଧ୍ୱନି ପ୍ରତିଧ୍ୱନି

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର : ମହାରାଜା କୃଷ୍ଣଚନ୍ଦ୍ର ଗଜପତି



## ବିଶ୍ୱବିଜୟୀ ଦାଶ

ପାରଳା ମହାରାଜା, ଭାଷା ଆନ୍ଦୋଳନର ପୁରୋଧା, ପ୍ରଜାବତ୍ସଳ, ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ।

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ୧୮୯୨ ମସିହା ଅପ୍ରେଲ ୨୬ ତାରିଖରେ ପାରଳାଖେମୁଣ୍ଡିରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ରାଜା ଗୌରଚନ୍ଦ୍ର ଦେବ (ଦ୍ୱିତୀୟ) ଓ ମାତାଙ୍କ ନାମ ରାଣୀ ବିଷ୍ଣୁପ୍ରିୟା ଦେବୀ । ପିତା ଗୌରଚନ୍ଦ୍ର ଗଜପତି ଓ ପିତୃବ୍ୟ ପଦ୍ମନାଭ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ଓ ମି.ଏଡମଣ୍ଡ କ୍ୟାଣ୍ଡେଲର ଗୃହଶିକ୍ଷକଙ୍କ ଦାୟିତ୍ୱରେ ତାଙ୍କର ବାଲ୍ୟଶିକ୍ଷା ସମାପ୍ତ ହୋଇଥିଲା ।

ତା'ପରେ ଉଚ୍ଚଶିକ୍ଷା ପାଇଁ ସେ ମାନ୍ଦ୍ରାଜ ଗଲେ । ମାନ୍ଦ୍ରାଜରେ ପାଠ ପଢ଼ିବା ସମୟରେ ତାଙ୍କ ପିତାଙ୍କର ସ୍ୱର୍ଗବାସ ହୋଇଥିଲା । ନିଉଇଂଟନ ପ୍ରିନ୍ସ କଲେଜରୁ ପାଠପଢା ଶେଷ ପରେ କୃଷ୍ଣଚନ୍ଦ୍ର ୧୯୧୩ ମସିହାରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ତା'ପରେ ଖରସୁଆଁ ରାଜ୍ୟର ରାଜଜେମା ନଳିନୀ ଦେବୀଙ୍କୁ ବିବାହ କରିଥିଲେ ଓ ଶାସନ ଭାର ଗ୍ରହଣ କରିଥିଲେ ।


ମହାରାଜା ହୋଇ ମଧ୍ୟ ରାଜକୀୟ ବିଳାସ ବ୍ୟସନଠାରୁ ବହୁ ଦୂରରେ ରହି ଜନସେବାକୁ ଗୁରୁତ୍ୱ ଦେଇଥିଲେ । ତାଙ୍କର ବିବାହ ଉତ୍ସବ ପାଳନ ଅବସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦ୍ୱାରା ସ୍ଥାପିତ ସତ୍ୟବାଦୀ ବନବିଦ୍ୟାଳୟର ଏକ ଛାତ୍ରାବାସ ନିର୍ମାଣ ଲାଗି ପାଞ୍ଚଶହ ଟଙ୍କା ଦାନକରିଥିଲେ । ଏହି ଅର୍ଥ ପାଇବା ପରେ ଗୋପବନ୍ଧୁ ଦାସ କୃଷ୍ଣଚନ୍ଦ୍ରଙ୍କୁ ଆଶୀର୍ବାଦ ଜଣାଇ ଏକ ପତ୍ର ଲେଖିଥିଲେ । ତା'ଛଡା ଓଡ଼ିଆ ସାହିତ୍ୟର ବିକାଶ ଲାଗି ଉତ୍କଳ ସାହିତ୍ୟ ସମାଜକୁ ଏକଶତ ଟଙ୍କା ଦାନ କରିଥିଲେ । ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମତରେ ରାଜ୍ୟ ତଥା ଓଡ଼ିଶାରୁ ଅଜ୍ଞାନ ଅନ୍ଧକାର ଦୂରୀଭୂତ ହୋଇପାରିଲେ ଜନସାଧାରଣଙ୍କ ଆର୍ଥିକ, ମାନସିକ, ସାମୂହିକ ଉନ୍ନତି ସାଧିତ ହୋଇପାରିବ । ଶିକ୍ଷାର ବିକାଶ ପାଇଁ ସେ ଗୁଡ଼ିଏ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ଥାପନ କରିଥିଲେ । ମେଧାବୀ ଛାତ୍ରଙ୍କୁ ବୃତ୍ତି ଏବଂ ଗରିବ ଛାତ୍ରଙ୍କୁ ବିଦ୍ୟାଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ଥିଲେ । ସେ ସମୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଭିନ୍ନ ପ୍ରଶାସନିକ ଅଧିନରେ ରହିଥିଲା । ସମସ୍ତ ଓଡ଼ିଆ ଭାଷାଭାଷୀ ଲୋକ ଗୋଟିଏ ଅଞ୍ଚଳରେ ରହିଲେ, ଉନ୍ନତୀ ସମ୍ଭବ ବୋଲି କୃଷ୍ଣଚନ୍ଦ୍ର ଦେବ ହୃଦୟଙ୍ଗମ କରିପାରିଥିଲେ । ତଦନୁସାରେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ କାର୍ଯ୍ୟ କରିବାକୁ ସେ ଶପଥ ଗ୍ରହଣ କରିଥିଲେ । ପାରଳାଖେମୁଣ୍ଡି ଠାରେ ୧୯୧୨ରେ ହୋଇଥିବା ଉତ୍କଳ ସମ୍ମିଳନୀରେ ସେ ଜଣେ ପୁରୋଧା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ୧୯୧୪ ମସିହା ଡିସେମ୍ବର ୨୭ ଓ ୨୮ ତାରିଖରେ ସେ ଦଶମ ଉତ୍କଳ ସମ୍ମିଳନୀ ପାରଳାଖେମୁଣ୍ଡି ଠାରେ ଆହୂତ କରି ନିଜର କର୍ମକୁଶଳତା ଦେଖାଇଥିଲେ । ସେଠାରେ ପ୍ରଥମଥର ପାଇଁ ସେ ପୂର୍ଣ୍ଣାଙ୍ଗ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳଭିତ୍ତି ପକାଇଥିଲେ । ଏହି ସମ୍ମିଳନୀର ପ୍ରାରମ୍ଭରେ କୃଷ୍ଣଚନ୍ଦ୍ର ଗଜପତି ଦୃଢ଼ତାର ସହିତ ପ୍ରସ୍ତାବ ଦେଇ କହିଲେ, 'ଓଡ଼ିଆ ଭାଷାଭାଷୀଙ୍କୁ ଏକ ଶାସନାଧୀନ କରିବାପାଇଁ କେବଳ ଦାବି ନ କରି ସମଗ୍ର ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳକୁ ଏକତ୍ରୀତ କରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବି କରିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ।' କୃଷ୍ଣଚନ୍ଦ୍ରଙ୍କର ଏଇଭଳି ବଳିଷ୍ଠ ଓ ଅକାଟ୍ୟ ଯୁକ୍ତି ସମ୍ମିଳନୀର ନେତୃବର୍ଗ ଏପରିକି ବୟୋଜ୍ୟୋଷ୍ଠ ନେତା ମଧୁବାବୁଙ୍କୁ ମଧ୍ୟ ଚକିତ କରି ଦେଇଥିଲା ଏବଂ ଗଜପତିଙ୍କର ଏହି ବଜ୍ର ନିର୍ଘୋଷ ନିନାଦ ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ଶଶିଭୂଷଣ ରଥ ଓ ମଧୁସୂଦନ ଦାସ ଇତ୍ୟାଦିଙ୍କ ସମର୍ଥନ ପାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏକ ପ୍ରସ୍ତାବ ଭାବରେ ଉତ୍କଳ ସମ୍ମିଳନୀରେ ଗୃହୀତ ହେଲା ।

ପ୍ରଥମ ଗୋଲ ଟେବୁଲ ବୈଠକ (୧୯୩୦-୩୧) ଲଣ୍ଡନଠାରେ ଅନୁଷ୍ଠିତ ହେଲା । ବିହାର ଓ ଓଡ଼ିଶା ସରକାଙ୍କ ତରଫରୁ କୃଷ୍ଣଚନ୍ଦ୍ର ଗଜପତି ମନୋନୀତ ସଭ୍ୟଭାବେ ଗୋଲ ଟେବୁଲ୍ ବୈଠକରେ ଯୋଗ ଦେଇଥିଲେ । ବୈଠକରେ ଓଡ଼ିଶାର ଦାବୀ ଉତ୍ଥାପନ କରି ଏକ ଐତିହାସିକ ଭାଷଣ ଦେଇ ବ୍ରିଟିଶ ସରକାରଙ୍କର ଦୃଷ୍ଟି ଆକର୍ଷଣ କରି କହିଥିଲେ, 'ଆମେ ଚାହୁଁ ଭାଷା ଓ ଜାତି ସୂତ୍ରରେ ପ୍ରଦେଶ ଗଠନ । ଏକ କୋଟି ଓଡ଼ିଆଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଅନୁମତି ନଦେଇ ଆପଣମାନେ ଭାରତରେ ନୂତନ ଶାସନ ସଂସ୍କାର କରିପାରିବେ ନାହିଁ ।' ଏହି ମନୀଷୀଙ୍କ ଯୁକ୍ତିଯୁକ୍ତ ବକ୍ତବ୍ୟ ଶୁଣି ଗୋଲ ଟେବୁଲ୍ ବୈଠକରେ ଉପସ୍ଥିତ ବ୍ରିଟିଶ ସରକାରଙ୍କର ପ୍ରତିନିଧିମାନେ ସ୍ତବ୍ଧ ହୋଇଯାଇଥିଲେ ।

ନିଜ ଶାସନ କାଳରେ ସେ ନିଜ ରାଜ୍ୟ ଭିତର ଦେଇ ନୂଆପଡ଼ା-ପାରଳାଖେମୁଣ୍ଡି ରେଳପଥକୁ ଗୁଣୁପୁର ଯାଏ ସମ୍ପ୍ରସାରିତ କରିଥିଲେ । କୃଷି ଓ ଶିଳ୍ପ ପାଇଁ ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲା ଧାନ କଳ, ତେଲ କଳ ଏବଂ ଲୁହା କାରଖାନା ବସାଇଥିଲେ । ରାଜ୍ୟରେ ଜଳ ସେଚନର ସୁବିଧା ପାଇଁ ନଳିନୀ କୃଷ୍ଣ ସାଗର କାଶୀ ନଗରଠାରେ ଖୋଳାଇ ଥିଲେ, ସାହିତ୍ୟ ଗବେଷଣା ପାଇଁ ଗୋପୀନାଥ ନନ୍ଦ ଓ ଗୋପାଳ ପ୍ରହରାଜଙ୍କ ଭଳି ଗବେଷକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ ।

୧୯୧୩ ମସିହାରେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ରାଜ୍ୟାଭିଷେକ ପରେ ସେ ପାଞ୍ଚୋଟି କାର୍ଯ୍ୟ କରିବା ପାଇଁ ଶପଥ ଗ୍ରହଣ କରିଥିଲେ ଓ ପରବର୍ତ୍ତୀ ଜୀବନରେ ଏହି ସର୍ତ୍ତ ଗୁଡ଼ିକ ପାଳନ କରିଥିଲେ ।

ବ୍ରିଟିଶ ପର୍ଲ୍ୟାମେଣ୍ଟରେ ୧୯୩୫ ମସିହା ଭାରତ ଆଇନ ସଂଶୋଧନ ହୋଇ ସମଗ୍ର ଭାରତୀୟ ଉପ ମହାଦେଶକୁ ୧୧ଟି ପ୍ରଦେଶରେ ବିଭକ୍ତ କରାଗଲା । ପ୍ରତି ପ୍ରଦେଶର ବିଧାନ ସଭା ପାଇଁ ନିର୍ବାଚନ ହେଲା । ଓଡ଼ିଶା ବିଧାନ ସଭାରେ ୬୦ଟି ଆସନରୁ ୩୬ଟି ଆସନ କଂଗ୍ରେସ ଦଳ ହାତରେ ଥିବା ସ୍ଥଳେ କୃଷ୍ଣଚନ୍ଦ୍ରଙ୍କ ଦେଇ ଗଠିତ ଓଡ଼ିଶା ଜାତୀୟ ଦଳ ହାତରେ ୨୪ଟି ଆସନ ଥିଲା । ତେଣୁ ସଂଖ୍ୟା ଗରିଷ୍ଠ କଂଗ୍ରେସ ଦଳ ମନ୍ତ୍ରିମଣ୍ଡଳ ଗଠନ କରିବା କଥା ମାତ୍ର ତତ୍କାଳିନ ରାଜ୍ୟପାଳ ମାନଙ୍କ ସ୍ୱତନ୍ତ୍ର କ୍ଷମତାକୁ ବିରୋଧ କରି କୌଣସି ରାଜ୍ୟରେ କଂଗ୍ରେସ ଦଳ କୌଣସି ରାଜ୍ୟରେ ଶାସନ ଦାୟିତ୍ୱ ନେଲେ ନାହିଁ । ତେଣୁ ଓଡ଼ିଶାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଓଡ଼ିଶାର ଶିକ୍ଷାମନ୍ତ୍ରୀ ଭାବେ ରହିଲେ ବାଣପୁର ମାଟିର ଗୌରବ ପଣ୍ଡିତ ଗୋଦାବରୀଶ ମିଶ୍ର । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଠିକ ବର୍ଷକ ପରେ ଅର୍ଥାତ ୧୯୩୭ ମସିହା ଏପ୍ରିଲ୍ ମାସ ୧ ତାରିଖରେ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ସାର୍ ଜନ ଅଷ୍ଟିନ ହବାକ ଗଜପତି କୃଷ୍ଣଚନ୍ଦ୍ର ଦେବଙ୍କୁ ନେତା ରୂପେ ନିର୍ବାଚିତ କରି ପ୍ରଥମ ମନ୍ତ୍ରିମଣ୍ଡଳ ଗଠନ କରିବାପାଇଁ ନିମନ୍ତ୍ରଣ କଲେ । ତେଣୁ ଗୋରାଚାନ୍ଦ ପଟ୍ଟନାୟକ ଓ ଲତିଫୁର ରହମାନଙ୍କୁ ସଦସ୍ୟ ଭାବରେ ନେଇ ମନ୍ତ୍ରିମଣ୍ଡଳ ଗଠନ କରି ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ୧୯୩୭ ମସିହା ଏପ୍ରିଲ ପହିଲାରୁ ଜୁଲାଇ ମାସ ୪ଠର ତାରିଖ ପର୍ଯ୍ୟନ୍ତ ଶାସନ କାର୍ଯ୍ୟ ପରିଚାଳନା କଲେ ଏବଂ ପରେ ୧୯୪୧ ମସିହା ନଭେମ୍ବର



ମାସ ଠାରୁ ୧୯୪୪ ମସିହା ଜୁନ ମାସ ପର୍ଯ୍ୟନ୍ତ ତୃତୀୟ ମନ୍ତ୍ରିମଣ୍ଡଳରେ ପୁନର୍ବାର ପ୍ରଧାନମନ୍ତ୍ରୀ ରୂପେ ଯୋଗଦେଇ ଦକ୍ଷତାର ସହ କାର୍ଯ୍ୟ କରିଥିଲେ ।

କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚଶିକ୍ଷାର ସୁବିଧା ପାଇଁ କଲେଜ ପ୍ରତିଷ୍ଠା କରିବା ସଙ୍ଗେସଙ୍ଗେ ଗରିବ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ ବ୍ୟବସ୍ଥା ମଧ୍ୟ କରିଥିଲେ । ମହାରାଜାଙ୍କ ମନ୍ତ୍ରୀତ୍ୱ ଥିବାଯାଏ ତାଙ୍କର ମାସିକ ଦରମା ଓ ଗସ୍ତଖର୍ଚ୍ଚ ସବୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦାନ କରୁଥିଲେ । ପଣ୍ଡିତ ଗୋପୀନାଥ ନନ୍ଦଙ୍କ 'ଓଡ଼ିଆ ଶବ୍ଦତତ୍ତ୍ୱବୋଧ ଅଭିଧାନ'ର ମୁଦ୍ରଣ ଖର୍ଚ୍ଚ, ଗୋପାଳକୃଷ୍ଣ ପଦ୍ୟାବଳୀର ପ୍ରକାଶନ, ଜଗବନ୍ଧୁ ସିଂହଙ୍କ 'ପ୍ରାଚୀନ ଉତ୍କଳ' ପ୍ରକାଶନ, ସିଂହଭୂମି ଅଞ୍ଚଳରେ ଓଡ଼ିଆ ଭାଷାର ପ୍ରସାର ଓ ପ୍ରଚାର, 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ୫ମ ଖଣ୍ଡ'ର ମୁଦ୍ରଣ ଓ ବହୁ କାବ୍ୟର ପ୍ରକାଶନ ପାଇଁ ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ଯୋଗାଇ ଦେଇ ଗଜପତି ନିଜକୁ ଜଣେ ସାହିତ୍ୟାନୁରାଗୀ ଭାବରେ ପରିଚୟ ଦେଇଥିଲେ । ସେ ତତ୍କାଳୀନ ଓଡ଼ିଶାର କୃଷକମାନଙ୍କ ଉନ୍ନତି ପାଇଁ ପାରଳାଖେମୁଣ୍ଡିରେ ଆଦର୍ଶ କୃଷି ଫାର୍ମ ଓ କଟକଠାରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିଥିଲେ । ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠାର ପ୍ରାରମ୍ଭିକ କାର୍ଯ୍ୟ ମଧ୍ୟ ତାଙ୍କ ସମୟରେ ଆରମ୍ଭ ହୋଇଥିଲା । ସେ ପାରଳାଖେମୁଣ୍ଡି ଠାରେ ମଧ୍ୟ ଏକ ଛୋଟ ଇସ୍ପାତ ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରି ତାହାକୁ ଟାଟା କମ୍ପାନୀ ସହିତ ଚୁକ୍ତି କରିଥିଲେ । ଓଡ଼ିଶାରେ କଳା ଓ ସଂସ୍କୃତିର ପ୍ରସାର ଓ ପ୍ରଚାର ପାଇଁ ତାଙ୍କର ଅବଦାନ ଅତୁଳନୀୟ । ବିଶେଷ କରି ଲଳିତକଳା, ସାହିତ୍ୟ, ସଙ୍ଗୀତ, ରାଗ ରାଗିଣୀ, ଗୋଟିପୁଅ ନାଚ ବା ଗାନ୍ଧର୍ବ ବିଦ୍ୟାରେ ମହାରାଜାଙ୍କ ଜନ୍ମସ୍ଥାନ ପାରଳାଖେମୁଣ୍ଡି ଥିଲା ଚିରପ୍ରସିଦ୍ଧ । ଯାହାକି ସହରର ଅବସ୍ଥିତି ସାହିତ୍ୟ ସଙ୍ଗୀତର ଏକ କ୍ଷୁଦ୍ର ସଂସ୍କରଣ ବୋଲି ମନେହୁଏ । ଘୁମୁସରର ରାଜା ଧନଞ୍ଜୟ ଭଞ୍ଜ ନାତି ଉପେନ୍ଦ୍ର ଭଞ୍ଜଙ୍କୁ କଥା ଛଳରେ କହିଥିଲେ-

'ଗଣିତରେ ଖଣ୍ଡପଡା ସଂସ୍କୃତରେ ନୟାଗଡ଼
କ୍ଷତ୍ରିୟରେ ଘୁମୁସର
ଧରାକୋଟ ରାଜନୀତି,
ଗନ୍ଧର୍ବବିଦ୍ୟାରେ ପାରଳାଖେମୁଣ୍ଡି
ମନେରଖିଥିବୁ ନାତି ।'

ମାନ୍ଦ୍ରାସର ଜଷ୍ଟିସ ପାର୍ଟିର ସେ ଜଣେ ସଭ୍ୟ ଭାବରେ କାମ କରୁଥିଲେ । ଏଥି ସହିତ ରୟାଲ ଆଗ୍ରିକଲଚରାଲ କମିସନର ସଭ୍ୟ ଭାବରେ ୧୯୨୭ରୁ କାମ କରୁଥିଲେ । ୧୯୪୭ରୁ ୧୯୫୦ ଯାଏଁ ସେ ଭାରତୀୟ ସମ୍ବିଧାନ ସଭାର ସଦସ୍ୟ ଥିଲେ । ଏହା ସହିତ ସେ ରୟାଲ ସୋସାଇଟି ଅଫ ଆର୍ଟସ୍ ଓ ରୟାଲ ଏସିଆଟିକ ସୋସାଇଟି, ଲଣ୍ଡନ ଓ ଭୁବନେଶ୍ୱର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ଆଜୀବନ ସଭ୍ୟ ଭାବେ ରହିଥିଲେ । ୧୯୩୨ରେ ତାଙ୍କୁ ଓଡ଼ିଶା ସରକାର 'ମହାରାଜା' ଉପାଧିରେ ଭୂଷିତ କରିଥିଲେ । ସେହି ବର୍ଷ ବ୍ରିଟିଶ ସରକାର ତାଙ୍କୁ କେସିଆଇ ଉପାଧି ମଧ୍ୟ ଦେଇଥିଲେ ।

ପରବର୍ତ୍ତୀ ସମୟରେ ୧୯୯୨ ମସିହା ଗାନ୍ଧୀ ଜୟନ୍ତୀ ଅବସରରେ ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ସମୟରେ ତାଙ୍କରି ନାମରେ ଗଜପତି ଜିଲ୍ଲା ଭାବରେ ନାମିତ ହୋଇଥିଲା । ସେ ୧୯୭୪ ମସିହା ମଇ ୨୫ ତାରିଖ ରେ ଦୁନିଆ ଛାଡ଼ି ଚାଲିଗଲେ ।

ସେହି ମହାପୁରୁଷ ଓଡ଼ିଶାର ଗର୍ବ ଓ ଗୌରବ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି ।

ସମ୍ପାଦକ, ବ୍ରଜବିଳାସ ସାହିତ୍ୟ ପତ୍ରିକା
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮

# ମହିଳା କେତେ ସୁରକ୍ଷିତ ?



## ସୌଭାଗ୍ୟ ରଂଜନ ମହାନ୍ତି

ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଆଇନ ପାର୍ଲିଆମେଂଟରେ ପ୍ରଣୟନ ହେବାର ଇତିମଧ୍ୟରେ ଦୁଇ ଦଶନ୍ଧି ଅତିକ୍ରମ କରିସାରିଛନ୍ତି । ଘର ଭିତରେ ମହିଳାଙ୍କୁ ହିଂସାରୁ ସୁରକ୍ଷା ଦେବା ପାଇଁ ଦୁଇ ଦଶନ୍ଧି ତଳେ ଅର୍ଥାତ ୨୦୦୫ ମସିହାରେ ଯେତେବେଳେ ଆଇନଟି ପାର୍ଲିଆମେଂଟରେ ସର୍ବସମ୍ମତ କ୍ରମେ ଗୃହିତ ହୋଇଥିଲା, ସେତେବେଳେ ଦେଶରେ ମହିଳାଙ୍କ ସୁରକ୍ଷା କ୍ଷେତ୍ରରେ ଏହା ଏକ ନିର୍ଣ୍ଣାୟକ ମୋଡ ନେଇଥିଲା । ଘର ଭିତରେ ମହିଳାଙ୍କ ପ୍ରତି ହେଉଥିବା ହିଂସା, ଅତ୍ୟାଚାର ନିର୍ଯ୍ୟାତନାକୁ ଅପରାଧ ଭୁକ୍ତ କରାଯିବା ସହ ପରିବାର ଭିତରେ ମହିଳାଙ୍କୁ କେତେକ ଅଧିକାର ପ୍ରଦାନ କରାଯାଇଛି । ଏହି ଆଇନ ମଧ୍ୟ ମହିଳାଙ୍କ ପ୍ରତି ଶାରିରୀକ, ମାନସିକ, ଯୌନ ଏବଂ ଆର୍ଥୀକ ନିର୍ଯ୍ୟାତନାକୁ ଘରୋଇ ହିଂସା ଭାବେ ଆଇନରେ ସ୍ୱୀକୃତି ଦିଆଯାଇଥିଲା । ଆହୁରି ମଧ୍ୟ ଆଇନ ସମ୍ପର୍କରେ ମହିଳାମାନଙ୍କୁ ସଚେତନ କରାଇବା ପାଇଁ ବ୍ୟାପକ ପ୍ରଚାର କରାଯାଇଥିଲା । ଏହା ସତ୍ୱେ ମହିଳାମାନେ ଥିବା ସେମାନଙ୍କର ଅଧିକାର ସମ୍ପର୍କରେ ଏବେ ବି ସଚେତନ ନଥିବା ମନେହୁଏ । କେତେକ ବିଶ୍ୱାସ କରନ୍ତି ଯେ, କେବଳ ଶାରିରୀକ ନିର୍ଯ୍ୟାତନା ମାଡ ହେଉଛି ଘରୋଇ ହିଂସା । ଏହାମଧ୍ୟ ନିସନ୍ଦେହ ଯେ, ଗ୍ରାମାଂଚଳ ଏବଂ ଅବହେଳିତ ସମାଜରେ ପତ୍ନୀଙ୍କୁ ମାଡ ଘଟଣାରେ ଏହି ଆଇନ ସହାୟତା ପ୍ରଦାନ କରେ ନାହିଁ । କାରଣ ଗାଁ ଗହଳି ଦୁର୍ଗମ ଅଂଚଳରେ ହିଂସା ଘର ଭିତରେ ସୀମାବଦ୍ଧ ହୋଇ ରହିଯାଏ । କାରଣ ମହିଳାମାନେ ନିର୍ଯ୍ୟାତନା, ମାଡ ନେଇ ସ୍ୱାମୀ ଏବଂ ପରିବାର ସଦସ୍ୟଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେବା ବା ଅଭିଯୋଗ କରିବା ପାଇଁ କୁଣ୍ଠିତ ଏହାର ମୂଳକାରଣ ହେଉଛି ସାମାଜିକ, ଆର୍ଥୀକ ଦୁରାବସ୍ଥା ଏବଂ ସମର୍ଥନର ଅଭାବ । ଆହୁରି ମଧ୍ୟ ଆଇନରେ ଥିବା ବ୍ୟବସ୍ଥା ତଥା ସୁରକ୍ଷା ନିର୍ଦ୍ଦେଶ, ଆର୍ଥୀକ ସହାୟତା ଏବଂ ଅଧିକାର ସତ୍ୱେ ପରିବହନ ବିରୁଦ୍ଧରେ ଯିବା ଲାଗି ପିଡିତା ମହିଳା ଆଇନର ସହାୟତା ନେବା ଲାଗି ଆଗ୍ରହୀ ନୁହଁନ୍ତି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ (୨୦୧୯-୨୧) ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ଘରୋଇ ହିଂସା ବିରୁଦ୍ଧରେ ପଦକ୍ଷେପ ନେବା କ୍ଷେତ୍ରରେ ମହିଳାଙ୍କୁ ଅସହାୟତା ନେଇ ସଂକେତ ପ୍ରଦାନ କରୁଛି, ରିପୋର୍ଟରେ ପ୍ରକାଶ ପାଇଛି ଯେ, ଶାରିରୀକ କିମ୍ୱା ଯୌନ ନିର୍ଯ୍ୟାତନାର ଶିକାର ମହିଳାଙ୍କ ମଧ୍ୟରୁ ମାତ୍ର ୧୪ପ୍ରତିଶତ ମହିଳା ଆଇନର ସହାୟତା ନେଇଥାନ୍ତି । ଏପରିକି ମାନସିକ କିମ୍ୱା ଆର୍ଥୀକ ଗାଳି ମନ୍ଦ ଘଟଣା ଅଭିଯୋଗରେ ଆଦୌ ଦୃଷ୍ଟିଗୋଚର ହୋଇନାହିଁ । ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଜାନୁୟାରୀ ରୁ ମେ ମାସ ମଧ୍ୟରେ ଜାତୀୟ ମହିଳା କମିଶନରେ ଦାୟର କରିଥିବା ମାମଲାଗୁଡିକ ମଧ୍ୟରେ ଘରୋଇ ହିଂସା ଅଭିଯୋଗ ଶୀର୍ଷରେ ରହିଛି । ସେହିପରି ୨୦୨୪ରେ ଜାତୀୟ ମହିଳା କମିଶନରଙ୍କ ନିକଟରେ ଦାଖଲ ହୋଇଥିବା ମୋଟ ଅଭିଯୋଗ ମଧ୍ୟରେ କେବଳ ଘରୋଇ ହିଂସା ହେଉଛି ୨୪ ପ୍ରତିଶତ ବୋଲି କୁହାଯାଇଛି । ବହୁ ଅଭିଯୋଗ ଲୋକଲୋଚନକୁ ଆସିନଥିବା ବେଳେ ଦେଶର ମହିଳା ବିରୋଧି ହିଂସା କେତେ ବ୍ୟାପକ ତାହା ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ । ଏହା ନିସନ୍ଦେହ ଯେ, ତଥ୍ୟର ଅଭାବ ଏବଂ ଅଦଲତରେ ବିଚାରାଧୀନ ବା ପଡିରହିଥିବା ମାମଲାଗୁଡିକୁ ଏକତ୍ର କଲେ, ଦେଶରେ ଘରୋଇ ହିଂସା ବିରୋଧି ଆଇନ କାର୍ଯ୍ୟକାରିତା ଯେ, ସନ୍ତୋଷଜନକ ନୁହେଁ ଏହା ସ୍ପଷ୍ଟ ସୂଚନା ପ୍ରଦାନ କରେ । ଦେଶର ବିଭିନ୍ନ ଅଦାଲତ ଗୁଡିକରେ ୨୦୨୨ ସୁଦ୍ଧା ୪ ଲକ୍ଷ ୭୧ହଜାର ମାମଲା ପଡିରହିଥିବା କୁହାଯାଇଛି । ଯଦି ଅଦାଲତଗୁଡିକରେ ମାମଲାର ତ୍ୱରିତ ଫଇସଲା ନହୁଏ, ନ୍ୟାୟା ପାଇଁ ଲଢେଇ କରୁଥିବା ମହିଳାମାନେ ହୁଏତ ଓହରିଯିବା ଆଶଙ୍କାକୁ ଅଣଦେଖା କରାଯାଇ ନପାରେ । କଥାରେ ଅଛି 'ବିଳମ୍ୱିତ ନ୍ୟାୟା, ବିଡମ୍ୱିତ ନ୍ୟାୟା' ଅର୍ଥାତ ବିଳମ୍ୱିତ ନ୍ୟାୟା ନ୍ୟାୟା ନୁହେଁ । ଅଦାଲତରେ ମାମଲାର ତ୍ୱରିତ ଫଇସଲା ସହ ଆଇନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବ୍ୟାପକ ପ୍ରଚାର ସହ ମହିଳାଙ୍କ ମଧ୍ୟରେ ସଚେତତା ସୃଷ୍ଟି କରାଯିବା ଆବଶ୍ୟକ । ସେହିପର ଆଇନରେ ଥିବା ତ୍ରୃଟି ସଂଶୋଧନ ପାଇଁ ଏବେ ସମୟ ଆସିଛି । ଅନ୍ୟଥା ଆଇନ କେବଳ ଆଇନରେ ସୀମାବଦ୍ଧ ହୋଇରହିଯିବ ।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୯୪୩୭୯୯୪୩୭୯

କବିତା କୋଣାର୍କ

## ସେଇ ଲୋକଟା

### ରଶ୍ମିପ୍ରଭା ରଣସିଂହ




ସେଇ ଲୋକଟା,
ହଁ ସେଇ ଲୋକଟା
ଯିଏ ସବୁଠି ଅଛି,
କିଛି ନ କରିବାର ଛଳନା କରି,
ସକାଳୁ ଉଠି ସମ୍ବାଦପତ୍ର ପୃଷ୍ଠାରେ
ଦେଶ ସୁଧାରିବାର କଥା କହେ
ନିଜ ଘରର ବର୍ଜ୍ୟବସ୍ତୁ
ପଡ଼ୋଶୀ ଆଗରେ ଫିଙ୍ଗି ।
ସେଇ ଲୋକଟା,
ହଁ ସେଇ ଲୋକଟା
ଅଫିସର ଟେବୁଲ୍
ଉପରେ ଫାଇଲ୍ ପାହାଡ଼,
ଆଉ ସେ ଲାଗିଥାନ୍ତି
ସୋସିଆଲ୍ ମିଡ଼ିଆରେ,
ସାହେବ ଆସିଲେ କହନ୍ତି,
'ସାର, ବହୁତ ଚାପ କଫି
ପିଇବାକୁ ବି ସମୟ ନାହିଁ ।'
ସେଇ ଲୋକଟା, ହଁ ସେଇ ଲୋକଟା
ରାସ୍ତାରେ ଯାଉଥିବା ସମୟରେ
ସିଗ୍ନାଲ୍ ଭାଙ୍ଗି ଜୋରରେ ଗାଡ଼ି ଚଳାଏ,
ଆଉ ପୋଲିସ୍ ଦେଖିଲେ କହେ,
ଆଇନ୍ ସମସ୍ତଙ୍କ ପାଇଁ ସମାନ ।
ସେଇ ଲୋକଟା ହଁ, ସେଇ ଲୋକଟା
ସିନେମା ହଲ୍‌ରେ ସବୁଠାରୁ
ଜୋରରେ ହସେ,
ମୋବାଇଲ୍‌ରେ କଥା ହୁଏ,
ଆଉ ଫିଲ୍ମ ଖରାପ ହେଲେ,
ନିର୍ଦ୍ଦେଶକଙ୍କୁ
ଗାଳି ଦେଇ କହେ,
'ଟଙ୍କା ବେକାର ଗଲା !
ସେଇ ଲୋକଟା,ହଁ ସେଇ ଲୋକଟା
ସାଙ୍ଗମାନଙ୍କ ସହ
ମଦ ପିଇଲା ବେଳେ,
ଭଗବାନଙ୍କୁ ଉପଦେଶ ଦିଏ
ଆଉ ଘରକୁ ଫେରିଲେ,
ସ୍ତ୍ରୀ ଆଗରେ ବିଲେଇ ପରି
ମିଆଁଉ ମିଆଁଉ କରେ !
ସେଇ ଲୋକଟା ହଁ, ସେଇ ଲୋକଟା
ନିର୍ବାଚନ ଆସିଲେ
ସବୁଠାରୁ ବଡ଼ ଦେଶଭକ୍ତ,
ନେତାଙ୍କ ପଛରେ ଦଉଡ଼େ,
ଆଉ ନିଜ ଭୋଟ୍ ବିକି ଦେଇ କହେ,
'ଏଥର ସବୁ ବଦଳିଯିବ,ଭାଇ !'
ସେଇ ଲୋକଟା ହଁ,ସେଇ ଲୋକଟା
ନିଜ ଦୋଷ ଦେଖିପାରେ ନାହିଁ,
ଆଉ ଦୁନିଆର ସବୁ ସମସ୍ୟା ପାଇଁ,
ପଡ଼ୋଶୀ ଓ ସରକାରଙ୍କୁ
ଦୋଷ ଦିଏ !
ହଁ ହଁ ସେଇ ଲୋକଟା !

+ ସ୍ଥାନ-ବାଲିଆପାଳ,
ବାଲେଶ୍ୱର

## ପ୍ରତିବନ୍ଧ

### ମୋହନ କୁମାର ସ୍ୱାଇଁ



ହସ ସଙ୍ଗେ ମିଶି କାନ୍ଦ ବି ରହିଛି
କାନ୍ଦ ସଙ୍ଗେ ମିଶି ହସ
ଜୀବନ ନାଆରେ ନାଉରିଆ ସଦା
ହୋଇ ରହିଅଛି ବସ ।

କେତେବେଳେ ଝଡ଼ ବାତାସ ତାହାକୁ
ମିଶାଏ ଅଥଳ ଜଳେ
କେବେକେବେ ପୁଣି ଅତି ସହଜରେ
ପହଞ୍ଚାଇ ଦିଏ କୂଳେ ।

ସବୁକାମ କେବେ ଅତି ସହଜରେ
ହୋଇଯାଏ ନାହିଁ ଆପେ
ଝାଳ ରକତର ଅବଦାନ ତାକୁ
ଭୋଗିବାକୁ ପଡେ କୋପେ ।

ସଫଳତା ପାଇଁ ବିଫଳତା ମଞ୍ଜି
ଯୋକ ପରି ଲାଗି ରହି
ପ୍ରତିବନ୍ଧ ଗୋଟେ ଯୋଜନା କରନ୍ତି
ଆପଣା ପାଖରେ ରହି ।

ଧୋକାବାଜ ଆଖି ସହିପାରେ ନାହିଁ
ଗୋଡ଼ ଟାଣୁଥାଏ ଲୁଚି
ନାନା କୌଶଳରେ ହାସଲ କରଇ
ପ୍ରତିବନ୍ଧ ଜାଲ ବିଞ୍ଚି ।

ପ୍ରାରମ୍ଭେ ନହେଲେ ଅନ୍ତକୁ ମିଳଇ
ପରିଣାମ ଟିଏ ଦେଇ
ସତର ମୁଖାକୁ ବନ୍ଦ କରିବାକୁ
କାହାର ଶକତି ନାହିଁ ।

+ବେଣାପୁର, କଣ୍ଟିଗଡିଆ,
ଯାଜପୁର
ମୋ: ୮୧୧୮୦୯୦୩୮

## ପ୍ରେମିକା
### ଐଶ୍ୱର୍ଯ୍ୟା ପ୍ରଧାନ



ଯିଏ ପାହି ଆସୁଥିବା ସକାଳକୁ ବି କୁହେ
ଆଉ ଟିକେ ରହ
କିଛି ସମୟ ଅଟକି ଯା
କେଇ ପଦ କଥା ବାକି ରହିଗଲା ଯେ ଆମର।

ଯିଏ ଅସ୍ତରାଗର ରଙ୍ଗରେ ରଙ୍ଗାଏ
ଜୀବନର ଚିତ୍ରକୁ
ଭଲପାଏ ଗୋଧୂଳି ବେଳାକୁ
ଲୁଚକାଳି ଖେଳେ ଜହ୍ନ ସାଥୀରେ
ଆଉ ମନ କଥା କହେ ? ତାରାଙ୍କୁ ।

ଲୁହ ଭିଜା ଆଖିରେ କେତେ ଯେ
ସ୍ୱପ୍ନ ବୁଣେ
ଆଶା ଆକାଂକ୍ଷା ସବୁକୁ ସାଇତି ରଖେ ତା
ସ୍ମୃତିର ଫରୁଆରେ
ମୋ ଅଭିମାନୀ ପ୍ରେମିକାର
ଅଳସୀ ଦେହ,ସତେଜ ପଦୁଅଁର ମୁହଁ
କଳାମେଘୀ କେଶ ଆଉ ମୃଗ ନାଭି
ଜୀବନର ପ୍ରତିଟି ମୁହୂର୍ତ୍ତରେ
କେବଳ ତାର ଉପସ୍ଥିତି
ତାର ମହକ,
କେବଳ ତାର !

+ପୋଷ୍ଟାଲ୍ କଲୋନୀ,
ଭବାନୀପାଟଣା, କଳାହାଣ୍ଡି
ମୋ-୭୦୦୮୯୩୧୫୯୯

## ନିଶବ୍ଦ ଅନୁରାଗ
### ରମାକାନ୍ତ ଦାସ



ତୁମ ଅଭିମାନର ସେଇ ଶୁଷ୍କ ମରୁଭୂମିରେ,
ମୁଁ ଆଜିବି ସାଉଁଟୁଥାଏ କିଛି ଭିଜା ସ୍ମୃତିର ଶିଶିର;
ହୁଏତ ସେଇ ଶିଶିର ବିନ୍ଦୁରେ ହିଁ ଲେଖା ଅଛି
ମୋ ଅସରନ୍ତି ପ୍ରେମର ଏକ ପୁରୁଣା ଦସ୍ତାବିଜ୍।


ଜାଣେ, ସମୟର ସ୍ରୋତରେ ସବୁ ଫିକା ପଡ଼ିଯାଏ
ଫିକା ପଡ଼ିଯାଏ ଓଠର ହସ ଓ ଆଖିର ସେଇ ନୀଳିମା,
ତଥାପି ମୋ ନୈଶବ୍ଦ୍ୟର ପ୍ରତିଟି ପାହାଚରେ
ତୁମେ ହିଁ ସାଜିଥାଅ ଏକ ଜ୍ୟୋସ୍ନାସ୍ନିଗ୍ଧ ପ୍ରତିମା।

କିଛି ଶବ୍ଦ ହଜିଯାଏ ଅଧାପଢ଼ା ଚିଠିର ଭାଙ୍ଗରେ
ଆଉ କିଛି ରହିଯାଏ ଅକୁହା ସଂଳାପର ଗଭୀରତାରେ,
ମୁଁ ଖୋଜେନି ତୁମକୁ ଆଜି କୌଣସି ପ୍ରଶ୍ନର ଉତ୍ତରରେ
ବରଂ ପାଇଯାଏ ନିଜକୁ ତୁମ ନୀରବତାର ସ୍ପନ୍ଦନରେ।

ପ୍ରତୀକ୍ଷା ଯେବେ ପାଲଟିଯାଏ ଏକ ମିଠା ଅଭ୍ୟାସ
ସେତେବେଳେ ଦୂରତା ବି ଲାଗେ ଖୁବ୍ ନିବିଡ଼,
ତୁମେ ମୋ ହୃଦୟର ସେଇ ନିଭୃତ ପାଣ୍ଡୁଲିପି
ଯେଉଁଠି ଲିଭେନାହିଁ କେବେ ତୁମ ଅଭିମାନର ଭିଡ଼।

+ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

## ସ୍ୱପ୍ନ
### ଡ.ଭରତ ଚନ୍ଦ୍ର ଦାଶ



ଏବେ
ସ୍ୱପ୍ନ ଦେଖିବା ମନା
ସ୍ୱପ୍ନ ଏବେ ସ୍ୱପ୍ନ ହେଲାଣି
ଆଖିକୁ, ହୃଦୟକୁ
ମନକୁ, ପ୍ରାଣକୁ
ସ୍ୱପ୍ନ ଏବେ
ଗ୍ରୀଷ୍ମ ଛୁଟିରେ ଅଛି
ମନାଲି ଯାଇଛି
ଶୈଳ ନିବାସରେ
ଖୁସି ମନାଉଛି ସେ।

ସ୍ୱପ୍ନ
ସ୍ୱତଃ ଆସେ
ନା ତାକୁ ଡାକିବାକୁ ପଡେ
ସ୍ୱପ୍ନ ଭାରି ଖିଆଲିଟିଏ
ତା' ଇଚ୍ଛାରେ ଆସେ
ଜାବୋଡି ଧରେ ଦେହକୁ
କିଛି ସମୟ ସେ ଆନମନା କରେ
ପ୍ରାଣ ପୁଲକିତ କରେ
ଉଲ୍ଲସିତ କରେ
ସ୍ୱପ୍ନ ପ୍ରାଣରେ ମଧୁ ସଂଚାର କରେ
ଜୀବନ ପ୍ରୀତିମୟ ହୋଇଉଠେ
ତା ସହ ମୋର ସଂପର୍କ
କାହିଁ କେତେକାଳରୁ
ସୃଷ୍ଟିର ଆରମ୍ଭରୁ
ଓଠରେ ହସ ଫୁଟିବା ଦିନରୁ
ସେ ଅଛି।

ବେଳେବେଳେ
ସେ ଆସେ ଅତର୍କିତ ଭାବେ
ମୁଁ ପ୍ରସ୍ତୁତ ନ ଥିବାବେଳେ
ସେ ପ୍ରୀତିକୁ ଭଲପାଏ
ପ୍ରୀତି ହିଁ ତ ମୋ ପ୍ରାଣର
ଇପ୍ସିତ ସ୍ପନ୍ଦନ
ମୁଁ କବିତା ମନସ୍କ ହୁଏ
ଶବ୍ଦ ପ୍ରେମରେ ପଡି
ଛଟପଟ ହୁଏ
କବିତା ଆପଣାଛାଏଁ
ଉତୁରି ଆସନ୍ତି
କାଳରୁ କାଳୋତ୍ତୀର୍ଣ୍ଣ ଯାଏ।

କବିତା ଜୀବନର କଥା କହେ
ଜୀବନର ପରିପୂର୍ଣ୍ଣତା ହିଁ ତ ସେ
ସ୍ୱପ୍ନ
ବାଃ ସତେତ ତୁମେ ଏକ
ଆତ୍ମିକ ଉତ୍ତରଣ ।

+ପ୍ରାକ୍ତନ ସଦସ୍ୟ,
ଓଡ଼ିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର - ୭୫୬ ୧୨୬
ମୋ: ୯୪୩୭୩୭୨୧୬୬

## ନିରୁପମାର ଅସଜଡ଼ା ସ୍ୱପ୍ନ
### ସିମାଂଶୁ ରାଉତ

ନିରୁପମା ସ୍ୱପ୍ନ ଦେଖେ
ଅସଜଡ଼ା ଓଦା ବିଛଣାରେ
ସତେ କିଏ ଡାକୁଅଛି ଆସ ପ୍ରିୟେ
ମୁଁ ଅଛି ବାହାରେ
ହଠାଠ ତା'ର ନିଦ ଭାଙ୍ଗେ
କବାଟ ଖୋଲି ବାହାରକୁ ଦେଖେ
ରାତି ଶେଷ ହୋଇନାହିଁ
ତାତି ବଢୁଅଛି ଜହ୍ନ ଆଲୁଅରେ ।

ନିରୁପମା ମୁହଁ ଦେଖେ ନିଜ ଦର୍ପଣରେ
ନୂଆ ନୂଆ ବ୍ରଣ ସବୁ ଉଙ୍କୁରୁଛି
ବାଦାମୀ ମୁହଁରେ
ମସୃଣ ଗାଲରେ ତାର ଗୋଟେ ତିଳ ଚିହ୍ନ
ସତେକି ଘରେ ଆଜି ଉଇଁ ଆସେ ଜହ୍ନ ।

ସେଦିନ ମୁଁ ଦେଖିଥିଲି
ତାକୁ ଗୋଧୂଳି ବେଳାରେ
ହାତେ ତାର ପାଣିଚୁଡ଼ି, ମଥାରେ ଟିକିଲି
ଦେହ ତା'ର ତୋଫା ଜହ୍ନ
ଓଠ ତାର ନୀଳକଇଁ
ହରିଣୀ ଆଖିରେ ତା'ର ପ୍ରୀତିର ଚାହାଣୀ ।

ତା'ଯୌବନ ନଈରେ ମୋ ନାବ ଅଟକି ଗଲା
ତା'ଦେହର ବେଳାଭୂମିରେ ବାଡ଼େଇ ହୋଇ
ମୋ ମନର ଜୁଆର ଫେରି ଆସିଲା ।

+ଗ୍ରାମ - ସିଙ୍ଗଝର (ସିନାପାଲି)
ଜିଲ୍ଲା- ନୂଆପଡ଼ା
ମୋ -୭୮୯୪୯୪୫୦୪୨

## ମନମଧୁମତୀ ତୁମେ ମୋର ସାଥୀ
### ପ୍ରଶାନ୍ତ କୁମାର ଦାଶ



ଭାବନାରେ ଆଉ କେତେ ଦେଖୁଥିବି
କଳ୍ପନାର ମୁଖ ଛବି
ତୁମପାଇଁ ପ୍ରିୟା କାରୁଣ୍ୟ ଲୁହରେ
ଆଖିତ ଯାଉଚି ଦ୍ରବି ।।

ଜହ୍ନ ଉଇଁଗଲେ ହୁଅନ୍ତା କି ଦେଖା
ତୁମ ସହ ପ୍ରିୟା ଥରେ
ପୋଛନ୍ତି ମୋ ଲୁହ ଖୁସିର ମଦିରା
ପିଇ ଦେଇ ଏଇ ଘରେ ।।

କୋଳତ ତୁମର ଫୁଲର ବିଛଣା
ପଡ଼ନ୍ତି ଥରେ ମୁଁ ଶୋଇ
ଚୁମାଟିଏ ମୋର ଗାଲକୁ ଦିଅନ୍ତ
ପ୍ରଣୟିନୀ ମୋର ହୋଇ ।।

ମନମଧୁମତୀ ତୁମେ ମୋର ସାଥୀ
ତୁମେ ଥିଲେ ପାଶେ ମୋର
ହସନ୍ତା ତୁମକୁ ପାଇ ହରଷରେ
ସରଗ ସମାନ ଘର ।।

ଆଳାପ ତୁମର ସତେ ସୁଲଳିତ
ସମ୍ମୋହିତ ପ୍ରୀତି ଛନ୍ଦ
ଉଦାସ ରାତିର ଜହ୍ନର ଜୋଛନା
ଉପବନ ଫୁଲ ଗନ୍ଧ ।।

ଜୀବନେ ଭରିଛ ବିରହ ଯାତନା
ବ୍ୟଥାର ଚୌହଦୀ ସାଥୀ
ପ୍ରୀତି ତଟିନୀରେ ହୁଏ ଉବୁଟୁବୁ
ମାଡିଆସେ ତମ ରାତି ।।

+କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

## ଶବ୍ଦବ୍ରହ୍ମ
### ବସନ୍ତ କୁମାର ପ୍ରଧାନ



ବ୍ରହ୍ମରୁ ବ୍ରହ୍ମାଣ୍ଡ ହୋଇଅଛି ସୃଷ୍ଟି
ବ୍ରହ୍ମମୟ ଏ ଜଗତ
ସୂକ୍ଷ୍ମାତିସୂକ୍ଷ୍ମ ଅଣୁ ପରମାଣୁ
ସର୍ବ ଘଟେ ବିରାଜିତ ।
ଓଁ କାର ଅଟଇ ଆଦ୍ୟ ବ୍ରହ୍ମ ଧ୍ୱନି
ତା'ଠାରୁ ଅକ୍ଷର ଜାତ
ଅକ୍ଷର ଅକ୍ଷର ଯୋଗେ ଶବ୍ଦ ଜାତ
ତହିଁରୁ ବେଦ ବେଦାନ୍ତ।
ସେହି ଶବ୍ଦବ୍ରହ୍ମ ନିରାଜନା ପାଇଁ
ବଳାଇ ଅଛି ମୋ 'ମନ
ନାନା ରୀତି ନୀତି ପୂଜା ବିଧିରେ
କରେନା ବ୍ରହ୍ମ ପୂଜନ।
ଦିଅ ଶୁଭ ବୁଦ୍ଧି ନିର୍ମଳ ଭକତି
ହେ ପ୍ରଭୁ ଜଗତନାଥ
କବିତା ପ୍ରାଣରେ ତୋଳି ମୁଁ ଓଁ କାର
ସାଧିବି ଜଗତ ହିତ।
ସେହି ହେଉ ମୋର ଶ୍ରେଷ୍ଠ ଉପାସନା
ଚିନ୍ତିବି ପଦ୍ମ ପୟର
ସୁନ୍ଦର ଭାବରେ ବଞ୍ଚିବାର କଳା
ଶିକ୍ଷା ଦେବି ନିରନ୍ତର।
କବିତା ସୁମନେ ତୁମ୍ଭ ଶ୍ରୀ ଚରଣେ
ଦେବି ଭକ୍ତି ପୁଷ୍ପାଞ୍ଜଳି
ଉତ୍କଳ ଭାରତୀ ଟେକ ରଖିବାରେ
ଦେବି ମୋର ପ୍ରାଣବଳି ।
ଶବ୍ଦବ୍ରହ୍ମ ମୋର ନିଃଶ୍ୱାସ ପ୍ରଶ୍ୱାସ
କବିତା ମୋହର ପ୍ରାଣ
କାଳ କବଳିତ ହୋଇଲେ ଜୀବନ
ହେବ ଅମୃତ ସୋପାନ।

+ହରିହରପୁର, ଛେଣ୍ଡିପଦା, ଅନୁଗୋଳ
ମୋ -୭୭୩୫୬୧୧୪୮୪

## ଅତିରୁ ଇତି
### ପ୍ରକାଶ କୁମାର ଚାନ୍ଦ



ଅତି ଲେମ୍ବୁ ଚିପୁଡ଼ିଲେ
ପିତା ହୁଏ ଦରବ
ଅତି ଗର୍ବ ମନେ ହେଲେ
ନଷ୍ଟ ହୁଏ ଗରବ।

ଅତି ମିଠା ଖାଇଦେଲେ
ବାନ୍ଧି ଦିଏ ପାଟିରେ
ଅତି ଖରା ଟାଣ ହେଲେ
ମାଟି ଯାଏ ଫାଟିରେ ।

ଅତି ଲୋଭ କରିଥିଲେ
ମରଣକୁ ଭେଟିବ
ଅତି ଭାବ ଯୋଡ଼ିଥିଲେ
ନିଷ୍ଟେ ଦିନେ ଫାଟିବ।

ଅତି ଦାନେ ବଳି ରାଜା
ପାତାଳକୁ ଗଲା
ଅତି ଗର୍ବେ ସୁନା ଲଙ୍କା
ପାଉଁଶ ଯେ ହେଲା।

ଅତି ଆପଣାର ଲୋକ
ଧୋକା ଦିନେ ଦିଏ
ଅତି ବେଶୀ ଭାବୁଥିଲେ
ଚିନ୍ତା ଗଣ୍ଡି ଖାଏ।

ଅତି ଭକ୍ତି ଏଠି ପରା
ଲକ୍ଷଣ ଯେ ଚୋର
ଅତି ପାପ ବଢ଼ିଗଲେ
ଭାରି ଭୟଙ୍କର।

ଅତିକୁ ଆୟତ୍ତ କଲେ
ମଧୁର ତ ଜୀବନ
ଅତିରୁ ତ ଇତି ହେଲେ
ଜହରର ସମାନ।

+ଜୟପୁରଶାସନ, ପିପିଲି, ପୁରୀ
ମୋ -୭୦୦୮୯୨୫୯୫୪



## ଦୁନିଆର ପ୍ରତିଛବି
### ସୁସ୍ମିତା ପଟେଲ

ଆଖିରେ ଆଖିଏ ଲୁହ
ଛାତିରେ ଅଜସ୍ର କୋହ ଧରି
ସେ ଯେତେବେଳେ
ତା ପାଉଣା ମାଗିଲା
କି ଭୁଲ୍ କଲା
ଛାଡି ଯାଇଥିବା ଭଉଣୀର ଶେଷ ସନ୍ତକଟା
କେବଳ ତାର ଦାବିର ବିଷୟ ତ ଥିଲା ।

ଏଠି ମଣିଷକୁ ଚିହ୍ନେନି ମଣିଷ
ଶରଶଯ୍ୟାରେ ଶୋଇପଡିଛି ମଣିଷତ୍ୱ
ପୁଙ୍ଗୁଳାପାଦ ଓ ପୁଙ୍ଗୁଳା ପିଠିର
କୋହକୁ ଅଣଦେଖା କରି
ବଢେଇ ଚାଲିଛି ତା କାୟାକଳ୍ପ ।

ସତରେ କିଏ ଦେଖୁଛି ସେ ଦରମରା,
ଦଦରା ଆଖିରୁ ବୋହୁଥିବା ଲୋତକର ଧାର
କିଏ ଶୁଣୁଛି ଚମ ତଳେ ଧୁଡୁଧୁଡୁ କରୁଥିବା
କେଇଖଣ୍ଡ ହାଡ ର ବିଳାପ ।

କଣ ଆଉ କରିଥାନ୍ତା ସେ
ସବୁ ପ୍ରତିକ୍ଷାର ଅନ୍ତ ଘଟାଇ ମଶାଣିକୁ
କାନ୍ଧରେ ବୋହିଲା
କଙ୍କାଳ ତ ନୁହେଁ
ଦୁନିଆର ପ୍ରତିଛବିଟିଏ କାନ୍ଧେ ବୋହି
ଶେଷରେ ଦୁନିଆକୁ ହିଁ
ଭେଟି ଦେଇଥିଲା ।

+କୁଚିଣ୍ଡା, ସମ୍ବଲପୁର
ମୋ-୭୮୯୪୬୬୧୧୨୩

## କୋଟିଏ ପ୍ରଣାମ
### ଶ୍ରୀ ସତ୍ୟବ୍ରତ ସାହୁ

କିଏ ଜାଣିଥିଲା ଯେ,
୧୮୯୭ ଜାନୁଆରୀ ୨୩ରେ
କଟକର ଓଡ଼ିଆ ବଜାରରେ
ଜନ୍ମ ନେଇଥିବା ଶିଶୁଟି
ଦିନେ ସାରା ଭାରତୀୟଙ୍କୁ ମାଗିବ ରକ୍ତ
ପରାଧୀନ ଭାରତୀୟଙ୍କୁ
ବୀର ଦର୍ପରେ କହିବ-
'ମୋତେ ରକ୍ତ ଦିଅ ମୁଁ ତୁମକୁ
ସ୍ୱାଧୀନତା ଦେବି' !

ସୁଦୂର ଜାପାନରେ ଗଢିବ ଆଜାଦ୍ ହିନ୍ଦ୍
ଆଉ ଡାକ ଦେବ ଦୀଲ୍ଲି ଚଲୋ ।
ଜୟହିନ୍ଦ୍ ମନ୍ତ୍ରକୁ ମୁଖରେ ଧରି ଥରାଇ ଦେବ
ବାରମ୍ବାର ଇଂରେଜଙ୍କ ଛାତି ।
ଦେଶକୁ ସ୍ୱାଧୀନ କରିବା ପାଇଁ
ସାଜିଯିବ ନେତାଜୀ !

ଗାନ୍ଧିଙ୍କୁ ସମ୍ମାନ ଦେଉଥିବା ଲୋକଟା ଗ୍ରହଣ
କରିପାରିବନି ତାଙ୍କ ଅହିଂସା ନୀତିକୁ
ଖଣ୍ଡାର ଜବାବ ଖଣ୍ଡାରେ..
ରକ୍ତର ଜବାବ ରକ୍ତରେ ଦେବାକୁ
କରିବ ଆହ୍ୱାନ ଆଜାଦ ହିନ୍ଦ୍ ଫୌଜକୁ ।

ଆଉ କିଏ ଜାଣିଥିଲା ଯେ,
ହଠାତ୍ ନିଃଶବ୍ଦ ହୋଇଯିବ ସେ ସ୍ୱର
୧୯୪୫ ଅଗଷ୍ଟ ୨୩ ରେ ଜାପାନ କହିବ
ପାଞ୍ଚ ଦିନ ତଳେ ଅଗଷ୍ଟ ୧୮ ତାରିଖ
ବିମାନ ଦୁର୍ଘଟଣାରେ ସେ ଦୁର୍ଦ୍ଧର୍ଷ
ଓଡ଼ିଆ ଯୁବକଟା ମୃତ !

ଆଜି ବି ସେହି ପ୍ରଶ୍ନ..
ନେତାଜୀ ଜୀବିତ ନା ମୃତ ?
ଯଦି ମୃତ.. ତେବେ କାହିଁକି ପାଳିତ ହେଉନି
ତାଙ୍କ ଶ୍ରାଦ୍ଧ ଦିବସ ?

ହେ..୧୨୯ ବର୍ଷ ବୟସର ଯୁବକ ସୁଭାଷ
ତମେ ମୃତ ହୁଅ ବା ଜୀବିତ ଥାଅ..
ତମ ବୀରତ୍ୱକୁ ଏ ଜାତି କରୁଥିବ ଚିର ସ୍ମରଣ
ଆତ୍ମଗର୍ବେ କହୁଥିବ- ସୁଭାଷ ଆମ ପୁଅ
ଆମ ଓଡ଼ିଶା ମାଟିର ।

ଚିରଦିନ କରୁଥିବ ତମକୁ ଦାମ୍ଭିକ ସଲାମ୍
ହେ ପ୍ରଣମ୍ୟ...
ତମ ଜୟନ୍ତୀରେ ଘେନାକର ଏ ଜାତିର
କୋଟିଏ ପ୍ରଣାମ ।

+ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ- ୮୯୧୭୨୭୩୫୪୫

## କିଏ ଶିଖେଇଲା ପ୍ରେମ
### ପ୍ରଶାନ୍ତ କୁମାର ନାଥ



ଆଜି ସିନା ତୁମେ ହୃଦୟରେ ତୁମ
ଲେଖିଦେଲ କାହା ନାମ
ଏକା ଏକା ଯେବେ ଉଡି ବୁଲୁଥିଲି
କହିବକି ମୋତେ
କିଏ ଶିଖେଇଲା ପ୍ରେମ ?

ଦେଖେଇଲ ଆଶା
ଜନ୍ମେଇ ଭରଷା
ହେଲେ ସେସବୁକୁ ଆଜି
ତୁମେ କହୁଅଛ ଭ୍ରମ
କହିବକି ମୋତେ
କିଏ ଶିଖେଇଲା ପ୍ରେମ ?

ଓଠେ ଦେଲ ହସ
ମନରେ ସାହସ
ପ୍ରେମ ଗଛଟିଏ ବନେଇଲ ମୋତେ
ରହିଥିଲି ହୋଇ ଦ୍ରୁମ
କହିବକି ମୋତେ
କିଏ ଶିଖେଇଲା ପ୍ରେମ ?

ଗଢିଲ ସମ୍ପର୍କ
ମୋ ସାଥିରେ ଆସି
ସ୍ୱପ୍ନ ଦେଖେଇଲ
ପାଖରେ ମୋ ବସି
ଭୁଲିବା ପାଇଁକି କହୁଅଛ,
ହୃଦୟରେ ଥରେ
ଲେଖିଦେଲା ପରେ ନାମ
କହିବକି ମୋତେ
କିଏ ଶିଖେଇଲା ପ୍ରେମ ?

ବୁଝେଇ ପାରୁନି
ତୁମକୁ ଆଜି ମୁଁ
ପ୍ରେମ ନୁହେଁ ମୋର
ମାଟିର କଣ୍ଢେଇ,
ବାଲିଘର ଧୂଳିଖେଳ ସମ
କିହିବକି ମୋତେ
କିଏ ଶିଖେଇଲା ପ୍ରେମ ?

+ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର,
ଯାଜପୁର-୭୫୫୦୧୩
ମୋ-୮୩୧୦୩୨୮୩୪୫

## ବରାଭୟ
### ଅରୁଣ କୁମାର ଦାସ

ସକାଳ ସବୁ ଉନ୍ମାଦନାକୁ ପଛରେ ପକାଇ
ସମାଜିକ ଗଣ ମାଧ୍ୟମର
ଶିରୋନାମା ପାଲଟେ
ସେ ଦୃଶ୍ୟ କିଛି ଦିନ ପାଇଁ ମାନସ ପଟ୍ଟରେ
ଲିପିବଦ୍ଧ ହୋଇଯାଏ
ସାତ ତଳ ପଙ୍କର ସିନ୍ଦୂର ଫରୁଆରେ ।
ମନକୁ ବ୍ୟଥିତ ଓ ବ୍ୟାକୁଳିତ କରେ
ଏ କ'ଣ ଦେଖୁଚୁ ଓ ଶୁଣୁଛୁ
ଚିରନ୍ତନ ସତ୍ୟକୁ
ତଥାପି ମନ ମାନେନା
ଚିର କାଳକୁ।
ଯୁଧିଷ୍ଠିର ଯକ୍ଷ ଉପାଖ୍ୟାନ
ପାଲଟିଛି ଆଜି ଆଖ୍ୟାନ
ଜମା ବୁଝୁନି ଆଉ ମନ
ଭାବନା ଏବେ ସାତ ସପନ ।
ଏଠି ଲୋଭ, ମୋହ, ମାନ, ଅପମାନ
ସବୁ ହୋଇବ ଜ୍ୱଳନ
ଛ ଖଣ୍ଡ ବାଉଁଶ ଲୋଡା
କତିପୟ ମାଲ ଭାଇ
ହରିବୋଲ ଧ୍ୱନି ଓ ମନବୁଝା କାନ୍ଦ ବୋବାଳି
ଜୀବନ ସାରା ସଞ୍ଚିତ ଅର୍ଥ ପ୍ରାପ୍ତିର
ଅଛିଣ୍ଡା ଗଣିତ
ଅତୃପ୍ତ ଆତ୍ମାର କୁସ୍ମାରଟନା
ସବୁ ହୋଇବ ଘଟଣା।
କେବଳ ସେଇ ପ୍ରିୟ ପରମଙ୍କୁ ଜଣା
କେବେ ହୋଇବ ଜଣାରୁ ଅଜଣା
ଭାଜ୍ୟରୁ ଅବିଭାଜ୍ୟ
ବିଲୀନ ହୋଇବ ପଞ୍ଚ ମହାଭୂତରେ ।

+ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର
ମୋ: ୯୯୩୮୭୩୩୦୭୫



## ପାରିବୁକି ଫେରେଇ ?
### ସୁଶ୍ରୀ ସଙ୍ଗୀତା ସେଠୀ



ହେ ସମୟ ! ପାରିବୁକି ଫେରେଇ ?
ଚାଳରୁ ଠୋପା ଠୋପା ନାଳି ଚାହା
ଭ୍ରମ ସୃଷ୍ଟି କରୁଥିବା ବର୍ଷା ବିନ୍ଦୁ ସହ
ନବେ ଦଶକର ସେ ଜୀବନ୍ତ ସ୍ନେହର ନଈ !

ମାଟି ଗୋଡି ରାସ୍ତାର ସେ ସୁଅ ଧାରରେ
କାଗଜ ଡଙ୍ଗାରେ ଭାସି ଯାଇଥିବା ସେ ଅତୀତ
ସାହି ପଡ଼ିଶାଙ୍କ ଆଖିବୁଜା ଅନାବିଳ ସ୍ନେହ
ପିଲାଦିନ ସହ ପାରିବୁକି ସତେ ଫେରେଇ ?

ପର ବୋଲି ଭେଦଭାବ ନଥିବା ସେ ସାହି
ମୋର ଆଜି ଅଚିହ୍ନା ଅଜଣା ଲାଗଇ,
କାହା ପାଇଁ କୋଉ ଘରେ ନଥିବା ବାରଣ
ସଭିଙ୍କ ଭାତ କଂସାରେ
ହେବକି ହାତ ବୁଡ଼େଇ ?

ସ୍ନେହ ମମତାର ସେ ସମୟକୁ କାହିଁ
ନେଲୁ ଚୋରେଇ
ସମୟ ତୁ ଦଗାଦିଆ
ନିଜେ ବଦଳିବା ସହ ତୁ
ସଭିଙ୍କୁ ଦେଲୁ ତୋ ଭଳି ବଦଳେଇ
ସେଇ ଦିନ ସେଇ ଲୋକଙ୍କୁ
ଖୋଜେ ପାରିବୁକି ଫେରେଇ ?

+ଯାଜପୁର

# ପ୍ରହସନ ପାଲଟିଛି ପଲିଥିନ କଟକଣା: ପ୍ରଶାସନ ଚଢ଼ଉ କରିବାକୁ ଦାବି

ଜୟପୁର, ୨୫/୦୫ (ନି.ପ୍ର): ଅକ୍ଟୋବର ୨ ତାରିଖ ଗାନ୍ଧି ଜୟନ୍ତୀରୁ ଓଡ଼ିଶା ସରକାର ପଲିଥିନ ବିକ୍ରି ଓ ବ୍ୟବହାର ଉପରେ ଅଙ୍କୁଶ ଲଗାଇଥିଲେ । ଉଦ୍ଦେଶ୍ୟ ଥିଲା ପଲିଥିନର ବିପଦଜ୍ଜନକ ବ୍ୟବହାରକୁ ରୋକିବା । କିନ୍ତୁ, ସରକାରଙ୍କ ଏହି ନିର୍ଦ୍ଦେଶାନାମା କୋରାପୁଟ ଜିଲ୍ଲାରେ ପ୍ରହସନ ପାଲଟିଛି । ବିଭିନ୍ନ ଦୋକାନ, ବଜାରରେ ପଲିଥିନ ଖୁଲମଖୁଲ୍ଲା ବିକ୍ରି ଚାଲିଛି । ମଝିରେ ମଝିରେ ଔପଚାରିକତା ପୂରଣ ପାଇଁ ଚଢଉ କରାଯାଉଛି । ଆଗକୁ ଏଥିପ୍ରତି ଧ୍ୟାନ ଦିଆନଗଲେ ଯଥା ପୂର୍ବଂ ତଥା ପରଂ ସ୍ଥିତି ସୃଷ୍ଟି ହେବା ଅବଶ୍ୟମ୍ଭାବୀ ବୋଲି ଆଲୋଚନା ହେଉଛି । ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୧୯ ସେପ୍ଟେମ୍ବର ୩୦ରେ ପଲିଥିନ ବ୍ୟାନ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରାଯାଇଥିଲା । ଏଥିରେ ଉଲ୍ଲେଖ ଥିଲା ଯେ, ଯେଉଁ ପଲିଥିନ ଗୁଡିକ ଠିକ ଭାବେ ନଷ୍ଟ ଅର୍ଥାତ୍ ଖତ ହୋଇପାରୁଛି ସେଗୁଡିକ ବ୍ୟବହାର ଉପଯୋଗୀ । ଅବଶିଷ୍ଟ ପଲିଥିନ ବ୍ୟବହାର ଉପଯୋଗୀ ନୁହେଁ । ତେଣୁ ଏହି ପଲିଥିନ ଗୁଡିକର ଉତ୍ପାଦନ ହୋଇପାରିବ ନାହିଁ । ଯଦି କେଉଁଠି ରହିଯାଇଛି ତେବେ ତାହାର କିଣା, ବିକା ଉପରେ ଅଙ୍କୁଶ ଲଗାଯାଇଛି । ଏପରିକି ପ୍ଲାଷ୍ଟିକ ଥାଳି, ଚାମଚ, ଗିନା, କପ, ପ୍ଲେଟ, ଗ୍ଲାସ ଆଦି ମଧ୍ୟ ବ୍ୟବହାର ହୋଇପାରିବ ନାହିଁ । ଯେଉଁ ପଲିଥିନ ର ସ୍ଥୁଳତା (ଥିକନେସ୍) ୫୦ ମାଇକ୍ରନ୍ ତଳକୁ ଥିବ ତାହା ବ୍ୟବହାର ଉପଯୋଗୀ ନୁହେଁ । କେବଳ କ୍ଷୀର କିମ୍ବା ଅନ୍ୟ ଔଷଧୀୟ ସାମଗ୍ରୀ ରଖିବା ପାଇଁ ଉପଯୁକ୍ତ ମାନର ପଲିଥିନ ବ୍ୟବହାର କରାଯାଇପାରେ । ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଥିଲା । ଏହି କଟକଣା ଲାଗୁପରେ ଜିଲ୍ଲାରେ ପ୍ରଥମେ କିଛି ଦିନ ନିର୍ଦ୍ଦେଶନାମାକୁ ଠିକ ଭାବେ ପାଳନ କରାଯାଇଥିଲା । କିନ୍ତୁ, ପରବର୍ତ୍ତୀ ସମୟରେ ତାହା ଫାଇଲ ଭିତରେ ଚାପି ହୋଇଯାଇଛି । ବିଶେଷ କରି କୋରାପୁଟ ଜିଲାର ଜୟପୁର ସହର, କୋଟପାଡ, ସେମିଳିଗୁଡା, ବୈପାରିଗୁଡା, ବୋରିଗୁମ୍ମା, କୋରାପୁଟ, କୁନ୍ଦୁରାରେ ଅବାଧରେ ଚାଲିଛି ପଲିଥିନ ବିକ୍ରି । ପାନ ଦୋକାନ ଠାରୁ ଆରମ୍ଭ କରି ରାଶନ ଦୋକାନ, ଷ୍ଟେସନାରୀ ଦୋକାନ, ଜଳଖିଆ ଦୋକାନ, ପରିବା ଦୋକାନ ମାନଙ୍କରେ ବହୁଳ ମାତ୍ରାରେ ପଲିଥିନ କାରବାର ଖୋଲାଖୋଲି ଚାଲିଛି । ପଲିଥିନରେ ବରା, ପିଆଜି, ଉପମା, ତରକାରି, ଗୁପଚୁପ, ଚାଟ, ଚାଉମିନ ଧରି ଲୋକମାନେ ଯାଉଥିବା ବେଳେ ସବୁଠାରୁ ବଡ କଥା ହେଲା ମନ୍ଦିରରେ ଅନ୍ନ ଭୋଗ ବିକ୍ରୟ କରାଯାଉଛି । ସେଠାରେ ପଲିଥିନରେ ଅନ୍ନ, ଡାଲି, ଡାଲମା, ବେସର, ଖଟା, ତରକାରି ପଲିଥିନରେ ଦିଆଯାଉଛି । ପଲିଥିନରେ ଭୋଗ ସାମଗ୍ରୀ ସହ ଫୁଲ, ଫଳ କଦଳୀ, କାକୁଡି, ଲେମ୍ବୁ ଓ ଇଲେକ୍ଟ୍ରି ସାମଗ୍ରୀ ସବୁ ଦିଆଯାଉଛି । ମାଛ ଦୋକାନରେ ପଲିଥିନରେ ମାଛ ଓ ଅଣ୍ଡା ଦୋକାନରେ ଅଣ୍ଡା ଦିଆଯାଉଥିବା ବେଳେ ଚା' ଦୋକାନରେ ଚା' ମଧ୍ୟ ପଲିଥିନରେ ଗ୍ରାହକଙ୍କୁ ଦିଆଯାଉଛି । ସାହି ଗଳି କନ୍ଦି ଓ ଛକ ମାନଙ୍କରେ ପଲିଥିନ ପଡିଥିବାର ଦେଖାଯାଉଛି । ରାଜ୍ୟ ସରକାର ପ୍ରଥମେ ଯେତେବେଳେ ପଲିଥିନ ବ୍ୟାନ ଘୋଷଣା କରିଥିଲେ, ସେତେବେଳେ କିଛିଦିନ ଏହାର ବ୍ୟବହାର ଉପରେ ଅଙ୍କୁଶ ଲାଗିଥିଲା । ପରବର୍ତ୍ତୀ ସମୟରେ ପୂର୍ବପରି ପଲିଥିନ ବ୍ୟବହାର ହେବାରେ ଲାଗିଛି । ସରକାର ପଲିଥିନ ଉତ୍ପାଦନ ଉପରେ ଅଙ୍କୁଶ ଲଗାଉନଥିବାରୁ କାରବାର ବନ୍ଦ ହୋଇପାରୁନାହିଁ । ଅନ୍ୟପକ୍ଷରେ ଜୟପୁର ସହରରେ ପୌରସଂସ୍ଥା ପକ୍ଷରୁ ପଲିଥିନ ବନ୍ଦ ପାଇଁ ଏନଫୋର୍ସମେଂଟ କମିଟି ଗଠନ କରାଯାଇଥିଲା । କିନ୍ତୁ, ଏହା କେବଳ କାଗଜକଲମରେ ସିମୀତ ବୋଲି କୁହାଯାଉଛି । ଚଢଉ ହେଉନଥିବାରୁ ପଲିଥିନ ପୂର୍ବପରି ବ୍ୟବହୃତ ହୋଇଚାଲିଛି । ଏନେଇ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଏନେଇ ପ୍ରଶାସନ ତରଫରୁ ଚଢ଼ଉକୁ ଜୋରସୋର୍ କରିବାକୁ ଦାବି ହୋଇଛି । ବାରମ୍ବାର ଦାବି ହେବା ପରେ ଗତ ୨୦ ତାରିଖରେ ଜୟପୁର ପୌରପାଳିକା ପକ୍ଷରୁ ସହରର ପ୍ଲାଷ୍ଟିକ ଜରି ବିକ୍ରି କରୁଥିବା ୨ଟି ଦୋକାନରେ ଚଢଉ କରି ପଲିଥିନ ଜବତ କରିଥିବା ଜଣାପଡିଛି । ପୌର ଟିମ୍ ଦୈନିକ ବଜାର, ବେଲରୋଡ ଏବଂ ଏମଜିରୋଡ ରେ ଥିବା ପଲିଥିନ ଦୋକାନ ଉପରେ ଚଢ଼ଉ କରିଥିଲେ । ୨ଟି ଦୋକାନରୁ ମୋଟ୍ ୭ ହଜାର ଟଙ୍କା ଆଦାୟ କରିଥିବା ସୂଚନା ଦେଇଛନ୍ତି ।

# ହାଣ୍ଡିଶାଳରେ ଦରଦାମ ତାତି: ତେଲ, ଗ୍ୟାସ୍ ପରେ ପରିବା ଦର ବଢ଼ିଲା

ଭୁବନେଶ୍ୱର, ୨୫/୦୫ (ନି.ପ୍ର): ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଦେଶରେ ଏଲ୍‌ପିଜି ଦର ମାର୍ଚ୍ଚ ମାସରେ ବଢ଼ିଲା । ବାଣିଜ୍ୟିକ ଏଲ୍‌ପିଜି ନ ମିଳିବାରୁ ହୋଟେଲ ଓ ରେସ୍ତୋରାଁରେ ଖାଇବା ମହଙ୍ଗା ହୋଇଥିଲା । ୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ସରିବା ପରେ ସରକାରୀ ତେଲ କମ୍ପାନିଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଦର ୯ ଦିନରେ ୩ ଥର ବଢ଼ାଇଲେ । ଏଥିପାଇଁ ପେଟ୍ରୋଲ୍ ଓ ଡିଜେଲ୍ ଦର ଲିଟର ପିଛା ୫ ଟଙ୍କା ମହଙ୍ଗା ହୋଇଯାଇଛି । ବିଗତ କିଛିଦିନ ମଧ୍ୟରେ ଖାଇବା ତେଲ, ଡାଲି ଦର ବଢ଼ିଥିବାବେଳେ ଆଜି କଞ୍ଚା ପରିବା ଦର ବଢ଼ିଯାଇଛି । ପ୍ରାୟ ସବୁ କଞ୍ଚା ପରିବା ଦର ଭୁବନେଶ୍ୱରର ପାଇକାରୀ ବଜାରରେ କିଲୋଗ୍ରାମ ପିଛା ୫ରୁ ୧୦ ଟଙ୍କା ଲେଖାଏଁ ବଢ଼ିଯାଇଛି । ସୂଚନା ଅନୁଯାୟୀ, ଆଜି ରାଜଧାନୀରେ ବାଇଗଣର ଖୁଚୁରା ଦର ୬୦ ଟଙ୍କା, କଲରା ଦର ୬୦ରୁ ୮୦ ଟଙ୍କା, କାଙ୍କଡ଼ ୬୦ରୁ ୮୦ ଟଙ୍କା, ଗାଜର ୪୦ରୁ ୬୦ ଟଙ୍କା, ସଜନା ଛୁଇଁ ୮୦ରୁ ୧୦୦ ଟଙ୍କା, ଟମାଟୋ ୫୦ରୁ ୬୦ ଟଙ୍କା, ଭେଣ୍ଡି ୪୦ରୁ ୬୦ ଟଙ୍କା, ପୋଟଳ ୪୦ରୁ ୬୦ ଟଙ୍କା, କଖାରୁ ୩୦ ଟଙ୍କା, ଅମୃତଭଣ୍ଡା ୩୦ ଟଙ୍କା, ବନ୍ଧା କୋବି ୩୦ ଟଙ୍କାରେ ବିକ୍ରି ହୋଇଛି । ରାଜଧାନୀର ଖୁଚୁରା ବଜାରରେ ଅଦା ଓ ରୁସଣ ଦର କିଲୋଗ୍ରାମ ପିଛା ୧୨୦ ଟଙ୍କାରେ ବିକ୍ରି ହେଉଛି । ସପ୍ତାହକ ପୂର୍ବେ ହରଡ଼ ଡାଲି ଦାମ୍ କିଲୋଗ୍ରାମ ପିଛା ୧୨୦ ଟଙ୍କା ଥିବାବେଳେ ସଂପ୍ରତି ତାହା ୧୩୦ ଟଙ୍କାରେ ବିକ୍ରି ହେଉଛି । ସୋରିଷ ତେଲ ଓ ରିଫାଇନ୍ ତେଲ ଦର ଲିଟର ପିଛା ୧୦ ଟଙ୍କା ଲେଖାଏଁ ବଢ଼ି ଯଥାକ୍ରମେ ୧୯୦ ଟଙ୍କା ଓ ୧୮୦ ଟଙ୍କା ହୋଇଛି । ଓଡ଼ିଶାକୁ ଅଧିକାଂଶ ଖାଦ୍ୟ ସାମଗ୍ରୀ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକ ଓ ତାମିଲନାଡୁ ଭଳି ରାଜ୍ୟରୁ ଆସୁଛି । ଏଥିସହିତ ପାଇକାରୀ ବଜାରରୁ ଖୁଚୁରା ବଜାରରେ ସାମଗ୍ରୀ ପହଞ୍ଚିବା ଲାଗି ୩ରୁ ୪ ହାତ ହୋଇଯାଉଛି । ତେଣୁ ଖାଉଟି ନିକଟରେ ସାମଗ୍ରୀ ପହଞ୍ଚିଲା ବେଳକୁ ଦର ୩ରୁ ୪ ଗୁଣା ବଢ଼ିଯାଉଛି । ରାଜଧାନୀ କଞ୍ଚା ପରିବା ବ୍ୟବସାୟୀ ମହାଜନ ସଂଘ ସଭାପତି କବିରାଜ ସ୍ୱାଇଁଙ୍କ ମତରେ ପରିବହନ ଖର୍ଚ୍ଚ ୧୦ ପ୍ରତିଶତ ବଢ଼ିଯାଇଛି । ସେଥିପାଇଁ ପରିବା ଦର ବଢ଼ିଯାଇଛି । ଆଗକୁ ସ୍ଥାନୀୟ ପରିବା ଶେଷ ହେବ । ଏହା ପରେ ଦରଦାମ ଆହୁରି ଅଧିକ ବଢ଼ିବାର ଆଶଙ୍କା ରହିଛି ବୋଲି ସେ କହିଛନ୍ତି । ଓଡ଼ିଶା ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡା କହିଛନ୍ତି, ବଜାରରେ ୨ରୁ ୫ ପ୍ରତିଶତ ଦର ବଢ଼ିବା ଓ କମିବା ସ୍ୱାଭାବିକ । କିନ୍ତୁ ଦର ଏବେ ଅସ୍ୱାଭାବିକ ଭାବେ ବଢ଼ୁଛି ।

# ସୁନାଖାଏନରେ ଝାଡ଼ାବାନ୍ତି ତାଣ୍ଡବ: ୨ ମୃତ, ୪ ଜଣ ଚିକିତ୍ସାଧୀନ

ଝାରସୁଗୁଡ଼ା, ୨୫/୦୫ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ ଅତାବିରା ଗ୍ରାମ ପଂଚାୟତର ସୁନାଖାଏନ ଗାଁରେ ଝାଡ଼ାବାନ୍ତି ରୋଗ ଆତଙ୍କ ସୃଷ୍ଟି କରିଛି । ଏହି ସାଂଘାତିକ ରୋଗରେ ଆକ୍ରାନ୍ତ ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ ଜଣ ଗୁରୁତର ଅବସ୍ଥାରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି । ମୃତକମାନେ ହେଲେ ଉଲ୍ଲାସ ଖଡ଼ିଆ (୪୧) ଓ ସୁକାନ୍ତି ଖଡ଼ିଆ (୬୫) । ଘଟଣା ସମ୍ପର୍କରେ ସୂଚନା ପାଇ ପଲସଦା ପିଏଚସିର ଏକ ଚିକିତ୍ସକ ଦଳ ତୁରନ୍ତ ସୁନାଖାଏନ ଗ୍ରାମରେ ପହଂଚି ଚିକିତ୍ସା ସେବା ଆରମ୍ଭ କରିଛନ୍ତି । ଗାଁରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଆକ୍ରାନ୍ତମାନେ ଗତ ଗୁରୁବାର ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକର ନୁଆଁଡ଼ିହି ଗାଁକୁ ଏକ ଶୁଦ୍ଧିକ୍ରିୟା ଭୋଜିରେ ଯୋଗଦେବାକୁ ଯାଇଥିଲେ । ସେଠାରୁ ଫେରିବା ପରେ ସେମାନଙ୍କ ମଧ୍ୟରେ ଝାଡ଼ାବାନ୍ତିର ଲକ୍ଷଣ ପ୍ରକାଶ ପାଇଥିଲା । ଆକ୍ରାନ୍ତମାନଙ୍କ ମଧ୍ୟରେ ଫକୀର ଖଡ଼ିଆ, ମଞ୍ଜରୀ ଖଡ଼ିଆ, ଏଞ୍ଜେଲିନା ଖଡ଼ିଆ ଓ ରଶ୍ମି ଖଡ଼ିଆ ଥିବା ଜଣାପଡ଼ିଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଶଶୀ ଶେଖର ସେଠଙ୍କ ସୂଚନା ଅନୁସାରେ, ଶନିବାର ରାତି ପ୍ରାୟ ୧୨ଟା ସମୟରେ ଉଲ୍ଲାସ ଖଡ଼ିଆ ଓ ସୁକାନ୍ତି ଖଡ଼ିଆଙ୍କ ସମେତ ୪ ଜଣଙ୍କୁ ଗୁରୁତର ଅବସ୍ଥାରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଉଲ୍ଲାସ ଖଡ଼ିଆଙ୍କ ଅବସ୍ଥା ଅଧିକ ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ବଡ଼ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେହିପରି ସୁକାନ୍ତି ଖଡ଼ିଆ ରବିବାର ସକାଳ ୫ଟା ୩୦ ମିନିଟ୍ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଣ ହରାଇଥିଲେ । ଡାକ୍ତର ସେଠଙ୍କ କହିବା ଅନୁଯାୟୀ, ଫକୀର ଖଡ଼ିଆଙ୍କୁ ଆଇସିୟୁରେ ରଖାଯାଇଥିବା ବେଳେ ରଶ୍ମି ଖଡ଼ିଆ (୧୨) ଶିଶୁ ଓ୍ୱାର୍ଡରେ ଚିକିତ୍ସାଧୀନ ଅଛନ୍ତି । ଅନ୍ୟ ଆକ୍ରାନ୍ତମାନଙ୍କ ସ୍ୱାସ୍ଥ୍ୟବସ୍ଥା ବର୍ତ୍ତମାନ ସ୍ଥିର ରହିଛି । ଗାଁର ପରିସ୍ଥିତି ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଡ଼ା ନଜର ରଖାଯାଇଥିବା ସେ ସୂଚନା ଦେଇଛନ୍ତି ।

# ଅନ୍ୟ ଜାତିରେ ବିବାହ କରିଥିବାରୁ ମୃତ୍ୟୁ ବେଳକୁ କେହି କାନ୍ଧ ଦେଲେନି: ଶବ ସତ୍କାର କଲେ ସମାଜସେବୀ

ବଲାଙ୍ଗିର, ୨୫/୦୫ (ନି.ପ୍ର): ମଣିଷ ଚନ୍ଦ୍ର ପୃଷ୍ଠକୁ ଯାଇ ସେଠାରେ ବସତି ସ୍ଥାପନ ପାଇଁ ଯୋଜନା କରୁଥିବା ବେଳେ ଆଧୁନିକ ଯୁଗରେ ମଧ୍ୟ କୁ- ସଂସ୍କାର, ଅନ୍ଧ ବିଶ୍ୱାସ, ଜାତି ପ୍ରଥା ଜୀବିତ ଅଛି । କୁ- ସଂସ୍କାର, ଅନ୍ଧ ବିଶ୍ୱାସ, ଜାତି ପ୍ରଥା ଆଗରେ ଉଚ୍ଚ ଶିକ୍ଷା, ଶିକ୍ଷିତ ସମାଜ ଆଜି ବି ମୁଣ୍ଡ ନୁଆଁଇଛି । ଅନ୍ୟ ଜାତିରେ ବିବାହ କରିବା କ'ଣ ଭୁଲ ? ଅନ୍ୟ ଜାତିରେ ବିବାହ କରିବା କ'ଣ ପାପ ? ମଣିଷକୁ କ'ଣ ଏଇଥି ପାଇଁ ଶ୍ରେଷ୍ଠ ଜୀବ କୁହାଯାଏ ? ଏମିତି ଏକ ହୃଦୟ ବିଦାରକ ଘଟଣା ଘଟିଛି ପାଟଣାଗଡ଼ ବ୍ଲକ ଗଙ୍ଗାସାଗର ପଂଚାୟତର ବେହେରାବନ୍ଧ ଗ୍ରାମରେ । ଗ୍ରାମର ପଂଚସ୍ତରୀ ବର୍ଷୀୟ ବୃଦ୍ଧ ପୁଟୁ ମଲ୍ଲିକଙ୍କ ଗତକାଲି ସନ୍ଧ୍ୟାରେ ମୃତ୍ୟୁ ହୋଇଛି । ତାଙ୍କର ସ୍ତ୍ରୀ ଅନ୍ୟ ଜାତିର ଏବଂ ବିଗତ ଦୁଇ ବର୍ଷ ପୂର୍ବେ ତାଙ୍କର ଦେହାନ୍ତ ହୋଇଛି । ବର୍ତ୍ତମାନ ତାଙ୍କର ପୁଅ କେହି ନାହାନ୍ତି, କେବଳ ଝିଏ ଟିଏ ସେ ମଧ୍ୟ ବାହା ହୋଇ ସାରିଛନ୍ତି । ମୃତ୍ୟୁ ସମୟରେ ତାଙ୍କର ଶବକୁ ଚାରି କାନ୍ଧ ଦେବାକୁ, ଶବ ସତ୍କାର କରିବାକୁ ନିଜ ସମ୍ପର୍କୀୟ କିମ୍ବା ଗାଁ ଲୋକ ମଧ୍ୟ କେହି ବାହାରିଲେ ନାହିଁ । ସମସ୍ତଙ୍କୁ କେବଳ ଜାତି ବାସନ୍ଦ ଭୟ, ଆମ୍ଭେ ଶବ ସତ୍କାର କିମ୍ବା ଶବ ସତ୍କାର କାର୍ଯ୍ୟରେ ସହଯୋଗ କଲେ କାଳେ ଆମ୍ଭକୁ ମଧ୍ୟ ଜାତିରୁ ବାସନ୍ଦ କରିଦେବେ ଭୟରେ କେହି ପାଖକୁ ମଧ୍ୟ ଆସିଲେ ନାହିଁ । ପ୍ରାୟ ଦୁଇ ଘଂଟା ଧରି ନିଜ ଘରେ ଶବ ପଡ଼ି ରହିଲା । ଶବ ସତ୍କାର କରିବା ପାଇଁ ସମାଜସେବୀ ତଥା ଆଦିବାସୀ ନେତା ଗିରିରାଜ ଭୋଇଙ୍କୁ ରାତ୍ରୀ ପ୍ରାୟ ୮ଟା ସମୟରେ ଫୋନ୍ କରି ଘଟଣା ବିଷୟରେ ଅବଗତ କରେଇଲେ । ଖବର ପାଇ ଗିରିରାଜ ଭୋଇଙ୍କ ସହିତ ସମାଜସେବୀ ଜନସନ ନାଗ, ସାମ୍ବାଦିକ ପ୍ରବୀଣ ଭାଇ ପୁରୋହିତ, ସାମ୍ବାଦିକ ଅଭିମନ୍ୟୁ ବାଗ ଘଟଣାସ୍ଥଳରେ ପହଁଚି ଥିଲେ । ପ୍ରଥମେ ଗ୍ରାମର କିଛି ବ୍ୟକ୍ତିଙ୍କୁ ଶବ ସତ୍କାର କରିବାକୁ ଅନୁରୋଧ କରିଥିଲେ ସମାଜସେବୀମାନେ । ସାମାଜିକ ବାସନ୍ଦ ଭୟରେ ହଁ କହିବା ତ ଦୂରର କଥା ଘରୁ ବାହାରକୁ ମଧ୍ୟ କେହି ବାହାରିଲେ ନାହିଁ । ଶବ ପଡିଥିବାରୁ ସେତେବେଳ ପର୍ଯ୍ୟନ୍ତ ଗାଁରେ ରୋଷେଇ ମଧ୍ୟ ବନ୍ଦ ଥିଲା । ଶବ ସତ୍କାର କରିବା ପାଇଁ ସ୍ମଶାନ ଘାଟକୁ ଯିବାକୁ କହିବାରୁ ମଧ୍ୟ କେହି ବାହାରିଲେ ନାହିଁ । ଶେଷରେ ଚାରି ଜଣ ସମାଜସେବୀ ସସମ୍ମାନେ ଖଟରେ ବୋହି ରାତ୍ରିରେ ମୋବାଇଲ ଲାଇଟ ସାହାଯ୍ୟରେ ପ୍ରାୟ ଏକ କିଲୋମିଟର ଦୂର ଶ୍ମଶାନ ଘାଟ ନଦୀ ପାଖକୁ ନେଇଥିଲେ । ସେଠାରେ ସମାଧି ଦେବା ପାଇଁ ଖାଲ ଖୋଳା ଯାଇଥିଲା ଓ ଶବକୁ ସମ୍ମାନର ସହ ସମାଧି ଦିଆଯାଇଥିଲା । ଅନ୍ଧାରୀଆ ରାତ୍ରୀ ହୋଇ ଥିବାରୁ ତଳେ ସାପ, ବିଛା, ବିଷାକ୍ତ କୀଟ ପତଙ୍ଗକୁ ଯେତିକି ଭୟ ଥିଲା ତା' ଠାରୁ ଅଧିକ ଭୟ କିଛି ଦିନ ତଳେ ଅଂଚଳକୁ ଆସିଥିବା ଦୁଇ ଟିକିଆ ହାତୀପଲକୁ ନେଇ । ଭୟ ଥିଲେ ମଧ୍ୟ ଶବ ସମାଧି କାର୍ଯ୍ୟ ସମାପନ କରି ନିଜ ନିଜ ଘରକୁ ଫେରିଲେ ସମାଜସେବୀ ମାନେ । ସମାଜସେବୀଙ୍କ କହିବା ମୁତାବକ, ଜୀବିତ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କୁ ଏକ ଘରିଆ, ସାମାଜିକ ବାସନ୍ଦ କରିବା ନିୟମ ଉଲଂଘନ କରୁଥିଲେ ମଧ୍ୟ ଗୋଟିଏ ଶବକୁ ବାସନ୍ଦ କରିବା ନିଶ୍ଚିତ ଭାବେ ଦୁଃଖଦ ଏବଂ ନିନ୍ଦନୀୟ । ନିଶ୍ଚିତ ଭାବେ ମାନବିକତାକୁ ପଦାରେ ପକେଇ ଦେଇଛି ଏବଂ ଏଭଳିଆ ଘଟଣାର ପୁନରାବୃତି ନହେବାକୁ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି ।

## ବସ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ: ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକ

ନୂଆପଡ଼ା, ୨୫/୦୫ (ନି.ପ୍ର): ବସ ଧକ୍କାରେ ବାଇକ୍ ଆରୋହୀ ମୃତ, ଉତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ । ଖଡ଼ିଆଳ-ନୂଆପଡ଼ା ୩୫୩ ନଂ ଜାତୀୟ ରାଜପଥର ଚଲାନପଡ଼ା ନିକଟ ବଂଶଲ୍ ରାଇସ ମିଲ ପାଖରେ ଆଜି ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଖଡ଼ିଆଳ ଥାନା ଅନ୍ତର୍ଗତ ସାନମହେଶ୍ୱର ପଞ୍ଚାୟତର ବଡମହେଶ୍ୱର ଗ୍ରାମର ଅରୁଣ ମାଝୀ(୩୦)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି । ଅରୁଣ ଆଜି ସକାଳ ସମୟରେ ଖଡ଼ିଆଳରୁ ନିଜ ଗ୍ରାମ ବଡମହେଶ୍ୱରକୁ ଫେରୁଥିବା ବେଳେ ବିପରିତ ଦିଗରୁ ଖରିଆରରୋଡରୁ ଭବାନୀପାଟଣା ଅଭିମୁଖେ ଆସୁଥିବା ମଣିବାବା ନାମକ ଘରୋଇ ବସ ତାଙ୍କୁ ଧକ୍କା ଦେଇଥିଲା । ଯାହାଫଳରେ ଘଟଣା ସ୍ଥଳରେ ଅରୁଣଙ୍କର ମୃତ୍ୟୁ ଘଟିଥିଲା ।

## ଗ୍ରାମାଚଂଳରେ ବେଧଡ଼କ ବିକ୍ରି ହେଉଛି ଅଣବ୍ରାଣ୍ଡେଡ୍ ମୃଦୁପାନୀୟ

ଜୟପୁର, ୨୫/୦୫ (ନି.ପ୍ର): କୋରାପୁଟ ଜିଲ୍ଲାର ବିଭିନ୍ନ ଗ୍ରାମାଚଂଳରେ ବଢିବାରେ ଲାଗିଛି ମୃଦୁ ପାନୀୟ ବିକ୍ରି । ନାମିଦାମୀ କମ୍ପାନୀ ସହ ୩୦ରୁ ଉର୍ଦ୍ଧ୍ୱ ନନବ୍ରାଣ୍ଡ କମ୍ପାନୀର ମୃଦୁ ପାନୀୟ ମିଳୁଛି । ପୂର୍ବ ଅପେକ୍ଷା ନନବ୍ରାଣ୍ଡ ମୃଦୁ ପାନୀୟ ଅଧିକ ବିକ୍ରି ହେଉଛି । ନାମୀଦାମୀ କମ୍ପାନୀ ଠାରୁ କମ୍ ଦରରେ ମିଳୁଥିବାରୁ ଏହାକୁ ଅଧିକ ପସନ୍ଦ କରୁଛନ୍ତି ଗ୍ରାହକ । କୋରାପୁଟ ଜିଲ୍ଲାର ଜୟପୁର, ସିମିଳିଗୁଡା, ସୁନାବେଡା, ବୋରିଗୁମ୍ମା, କୋଟପାଡ଼ ମୁଖ୍ୟ ବଜାର ଅପେକ୍ଷା ଗ୍ରାମାଚଂଳରେ ସର୍ବାଧିକ ବିକ୍ରି ହେଉଛି । କିଛି ହୋଲସେଲ ବ୍ୟବସାୟୀ ଗାଁ ଗାଁ ବୁଲି ଦୋକାନ ଗୁଡିକରେ ଅଧିକ ଲାଭ ଆଶା ଦେଖାଇ ଦୋକାନରେ ନନବ୍ରାଣ୍ଡର ମୃଦୁ ପାନୀୟ ବିକ୍ରି କରୁଛନ୍ତି । କିନ୍ତୁ ଥଣ୍ଡା ପାନୀୟର ମାନ ପରୀକ୍ଷା ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀ ତରଫରୁ କୌଣସି ଦିନ ଜିଲ୍ଲାରେ ଯାଂଚ୍ ହେଉନାହିଁ । ଯାହାର ସୁଯୋଗ ନେଇ ନାମୀଦାମୀ କମ୍ପାନୀ ଶହ ପ୍ରତିଯୋଗିତା କରୁଛନ୍ତି ନନବ୍ରାଣ୍ଡ ମୃଦୁ ପାନୀୟ ପ୍ରସ୍ତୁତ କରୁଥିବା କମ୍ପାନୀ ଓ ଖୁଚୁରା ବ୍ୟବସାୟୀ । ଗୋଟିଏ ବୋତଲ ପିଛା ୧୦ ଟଙ୍କାରେ ବିକ୍ରି କରୁଛନ୍ତି । ବେଧଡ଼କ ବିକ୍ରି ହେଉଛି ଅଣବ୍ରାଣ୍ଡେଡ୍ ମୃଦୁପାନୀୟ । ଏହା ପିଇବା ଯୋଗ୍ୟ କି ନାହିଁ, ତାହାର ଯାଂଚ୍ କରାଯାଉନି କି ଆଜି ପର୍ଯ୍ୟନ୍ତ ଗୋଟିଏ ଚଢ଼ଉ ହୋଇନାହିଁ । କେବଳ ମୃଦୁ ପାନୀୟ ନୁହେଁ, ନିମ୍ନମାନର ପାଣି ବିକ୍ରି ହେଉଛି । ସେହିପରି ଅବଧି ଶେଷ ହୋଇଥିବା ନାମୀଦାମୀ କମ୍ପାନୀର ମୃଦୁ ପାନୀୟ ମଧ୍ୟ ବିକ୍ରି ହେଉଛି ।

# ଶକ୍ତିକେନ୍ଦ୍ର ସ୍ତରୀୟ ସାଂଗଠନିକ ବୈଠକ ନେଲେ ସାଂସଦ

ଭଦ୍ରକ, ୨୫/୦୫ (ନି.ପ୍ର): ଭାରତୀୟ ଜନତା ପାର୍ଟି ବ୍ୟକ୍ତିବାଦ ନୁହେଁ ରାଷ୍ଟ୍ରବାଦ ନେଇ କାମ କରେ ,ନିର୍ବାଚନରେ ଜିତିବା ହାରିବା ନୁହେଁ ଦେଶର ସୁରକ୍ଷାକୁ ଗୁରୁତ୍ୱ ଦେଇ ଆସିଛି ଦଳ । କର୍ମୀ ମାନେ ନିରନ୍ତର ଭାବେ ରାଷ୍ଟ୍ର ଭାବନା ନେଇ କାର୍ଯ୍ୟ କରିଥାନ୍ତି ବୋଲି ଆଜି ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଏହି ବ୍ଲକ୍ ଗୋପୀନାଥପୁର ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ପରିସରରେ ଆୟୋଜିତ ପଦାଧିକାରୀ ବୈଠକରେ ମତ ପ୍ରକାଶ କରିଥିଲେ । ଶକ୍ତିକେନ୍ଦ୍ର ପ୍ରମୁଖ,ସହ ପ୍ରମୁଖ,ବୁଥ ସଭାପତି,ସମ୍ପାଦକ, ବିଏଲ୍‌ଏ, ଓ୍ୱାଟସାପ , ମନକିବାତ ,ଲାଭାର୍ଥି ପ୍ରମୁଖଙ୍କ ଦାଇତ୍ୱ କର୍ତବ୍ୟ ନେଇ ଦଳୀୟ କର୍ମୀଙ୍କୁ ମାର୍ଗଦର୍ଶନ କରିଥିଲେ । ବ୍ଲକ୍ ଅଧକ୍ଷ ମନୋରଂଜନ ଘଡ଼େଇ,ମଣ୍ଡଳ ପ୍ରଭାରୀ ରଞ୍ଜିତ ମହାପାତ୍ର,ମଣ୍ଡଳ ସଭାପତି ଅମୁଲ୍ୟରନ୍ ନନ୍ଦ, ପଞ୍ଚାୟତ ପ୍ରଭାରୀ ହେମନ୍ତ ସିଂହ,ସାଧାରଣ ସମ୍ପାଦକ ସୁବାଷ ପଣ୍ଡା, ଶକ୍ତିକେନ୍ଦ୍ର ପ୍ରମୁଖ କାଳନ୍ଦି ନାୟକ, ବରିଷ୍ଠ କାର୍ଯ୍ୟକର୍ତ ବିଷ୍ଣୁ ପଣ୍ଡା, ମଦନ ମୋହନ ଦାଶ, କରୁଣା କର ସାହୁ ଉପସ୍ଥିତ ଥିବା ବେଳେ ଏସଆଇଆର ଓ ମନକିବାତ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି ଅପରାହ୍ନରେ ବିଟିପୁର ଶକ୍ତିକେନ୍ଦ୍ର ବୈଠକ ଅନୁଷ୍ଠିତ ହୋଇଛି । ଶକ୍ତିକେନ୍ଦ୍ର ପ୍ରମୁଖ ଚିନ୍ମୟ ମହାପାତ୍ରଙ୍କ ଆବାହକତ୍ୱରେ ମଣ୍ଡଳ ସଭାପତିଙ୍କ ସମେତ ପ୍ରଭାରି ପ୍ରତିମା ସାହୁ,ଜିଲ୍ଲା କାର୍ଯ୍ୟକାରିଣୀ ଶିବାନନ୍ଦ ଦାଶ ଅଧିକାରୀ,ଉପ-ସଭାପତି ହେମନ୍ତ ସିଂହ, ପୟୋଧର ବାରିକ,ପ୍ରଫୁଲ୍ଲ ମହାନ୍ତି, ବସନ୍ତ ପତି,ବାବୁରାମ ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇ ଥିଲେ ।

# ମାକ୍ରୋୱେବ ଟେକ୍ନୋଲୋଜି ପରିସରରେ ବିଶାଳ ରକ୍ତଦାନ ଶିବିର

ଭଦ୍ରକ, ୨୫/୦୫ (ନି.ପ୍ର): ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ଏକ ରକ୍ତଦାନ ଶିବିର ମାକ୍ରୋୱେବ ଟେକ୍ନୋଲୋଜି ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ରାୟଙ୍କ ଜନ୍ମ ଦିନକୁ ରକ୍ତଦାନ ଶିବିରରେ ଆୟୋଜନ କରି ନିଆରା ଢଙ୍ଗରେ ପାଳନ ପୂର୍ବକ ସମାଜକୁ ଏକ ପ୍ରେରଣଦାୟୀ ବାର୍ତ୍ତା ଦେଇଛନ୍ତି । ଏ ଶିବିରକୁ ଭଦ୍ରକ ଜିଲ୍ଲା ଶିକ୍ଷ କେନ୍ଦ୍ର ତଥା ସମାଜସେବୀ ପୂର୍ବତନ ସାଧାରଣ ପରିଚାଳକ ଇଂ ପିତାମ୍ବର ପରିଡା ଉଦଘାଟନ କରିଥିଲେ । ଏଭଳି ସାଧୁ ଉଦ୍ୟମକୁ ସେ ପ୍ରଶଂସା କରିବା ସହ କାର୍ଯ୍ୟକ୍ରମର ସଫଳ ରୂପାୟନ କାମନା କରିଥିଲେ । ସଂସ୍ଥାର ନିର୍ଦ୍ଦେଶିକା ନମ୍ରତା ରାୟ ଅକ୍ଲାନ୍ତ ପରିଶ୍ରମ କରି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । ୯୫ ଜଣ ନାମ ରେଜିଷ୍ଟ୍ରସନ କରିଥିଲେ ମଧ୍ୟ ଅତ୍ୟଧିକ ରୋଦୀତାପ ଯୋଗୁଁ ୪୦ ଜଣ ରକ୍ତଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଦଲ ସିକଦାର, ଡଃ ଅରୁଣ କୁମାର ଲେଙ୍କା, ସତ୍ୟସଂକର ବରାଳ, ରାଜକିଶୋର ମିଶ୍ର ଏବଂ ଓସମେର ପ୍ରତିନିଧି ଯାଦବ ଲେଙ୍କା ଉପସ୍ଥିତ ରହି ରକ୍ତଦାନ ଶିବିରର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ତଦାରଖ କରିଥିଲେ । ବ୍ଲଡ଼ ବ୍ୟାଙ୍କ ଅଫିସର ଡଃ ବିମଳା ମିଶ୍ର, ଟେକ୍ନିକାଲ ଅଫିସର ଲେଲିନା ସ୍ୱାଇଁ , ଲାବ୍ରୋଟରୀ ଟେକନିସିଆନ ରବୀନ୍ଦ୍ର ଜେନା ଓ ମନିଷା ଜେନା, ଯାଜ୍ଞସିନି ସାହୁ, ଅରୁଣ କୁମାର ପରିଡା, ବଳରାମ ପୁହାଣ ରକ୍ତ ସଂଗ୍ରହ କରିଥିଲେ । ମାକ୍ରୋୱେବ ଟେକ୍ନୋଲୋଜି ତରଫରୁ ସମରେନ୍ଦ୍ର ପୁହାଣ, ଶୁଭସ୍ମିତା ମଲ୍ଲିକ, ରଶ୍ମିରଂଜନ ବେହେରା, ମୋନାଲିସା ପରିଡା, ରୁଦ୍ର ନାରାୟଣ ମହାନ୍ତି, ଅର୍ଶଦ ଅଲ୍ଲୀ ଖାଁ, ମଧୁସ୍ମିତା ନାୟକ, ରଶ୍ମିପ୍ରଭା ରାଉଳ, ବିକାଶ ଧଳ , ତପସ୍ୱିନୀ ଶାନ୍ତ, ଜ୍ୟୋସ୍ନା ରାଣୀ ନାୟକ, ରାଜ କିଶୋର ମହାନ୍ତି , ଭକ୍ତହରି ସାହୁ, ସୁନୀଲ ବେହେରା, ସୁମନ ପଣ୍ଡା, ନିର୍ମଳ ମାଝୀ, ପ୍ରମୋଦ ପୁହାଣ, ଉମାକାନ୍ତ ରାୟ, ମାୟାଧର ଓଝା , ଅଙ୍କିତା ପାତ୍ର, ସତ୍ୟରଞ୍ଜନ ରାୟ , ମିଥୁନ ମହାଳିକ , ନମିତା ମହାପାତ୍ର, ସୁନୟନା ମଲ୍ଲିକ , ପୂର୍ଣ୍ଣିମା ସ୍ୱାଇଁ , କସିସ ମିନହାଜ କ୍ୱାଦ୍ରି , ବର୍ଷାରାଣୀ ପଣ୍ଡା ପ୍ରମୁଖ ସହାୟତା କରିଥିଲେ । କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାୟ ବ୍ଲଡ଼ ବ୍ୟାଙ୍କର ସମସ୍ତ କର୍ମଚାରୀ, ଅନୁଷ୍ଠାନର ଛାତ୍ର ଛାତ୍ରୀ ଏବଂ ସହାୟତା କରିଥିବା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ମହାକାଳପଡ଼ାରେ ପୋଖରୀ ପଙ୍କ ଉଦ୍ଧାର କାର୍ଯ୍ୟକୁ ନେଇ ଉଠିଲା ପ୍ରଶ୍ନ



ମହାକାଳପଡ଼ା, ୨୫/୦୫ (ନି.ପ୍ର): ମହାକାଳପଡ଼ା ପଞ୍ଚାୟତ ସମିତି ଅଧୀନସ୍ଥ ମହାକାଳପଡ଼ା ଗ୍ରାମପଞ୍ଚାୟତର ୧୪ ନଂ ଓ୍ୱାର୍ଡ ଅନ୍ତର୍ଗତ ଜଗନ୍ନାଥ ପୁଷ୍କରିଣୀର ପଙ୍କଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ସହ ପ୍ରଶ୍ନ ଉଠିଛି । ପୋଖରୀକୁ ଏକ ଆଦର୍ଶ ପୁଷ୍କରିଣୀରେ ପରିଣତ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ମାର୍ଚ୍ଚ ମାସରୁ ପଙ୍କଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସୂଚନାନୁସାରେ, ପୋଖରୀରେ ଥିବା ପାଣିକୁ ବିଦ୍ୟୁତ ଚାଳିତ ମେସିନ ସାହାଯ୍ୟରେ ଶୁଖାଇବା ପାଇଁ ଦୁଇ ସପ୍ତାହରୁ ଅଧିକ ସମୟ ଲାଗିଥିଲା । ପରେ ପୋଖରୀରେ ଥିବା ଦଳ, ଘାସ ଓ ଅନାବନା କୁଟାକାଠିକୁ ବାହାର କରାଯାଇଥିଲା । ଆର୍ଦ୍ର ମାଟି ଶୁଖିବା ପରେ ଜେସିବି ମାଧ୍ୟମରେ ମାଟି ଖନନ କରାଯାଇ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା । ସ୍ଥାନୀୟ ଅଞ୍ଚଳରେ କିଛି ଉତ୍ତୋଳିତ ମାଟିକୁ ଟ୍ରାକ୍ଟର ପିଛା ୩୦୦ ଟଙ୍କାରେ ବିକ୍ରି କରାଯାଇଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି । ଏହି କାର୍ଯ୍ୟକୁ ନେଇ ସ୍ଥାନୀୟ ଲୋକମାନେ ପ୍ରଶ୍ନ ଉଠାଇଛନ୍ତି ଯେ, ଖରାଦିନରେ ଯେତେବେଳେ ଅଞ୍ଚଳରେ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଥାଏ, ସେତେବେଳେ ପୋଖରୀର ପାଣି ସମ୍ପୂର୍ଣ୍ଣ ଶୁଖାଇ ପଙ୍କଉଦ୍ଧାର କାର୍ଯ୍ୟ କରିବାକୁ କେଉଁ ଅଧିକାରୀ ଅନୁମତି ଦେଲେ ? ଅଞ୍ଚଳରେ ପ୍ରତିବର୍ଷ ଖରା ସମୟରେ ଜଳସ୍ତର ନିମ୍ନଗାମୀ ହୋଇ ଅଧିକାଂଶ ନଳକୂପ ଅଚଳ ହୋଇପଡୁଥିବା ବେଳେ ଏପରି କାର୍ଯ୍ୟ ଲୋକଙ୍କ ଅସୁବିଧା ବଢ଼ାଇଥିବା ଅଭିଯୋଗ ହେଉଛି । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ନିମ୍ନମାନର ପାଇପ ଯୋଗେ ଯୋଗାଣ ହେଉଥିବା ପାନୀୟ ଜଳ ପିଇବାଯୋଗ୍ୟ ନୁହେଁ । ଖରାଦିନରେ ଗୋବରୀ ନଦୀର ଜଳ ଲୁଣିଆ ହୋଇଯାଉଥିବା ସହ ନଦୀରେ କୁମ୍ଭୀର ଦେଖାଯାଉଥିବାରୁ ଲୋକମାନେ ପୋଖରୀ ଜଳ ଉପରେ ନିର୍ଭର କରୁଛନ୍ତି ।

# କନ୍ଧମାଳ ଜିଲ୍ଲା ଶୌଣ୍ଡିକ ସମାଜର ମହାସଭା ଓ ବାର୍ଷିକ ଉତ୍ସବ

କନ୍ଧମାଳ, ୨୫/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ କେରେଡ଼ି ମା ଉମାଦେବୀ ମନ୍ଦିର ପ୍ରାଙ୍ଗଣରେ କନ୍ଧମାଳ ଜିଲ୍ଲାର ଶୌଣ୍ଡିକ ସମାଜର ମହାସଭା ସହ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସଭାପତି ଦେବଶ୍ୱର ବେହେରାଙ୍କ ଅଧକ୍ଷତାରେ ଏବଂ କେନ୍ଦ୍ର ସମ୍ପାଦକ ଶୁଶାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବାର୍ଷିକ ସମ୍ମିଳନୀ ତିନି ଦିନ ଧରି ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ପ୍ରଥମ ଦିନରେ ସଭା ମଣ୍ଡପରୁ ବାହାରି ଖୋଳ ତାଳ କୀର୍ତନ ସହ କଳସୀ ଯାତ୍ରା ଅନୁଷ୍ଠିତ ପରେ ପୁନର୍ବାର ସଭା ମଣ୍ଡପର ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା । ବୈଠକରେ ୪ ବର୍ଷ ପରେ ପ୍ରଥମେ ନୂତନ ଭାବେ ନିର୍ବାଚନ ଏବଂ ସମାଜର କର୍ମକର୍ତା ନିଯୁକ୍ତି କରାଗଲା । ଜିଲ୍ଲା ଶୌଣ୍ଡିକ ସମାଜର ଦ୍ୱିତୀୟ ବୈଠକରେ ସାମାଜିକ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ନିଶା ନିବାରଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯିବା ସହ ବରିଷ୍ଠ ଉପଦେଷ୍ଟା ମାନେ ସମାଜର ଶୃଙ୍ଖଳା ସହ ସମସ୍ତ ଶୌଣ୍ଡିକ ଜାତି ସଂସ୍କାରକୁ ଗୁରୁତ୍ୱ ଦେବା ସହ ନିଜ ପୁଅ ଝିଅକୁ ପାଠ ପଢ଼ାଇବାକୁ ଗୁରୁତ୍ୱ ଦେଇ ଉପଯୁକ୍ତ ଦାୟିତ୍ୱ ନିର୍ବାହ କରିବାକୁ ସଚେତନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ୩୫ଟି ଗ୍ରାମଶାସନର ସଭାପତି ସମ୍ପାଦକ ପତ୍ର ବାହକ, ହଜାର ହଜାର ଶୌଣ୍ଡିକ ଜାତିର ଜନସାଧାରଣ ଯୋଗ ଦେଇଥିଲେ । ସମ୍ମିଳନିର ପରିଚାଳନା ଆୟୋଜକ କମିଟି ସଭାପତି ଦେବେଶ୍ୱର ବେହେରା ସମ୍ପାଦକ ଶୁଶାନ୍ତ ବେହେରାଙ୍କ ଉପସ୍ଥିତିରେ ସର୍ବ ସମ୍ମତି କ୍ରମେ ନୂତନ କର୍ମକର୍ତା ନିର୍ବାଚିତ କରାଯାଇଥିଲା କ୍ଷ ସଭାପତି ରୂପେ ମହେଶ୍ୱର ସାହୁ, ଉପସଭାପତି ଭାବେ ମଳୟ କୁମାର ବେହେରା ଓ ବସନ୍ତ କୁମାର ସାହୁ, ସମ୍ପାଦକ ସୁଶାନ୍ତ କୁମାର ବେହେରା, ଯୁଗ୍ମ ସମ୍ପାଦକ ପ୍ରଭୁ ଚରଣ ପ୍ରଧାନ, କୋଷାଧ୍ୟକ୍ଷ ଶିବ ପ୍ରସାଦ ସାହୁ, ୧୨ ଜଣ ଉପଦେଷ୍ଟା ନିର୍ବାଚିତ ହୋଇଛନ୍ତି । କେରେଡ଼ି ଜାତି ବୃନ୍ଦ ସହଯୋଗ ଏବଂ ଶୁଶାନ୍ତ ବେହେରା ପରିଚାଳନା କରିଥିବା ବେଳେ ଜିଲ୍ଲା ଶୌଣ୍ଡିକ ସମାଜର ଜିଲ୍ଲା ସଭାପତି ଭାବେ ମହେଶ୍ୱର ସାହୁଙ୍କୁ ନୂତନ ଭାବେ ସମାଜର ଦାଇତ୍ୱ ଗ୍ରହଣ କରିଥିଲେ । ଏଥି ସହିତ ଶୁଣ୍ଢୀ ସମାଜକୁ ସୁପରିଚାଳନା ନିମନ୍ତେ ୧୨ ଜଣ ଅଭିଜ୍ଞାତା ସମ୍ପନ୍ନ ତଥା ବରିଷ୍ଠ ଏବଂ କନିଷ୍ଠ କର୍ମକର୍ତାଙ୍କୁ ନେଇ ଉପଦେଷ୍ଟା ବଛାଯାଇଛି ।

# ଦୀର୍ଘ ଦୁଇ ମାସ ଧରି ବିଧବା ଭତ୍ତା ନ ପାଇ ମୃତ୍ୟୁବରଣ କଲେ ହିତାଧୀକାରୀ

ଖୋରଧା , ୨୫/୫ (ନି.ପ୍ର): ରାଜ୍ୟ ସରକାରଙ୍କର ସାମଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଯୋଗ୍ୟ ହିତାଧିକାରୀ ମାନଙ୍କୁ ଇନ୍ଦିରା ଗାନ୍ଧି ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ତଥା ମଧୁ ବାବୁ ବାର୍ଦ୍ଧକ୍ୟ ଭତ୍ତା, ଅବିବାହିତ ଭତ୍ତା ଏବଂ ସ୍ୱାମୀ ପରିତ୍ୟକ୍ତ ଭତ୍ତା ବାବଦକୁ ପ୍ରତେକ ହିତାଧୀକାରୀ ମାନଙ୍କୁ ମାସକୁ ୧୦୦୦ ଟଙ୍କା ଏବଂ ୮୦ ବର୍ଷ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଙ୍କୁ ୩୫୦୦ ଟଙ୍କା ପ୍ରଦାନ କରାଯାଉ ଥିବାବେଳେ, ଆଜି କୁ ଦୀର୍ଘ ଦୁଇ ମାସ ଧରି ଖୋରଧା ପଞ୍ଚାୟତ ସମିତି ଅଧିନସ୍ଥ ୨୨ ଗୋଟି ଗ୍ରାମପଞ୍ଚାୟତ ଏବଂ ପୌର ପରିଷଦ ଅଧିନସ୍ଥ ୨୨ ଗୋଟି ୱାର୍ଡ ବହୁ ସଂଖ୍ୟାରେ ହିତାଧୀକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏ ସମ୍ପର୍କ ରେ ଭତ୍ତା ବଣ୍ଟନ ଦାୟିତ୍ୱ ରେ ଥିବା ଅଧିକାରୀ ଓ କର୍ମଚାରୀ ଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଯେଉଁମାନେ ଭତ୍ତା ପାଇ ନାହାଁନ୍ତି ସରକାର ଙ୍କ ନିଷ୍ପତି ଅନୁସାରେ ଭତ୍ତା ଟଙ୍କା ସେମାନଙ୍କ ଆକାଉଣ୍ଟ କୁ ଯିବ ବୋଲି କହିଥିଲେ । କିନ୍ତୁ ଦୁଇ ମାସ ରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ ହିତାଧୀକାରୀ ମାନଙ୍କ ଆକାଉଣ୍ଟ ଟୁ ଟଙ୍କା ଆସି ନାହିଁ, ଫଳରେ ଅନେକ ହିତାଧିକାରୀ ଭତ୍ତା କୁ ଅପେକ୍ଷା କରି ଏବଂ ବ୍ୟାଙ୍କ କୁ ଧାଇଁ ଧାଇଁ ମୃତ୍ୟୁ ବରଣ କରି ସାରିଲେଣି, ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଖୋରଧା ପଞ୍ଚାୟତ ସମିତି ଅଧିନସ୍ଥ ଗ୍ରାମପଞ୍ଚାୟତ ର ଭାଟପଡା ଗ୍ରାମ ରେ । ସେହି ଗ୍ରାମ ରଙ୍ଗି ପାତାଳସିଂହ, ସ୍ୱାମୀ - ସିଦ୍ଧନାଥ ପାତାଳସିଂହ ଦୀର୍ଘ ଦିନ ଧରି ରୋଗରେ ଶଯ୍ୟାସାୟୀ ହୋଇ ପଡ଼ିଥିବା ବେଳେ ଦୀର୍ଘ ଦୁଇ ମାସ ଧରି ଭତ୍ତା ଟଙ୍କା ଏବଂ ୨୦୨୫ ମସିହା ନଭେମ୍ବର ମାସ ରୁ ତାଙ୍କର ରେସନ କାର୍ଡ ଥାଇ ମଧ କୌଣସି ରେଶନ ସାମଗ୍ରୀ ପାଇ ନ ପାରି ଅର୍ଦ୍ଧକ୍ଷହାର ରେ ତା - ୧୬.୫.୨୦୨୬ ରିଖ ରେ ମୃତ୍ୟୁ ବରଣ କରିଥିଲେ । ରାଜ୍ୟ ସରକାର ଙ୍କ ର ନିୟମ ଅନୁଯାୟୀ ଯେଉଁ ହିତାଧିକାରୀ ମାନେ ଅସୁସ୍ଥତା କାରଣରୁ ଭତ୍ତା ନେବାକୁ ପଞ୍ଚାୟତ କୁ ଆସି ପାରୁ ନାହାଁନ୍ତି ସେମାନଙ୍କ ଘର କୁ ଯାଇ ଭତ୍ତା ପ୍ରଦାନ କରିବା ର ପ୍ରାବଧାନ ରହିଥିବା ବେଳେ ବର୍ଗିଦା ଗ୍ରାମପଞ୍ଚାୟତ ରେ କାର୍ଯ୍ୟରତ ପି. ଇ. ଓ. ଙ୍କ ଖାମଖିଆଲି ମନୋଭାବ ଯୋଗୁଁ ସେ ଭତ୍ତା ପାଇବାରୁ ବଞ୍ଚିତ ହେବା ସହିତ ଶେଷରେ ଭତ୍ତା କୁ ଅପେକ୍ଷା କରି କରି ମୃତ୍ୟୁ ବରଣ କରିଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ବର୍ଗିଦା ପଞ୍ଚାୟତ ନିର୍ବାହୀ ଅଧିକାରୀ ତତ୍ପରତା ଦେଖାଇ ତା -୨୧.୫.୨୦୨୬ ରିଖ ଦିନ ରଙ୍ଗି ପାତାଳସିଂହ ର ମାସକର ଭତ୍ତା ୧୦୦୦ ଟଙ୍କା ତାଙ୍କ ନାତି ସୁବ୍ରତ ପାତାଳସିଂହ ଠାରୁ ଟିପ ଚିହ୍ନ ନେଇ ପ୍ରଦାନ କରିଛନ୍ତି, ଯାହାକି ସୁବ୍ରତ ସ୍ୱୀକାର କରିଛନ୍ତି । ରଙ୍ଗି ପାତାଳସିଂହଙ୍କ ର ସ୍ୱାମୀ ସିଦ୍ଧ ନାଥ ପାତାଳସିଂହ ତା-୨୭.୧୧.୨୦୨୫ ତାରିଖ ରେ ମୃତ୍ୟୁ ବରଣ କରିଥିବା ବେଳେ ତାଙ୍କ ନାମ ରେ ଥିବା ରେସନ କାର୍ଡ ନମ୍ବର - ୧୯୦୯୦୨୧୦୪୮୯ ଟିରେ କୌଣସି ଚାଉଳ ଆଜି ପର୍ଯ୍ୟନ୍ତ ରଙ୍ଗି ପାତାଳ ସିଂହ ଙ୍କୁ ପ୍ରଦାନ କରାଯାଇ ନାହିଁ ।ଏ ସମ୍ପର୍କ ରେ ବାର୍ଗିଦା ପଞ୍ଚାୟତ ନିର୍ବାହୀ ଅଧିକାରୀ ଙ୍କ ଦୃଷ୍ଟି ଆକର୍ଷଣ କରିବା ରୁ ସେ ତାର କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନାହାଁନ୍ତି । ଜିଲ୍ଲାପାଳ ଘଟଣା ଟିର ପୁଙ୍ଖାନୁପୁଙ୍ଖ ଭାବରେ ତଦନ୍ତ କରି ଦୋଷୀ ବ୍ୟକ୍ତି ବିରୁଦ୍ଧ ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କୁ ଗ୍ରାମବାସି ଦାବୀ କରିଛନ୍ତି । ଘଟଣା ଟିର ତଦନ୍ତ କରାଯିବ ବୋଲି ଖୋରଧା ମଣ୍ଡଳ ଉନ୍ନୟନ ଅଧିକାରୀ କହିଛନ୍ତି। ନଚେତ ଜିତୁ ମୁଣ୍ଡା ପରି ଆଉ ଏକ ଘଟଣା ଯେ ନ ଘଟିବ ସେ କଥା କିଏ କହିବ ।

# ସୁନାମି ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ



ବାଲେଶ୍ୱର, ୨୫/୫ (ନି.ପ୍ର): ଆଜି ପୂର୍ବାହ୍ନରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଭାରତୀୟ ଜାତୀୟ ସମୁଦ୍ର ସୂଚନା ସେବା କେନ୍ଦ୍ରଙ୍କ ମିଳିତ ମିଳିତ ପ୍ରୟାସ ପ୍ରୟାସରେ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଚାନ୍ଦିପୁର ପଂଚାୟତ ର ମିର୍ଜାପୁର ଗ୍ରାମଠାରେ ଜିଲ୍ଲାସ୍ତରୀୟ, ସୁନାମି ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ଅନ୍ୟ ୩ ଗୋଟି ଗ୍ରାମ ଯଥା ବାହାବଳପୁର, ଦୁବୁଲାଗାଡି ଏବଂ ଭୀମପୁର ଗ୍ରାମରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ମିର୍ଜାପୁର ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲକୁ ଜ଼ିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ରାଉତ ଉଦଘାଟନ କରିଥିଲେ । ସୁନାମି ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ବିଭିନ୍ନ ଉପାୟରେ ଉଦ୍ଧାର କରାଯାଇପାରିବ ଏବଂ ଧନଜୀବନ କ୍ଷୟକ୍ଷତିକୁ ରୋକି ହେବ ସେଥିପ୍ରତି ଦୃଷ୍ଟି ଦେବା ଉପରେ ଜ଼ିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ରାଉତ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ମକ ଡ୍ରିଲରେ କମ୍ୟୁନିଟି ସ୍ତରୀୟ ସ୍ଥାନାନ୍ତରଣ ପ୍ରକ୍ରିୟା ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ମକଡ୍ରିଲରେ, ପ୍ରତ୍ୟେକ ପ୍ରତ୍ୟେକ ଗ୍ରାମରୁ ଆଶା, ଅଙ୍ଗନୱାଡି କର୍ମୀ, ମତ୍ସ୍ୟ ବିଭାଗ, ଶିକ୍ଷା ବିଭାଗ, ପଶୁ ସମ୍ପଦ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ । ଉକ୍ତ ମକଡ୍ରିଲରେ ଭାରତୀୟ ସୁନାମୀ ପ୍ରାରମ୍ଭିକ ଚେତାବନୀ କେନ୍ଦ୍ର ଦ୍ୱାରା ୫ଟି ଡମି ଟେଷ୍ଟ ବୁଲେଟିନ ପ୍ରାତଃ ୮ ଘଟିକା ଠାରୁ ୧୧ ଘଟିକା ମଧ୍ୟରେ ପ୍ରସାରଣ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ସୁନାମୀ ପ୍ରସ୍ତୁତି, ଏହାର ମୁକାବିଲା ଏବଂ ବିପର୍ଯ୍ୟୟ ପରିଚାଳନା' ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇବା ଥିଲା । ଏହି ଅଭ୍ୟାସ ଦ୍ୱାରା ଯୋଗାଯୋଗ ବ୍ୟବସ୍ଥାକୁ ପରୀକ୍ଷା କରିବା, ନିଷ୍ପରି ନେବା, ଉପକୂଳବର୍ତ୍ତୀ ସମ୍ପ୍ରଦାୟରେ ସତର୍କତା ପ୍ରସାରଣ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟା ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇଥିଲା । ଏହାଦ୍ୱାରା କିପରି ଜରୁରୀ କାଳୀନ ପ୍ରତିକ୍ରିୟା ଯୋଜନାକୁ ସୁଦୃଢ଼ କରିବା, ସମ୍ପ୍ରଦାୟ ସଚେତନତା ବୃଦ୍ଧି କରିବା ଏବଂ ସୁନାମୀ ପ୍ରସ୍ତୁତ କାର୍ଯ୍ୟକ୍ରମ ସୂଚକ ଗୁଡ଼ିକର କାର୍ଯ୍ୟାନ୍ୱୟନ ମୂଲ୍ୟାଙ୍କନ କରିବା ସମ୍ପର୍କରେ ଆଲୋକପାତ କରାଯାଇଥିଲା । ମିର୍ଜାପୁର ଓ ଭୀମପୁର ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲରେ ଏନ.ଡି.ଆର.ଏଫ., ଓ.ଡ୍ରା.ଫ ବାହିନୀ, ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇଥାଏ, ସେ ସମ୍ପର୍କିତ କୌଶଳ ପ୍ରଦର୍ଶିତ ହୋଇଥିଲା । ଏନ.ଡି.ଆର.ଏଫ, ଓ.ଡ୍ରା.ଫ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ପ୍ରଦର୍ଶନ କରିଥିଲେ ଏବଂ ସେ ଗୁଡିକର କାର୍ଯ୍ୟକ୍ଷମତା ବାବଦରେ ଅବଗତ କରାଇଥିଲେ । ଏହି ଅବସରରେ ଓସଡାମା (ଡଝଉଗଇ) କାର୍ଯ୍ୟାଳୟରୁ ଆସିଥିବା ପର୍ଯ୍ୟବେକ୍ଷକ ଓ କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ମେଘନାଦ ବେହେରା ଉପସ୍ଥିତ ରହି ନିଜର ପ୍ରତିକ୍ରିୟା ରଖିଥିଲେ । ଜିଲ୍ଲାସ୍ତରୀୟ ମକଡ୍ରିଲ୍ କାର୍ଯ୍ୟକ୍ରମରେ ଚାନ୍ଦିପୁର, ବାହାବଳପୁର, ଦୁବୁଲାଗାଡି ଏବଂ ଭୀମପୁର ଗ୍ରାମ ପଂଚାୟତର ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ତଥା ସରପଞ୍ଚ ଓ ସମ୍ପାଦକ, ଅତିରିକ୍ତ ଗୋଷ୍ଠୀ ଉନୟନ୍ନ ଅଧିକାରୀ, ବାଲେଶ୍ୱର ସଦର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ବାଲେଶ୍ୱର , ଶ୍ରୀ ଚିନ୍ମୟ କୁମାର ରାଉତ, ଏନ.ଡି.ଆର.ଏଫ. ଟିମ କମାଣ୍ଡର, ଅଗ୍ନିଶମ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପର୍କ ର ସମ୍ପାଦକ ଶ୍ରୀ ପ୍ରଦୀପ ଜେନା ଆନନ୍ଦ କୁମାର ବେହେରା ଉପସ୍ଥିତ ରହି ମକଡ୍ରିଲ ସଂପର୍କରେ ଜନସାଧାରଣଙ୍କୁ ସୂଚନା ଦେଇଥିଲେ । ଉକ୍ତ ମକଡ୍ରିଲରେ ମୋ ଭାରତ ଓ ଅପଦ ମିତ୍ର ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ । ଜିଲ୍ଲା ପ୍ରକଳ୍ପ ସଂଯୋଜକ(ଓସଡାମା) ଶ୍ରୀ ଅବନୀକାନ୍ତ ଭୂୟାଁ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।

## ବିଜେପି ନବରଙ୍ଗପୁର ଜିଲ୍ଲାସ୍ତରୀୟ ଶିବିର ଦ୍ୱିତୀୟ ଦିନରେ

ଭୁବନେଶ୍ୱର, ୨୫/୫ (ନି.ପ୍ର): ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬, ନବରଙ୍ଗପୁର ଜିଲ୍ଲାସ୍ତରୀୟ ଶିବିର ଦ୍ୱିତୀୟ ଦିବସରେ ତିନୋଟି ବର୍ଗ ଶିକ୍ଷା, ଜ୍ଞାନ ଓ ଦକ୍ଷତାକୁ ନେଇ ଆଗକୁ ବଢ଼ିବା ସହିତ ଏହା କାର୍ଯ୍ୟକର୍ତାଙ୍କ ମଧ୍ୟରେ ଉତ୍ସାହ, ଉଦ୍ୟମ ଓ ସହନଶୀଳତାକୁ ବୃଦ୍ଧି କରିଛି। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ଶିବିରରେ ଯୋଗ ଦେବା ଅବସରରେ କହିଛନ୍ତି ପ୍ରଶିକ୍ଷଣ ଶିବିରର ଏହି ବର୍ଗ ଭାରତୀୟ ଜନତା ପାର୍ଟିର ପଦାଧିକାରୀ ଓ ବକ୍ତାଙ୍କ ବକ୍ତବ୍ୟକୁ ନେଇ ସଫଳ ହୋଇଛି। ନୂତନ ଜ୍ଞାନ, ଚିନ୍ତାଧାରା ଓ ଉଦାହରଣ ସମସ୍ତ କାର୍ଯ୍ୟକର୍ତାଙ୍କ ଭିତରେ ଏକ ଅଦୃଶ୍ୟ ଶକ୍ତି ଓ ସଂକଳ୍ପ ଜାଗ୍ରତ କରିଛି। ସମାଜର ଅନ୍ତିମ ଧାଡ଼ିରେ ଥିବା ବ୍ୟକ୍ତିଙ୍କୁ ବିକାଶର ମୁଖ୍ୟ ସ୍ରୋତକୁ ଆଣିବା ହିଁ ଭାରତୀୟ ଜନତା ପାର୍ଟିର ମୂଳ ଲକ୍ଷ୍ୟ ଏବଂ ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ।

ଭାରତୀୟ ଜନତା ପାର୍ଟି ହେଉଛି ଏକମାତ୍ର ଦଳ, ଯେଉଁଠାରେ ନିଷ୍ଠାପର କାର୍ଯ୍ୟକର୍ତା ଗଢ଼ାଯାଆନ୍ତି। ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ଜନତାଙ୍କ ସେବା ଦିଗରେ ଅଗ୍ରସର କରାଯାଏ, ଯାହାଫଳରେ ସମାଜର ଶେଷ ସୀମାରେ ଥିବା ଲୋକଙ୍କ କଲ୍ୟାଣ ସାଧନ ହୋଇପାରିବ।

## ଦାନ୍ତିଆମୁହାଁ ସାପ୍ତାହିକ ହାଟରୁ ବାଇକ ଚୋରି


ବେତନଟୀ,୨୫/୫(ନି.ପ୍ର): ବେତନଟୀ ଥାନା ତଥା ବଡଜାମବଣି ଫାଣ୍ଡି ଅଧୀନ ଦାନ୍ତିଆମୁହାଁ ସାପ୍ତାହିକ ହାଟରୁ ରବିବାର ସକାଳେ ଏକ ବାଇକ ଚୋରି ନେଇ ବେତନଟୀ ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି ।ମିଳିଥିବା ସୂଚନା ମୁତାବକ ବେତନଟୀ ଥାନା ଅଧୀନ ଆଗଡା ଗ୍ରାମର ସମାଇ ଟୁଡୁ ଓଡି-୧୧ଜେଡ଼୦୪୪୬ ନଂ ବିଶିଷ୍ଟ ଏକ ବାଇକ ଯୋଗେ ରବିବାର ସକାଳେ ଦାନ୍ତିଆମୁହାଁ ହାଟକୁ ପନିପରିବା କିଣିବା ପାଇଁ ଆସିଥିଲେ ।ତେବେ ସଉଦା କିଣିସାରି ଫେରିବା ପରେ ସେ ରଖିଥିବା ସ୍ଥାନରେ ବାଇକଟିକୁ ଦେଖିବାକୁ ନପାଇ ଚାରିଆଡ଼େ ଖୋଜାଖୋଜି କରିଥିଲେ ।ହେଲେ ବାଇକ ନମିଳିବାରୁ ଶେଷରେ ବେତନଟୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ।ପୁଲିସ ଏନେଇ ୨୨୦ ନଂରେ ଚୋରି ଜନିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ବଡଜାମବଣି ଫାଣ୍ଡି ଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତ କହିଛନ୍ତି ।

# ସ୍ୱେଚ୍ଛାସେବୀଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ




ବାଲେଶ୍ୱର, ୨୫/୫ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ବୀଣାପାଣି ଗିରିଙ୍କୁ ରାଷ୍ଟ୍ର ନିର୍ମାଣ ଓ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ - ୨୦୨୬ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟସ ଫୋରମ୍ ଆନୁକୁଲ୍ୟରେ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୩୫ତମ ପୁଣ୍ୟତିଥି ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ସାଂସଦ ଡ଼. ରାମଚନ୍ଦ୍ର ଖୁଣ୍ଟିଆ ଓ ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କୁମରବର ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀ ବୀଣାପାଣି ଗିରିଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ପ୍ରଦାନ କରିଥିଲେ । ସ୍ୱେଚ୍ଛାସେବୀ ସୁଶ୍ରୀ ବୀଣାପାଣି ବସ୍ତା ବ୍ଲକ ଅନ୍ତର୍ଗତ ଜମାଲପୁର ଗ୍ରାମର ତପନ କୁମାର ଗିରି ଓ ମୀନତି ଗିରିଙ୍କର କନ୍ୟା ଅଟନ୍ତି । ସେ ଜାତୀୟ ସେବା ଯୋଜନାର ନିୟମିତ ଶିବିର ସହ ସ୍ୱତନ୍ତ୍ର ସେବା ଶିବିର, ଜିଲ୍ଲାସ୍ତରୀୟ, ରାଜ୍ୟସ୍ତରୀୟ ସର୍ବୋପରି ଜାତୀୟ ସଂହତି ଶିବିରରେ ଯୋଗଦାନ କରି ଏହି ସଫଳତା ପାଇଛନ୍ତି । ଏହି ସଫଳତା ପାଇଁ ସେ ନିଜର ମା', ଭାଇ ଯଜ୍ଞେଶ୍ୱର ଗିରି, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା, ପ୍ରୋଗ୍ରାମ ଅଫିସର କାବେରୀ ସାହୁ, ପ୍ରାକ୍ତନ ଜିଲ୍ଲା ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସ୍ୱେଚ୍ଛାସେବୀ ଦେବେନ୍ଦ୍ର ଆଚାର୍ଯ୍ୟଙ୍କ ସମେତ ଫକୀର ମୋହନ ବିଶ୍ୱବିଦ୍ୟାଳୟର ମାନନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ବାଲେଶ୍ୱର ଜିଲ୍ଲା ଅଧିକାରୀ ଡ. ପ୍ରତିମା ପ୍ରଧାନ ଓ ନୀଳମଣି ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି । ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ ଓ ଅଧ୍ୟାପିକାଙ୍କ ତରଫରୁ ସୁଶ୍ରୀ ଗିରିଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# କାଞ୍ଚିଜେମାର କବି ଗୟାଧର ଦାସଙ୍କ ପରଲୋକ



ବାସୁଦେବପୁର, ୨୫/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ମେଳକ ସାହି ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ବିଶିଷ୍ଟ କବି, ସାହିତ୍ୟିକ ତଥା ବାମପନ୍ଥୀ ନେତା ଗୟାଧର ଦାସଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇ ଥିଲା । ଅତୀତରେ ସ୍ୱର୍ଗତ ଦାସ କଲିକତାରେ ରହି ଓଡିଆ ଭାଷା ସାହିତ୍ୟର ବିକାଶ ପାଇଁ ଉଦ୍ୟମ ଜାରି ରଖିଥିଲେ । କବି ଗୟାଧର ଦାସଙ୍କ କବିତା ପୁସ୍ତକ କାଞ୍ଚିଜେମା ସାରସ୍ୱତ ଜଗତରେ ଖୁବ୍ ଉଚ୍ଚ ପ୍ରଶଂସିତ । କବି ସ୍ୱର୍ଗତ ଦାସଙ୍କ ପରଲୋକରେ ବାସୁଦେବପୁର ବ୍ଲକ, ତିହିଡି ବ୍ଲକ ତଥା ଭଦ୍ରକ୍ ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି । କବିଙ୍କ ମର ଶରୀର ନିକଟରେ ତାଙ୍କର ଆତ୍ମୀୟ ସ୍ୱଜନ, ବନ୍ଧୁ ବାନ୍ଧବ ପରିବାର ବର୍ଗ, ପୁତ୍ର ଅଧ୍ୟାପକ ଡକ୍ଟର ବିଶ୍ୱ ରଞ୍ଜନ ଦାସ, ପୁତୁରା ନିରଞ୍ଜନ ଦାସ, ପଦ୍ମପୁର ସରପଞ୍ଚ ରାଜେନ୍ଦ୍ର ନାୟକ ଓ ଗ୍ରାମ ବାସୀ ଉପସ୍ଥିତ ଥିଲେ । କବି ଗୟାଧର ଦାସଙ୍କ ପରଲୋକରେ ଶହୀଦ ତୀର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ବୈଲୋଚନ ଜେନା, ନାରୀ ନେତ୍ରୀ ବନଲତା ଜେନା, ଶିକ୍ଷାବିତ ଦୁଃଶାସନ ରାଉତ, ଭଦ୍ରକ ତ୍ୟାଗଭୂମି ର ସଭାପତି ଅଜୟ ନାୟକ, ଅଧିବକ୍ତା ଗଦାଧର ବଳ, ତିହିଡି ସାହିତ୍ୟ ସାଂସ୍କୃତିକ ମଞ୍ଚର ସମ୍ପାଦକ ଗାଳ୍ପିକ କୈଳାସ ବେହେରା, କବି ନିରଂଜନ ବାରିକ୍, କବି ବିସ୍ମୟ ବିହାରୀ ସାହୁ, ଯଯାତି କେଶରୀ ଦାସ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୧୦ ଦିନରେ ଚତୁର୍ଥ ଥର...

ପେଟ୍ରୋଲିୟମ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ପୂର୍ବରୁ କହିଛନ୍ତି, ମେ' ୧୫ ତାରିଖର ବୃଦ୍ଧି ଦ୍ୱାରା କ୍ଷତି ପ୍ରାୟ ୨୫ ପ୍ରତିଶତ ହ୍ରାସ ପାଇଛି, କିନ୍ତୁ ଏହା ସତ୍ତ୍ୱେ, ସରକାରୀ ତେଲ କମ୍ପାନିଗୁଡ଼ିକ ଏବେ ବି ପ୍ରତିଦିନ ପ୍ରାୟ ୭୫୦ କୋଟି ଟଙ୍କା କ୍ଷତି ସହୁଛନ୍ତି । ରେଟିଂ ଏଜେନ୍ସି କ୍ରିସିଲ୍‌ର ଆକଳନ ଅନୁଯାୟୀ, ସାମ୍ପ୍ରତିକ ସଂଶୋଧନ ପରେ ମଧ୍ୟ, ତୈଳ କମ୍ପାନିଗୁଡ଼ିକ ପେଟ୍ରୋଲ ଉପରେ ପ୍ରତି ଲିଟର ପ୍ରାୟ ୧୦ ଟଙ୍କା ଏବଂ ଡିଜେଲ ଉପରେ ପ୍ରାୟ ୧୩ ଟଙ୍କା କ୍ଷତି ସହୁଛନ୍ତି । ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ୨୦% ରୁ ୫୦% ବୃଦ୍ଧିକୁ ପ୍ରାରମ୍ଭରେ ଅସ୍ଥାୟୀ ଭାବରେ ବିବେଚନା କରାଯାଉଥିଲା । ଅଶୋଧିତ ତେଲ ମୂଲ୍ୟ ବହୁ ସମୟ ଧରି ବ୍ୟାରେଲ ପିଛା ୧୦୦ ଡଲାର ଉପରେ ରହିଛି । ଏହି ସମୟରେ, ଡଲାର ତୁଳନାରେ ଟଙ୍କା ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି । ଏହା ଦ୍ୱାରା ତେଲ କମ୍ପାନିଗୁଡ଼ିକ ବହୁ କ୍ଷତି ସହୁଛନ୍ତି । ପରିସ୍ଥିତି ଯେଉଁଭଳି ଭାବରେ ସଙ୍କଟ ଜନକ ହେଉଛି,ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରି କମ୍ପାନିଗୁଡ଼ିକ ସେମାନଙ୍କର କ୍ଷତି କମ କରିବାକୁ ଚେଷ୍ଟା କରୁଛନ୍ତି । ସେଥିରୁ ଜଣାପଡୁଛି ଯେ ଏହି ଧାରା ଜାରି ରହିବ ବୋଲି ବିଶେଷଜ୍ଞ ଆକଳନ କରିଛନ୍ତି । ବିଶ୍ଳେଷକମାନେ ସତର୍କ କରାଇ ଦେଇଛନ୍ତି ଯେ ପେଟ୍ରୋଲ ଏବଂ ଡିଜେଲ ଦରରେ କ୍ରମାଗତ ବୃଦ୍ଧି ପରିବହନ ଏବଂ ଲଜିଷ୍ଟିକ୍ ଖର୍ଚ୍ଚ ବୃଦ୍ଧି କରିପାରେ, ଯାହା ଅତ୍ୟାବଶ୍ୟକୀୟ ସାମଗ୍ରୀ ଏବଂ ଖାଦ୍ୟ ଉତ୍ପାଦର ମୂଲ୍ୟ ବୃଦ୍ଧି କରିପାରେ ।

### ବିଜେଡି ଓ ରାଜ୍ୟସଭାରୁ ...

ଯୋଜନାବଦ୍ଧ ଭାବେ ନ୍ୟୁନ କରାଯାଇଛି, ଅପମାନିତ ଓ କୋଣଠେସା କରାଯାଇଛି । ଦଳରେ ତାଙ୍କ ସେବାର ଆଉ କୌଣସି ଆବଶ୍ୟକତା ନାହିଁ ବୋଲି ସେ ଅନୁଭବ କରୁଛନ୍ତି । ଏହି କାର୍ଯ୍ୟଶୈଳୀ ଯୋଗୁଁ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ସେ ଏହି କଠୋର ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି ବୋଲି ଦେବାଶୀଷ ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି । ଦେବାଶୀଷ ୨୦୨୪ ଏପ୍ରିଲରେ ବିଜେଡିରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଓ ତାଙ୍କର କାର୍ଯ୍ୟକାଳ ୨୦୩୦ ଏପ୍ରିଲରେ ଶେଷ ହେବ । ସୂଚନା ଅନୁସାରେ, ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ଦେବାଶୀଷ ଆଜି ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହେବେ । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହେବେ । ତାଙ୍କୁ ପୁଣିଥରେ ରାଜ୍ୟସଭା ପଠାଇବାକୁ ବିଜେପି ପକ୍ଷରୁ ପ୍ରତିଶ୍ରୁତି ମିଳିଥିବା ତାଙ୍କ ନିକଟତମ ସୂତ୍ରରୁ ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ରାଜ୍ୟରେ ସରକାର ଗଢ଼ିବା ପରେ ବିଜେଡିର ରାଜ୍ୟସଭା ସାଂସଦଙ୍କ ଇସ୍ତଫା ପର୍ବ ଆରମ୍ଭ ହୋଇଛି । ପ୍ରଥମେ ୨୦୨୪ ଜୁଲାଇ ୩୧ ତାରିଖରେ ମୟୂରଭଞ୍ଜ ନେତ୍ରୀ ମମତା ମହାନ୍ତ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇ ସେହିବର୍ଷ ଅଗଷ୍ଟ ୧ ତାରିଖରେ ବିଜେପିରେ ସାମିଲ ହୋଇଥିଲେ । ପରେ ସେହି ବର୍ଷ ଅଗଷ୍ଟ ୨୮ ତାରିଖରେ ଅନୁଷ୍ଠିତ ଉପନିର୍ବାଚନରେ ସେ ବିଜେପି ପ୍ରାର୍ଥୀ ଭାବେ ପୁଣିଥରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ।

### ଓଇଆରସି ଅଧ୍ୟକ୍ଷ ପଦରୁ ...

ତାଙ୍କ ଇସ୍ତଫାକୁ ସରକାର ଆଜି ସନ୍ଧ୍ୟାରେ ଗ୍ରହଣ କରି ତାଙ୍କୁ ଦାୟିତ୍ୱମୁକ୍ତ କରିଛନ୍ତି । ରାଜ୍ୟ ମୁଖ୍ୟ ସଚିବ ଭାବେ ପ୍ରାୟ ଦେଢ଼ବର୍ଷ କାର୍ଯ୍ୟ କରିବା ପରେ ଶ୍ରୀ ଜେନା ୨୦୨୫ ଏପ୍ରିଲ ୭ତାରିଖରେ ଓଇଆରସି ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳିଥିଲେ । ପ୍ରାୟ ୫ବର୍ଷ ପର୍ଯ୍ୟନ୍ତ ସେ ଏହି ପଦବୀରେ କାର୍ଯ୍ୟ କରିଥାନ୍ତେ, ମାତ୍ର ବର୍ଷେ ପୂରିବା ପରେ ଅଚାନକ ଇସ୍ତଫା ଦେଇଛନ୍ତି । ତେବେ ପରିବର୍ତ୍ତିତ ରାଜନୈତିକ ପରସ୍ଥିତିରେ ନୀତିଗତ ନିଷ୍ପତ୍ତି ନେବାବେଳେ ସରକାର ଓ ବିଦ୍ୟୁତ କମ୍ପାନୀଗୁଡ଼ିକ ସହ ଆଭ୍ୟନ୍ତରୀଣ ମତଭେଦ ଯୋଗୁ ଶ୍ରୀ ଜେନା ଇସ୍ତଫା ଦେଇଥାଇ ପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ଓଇଆରସି ମୁଖ୍ୟ ଭାବେ ଶ୍ରୀ ଜେନା ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ ଯେଉଁ ନୂଆ ବିଦ୍ୟୁତ ଟାରିଫ୍ ଅର୍ଡର ଜାରି କରିଥିଲେ, ସେଥିରେ ରାଜ୍ୟର ସାଧାରଣ ଖାଉଟି ଓ ଜନସାଧାରଣଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଥିଲେ । ଗ୍ରୀଡକୋ ଦେଇଥିବା ମୂଲ୍ୟ ବୃଦ୍ଧି ପ୍ରସ୍ତାବକୁ ଏଡ଼ାଇ ଶ୍ରୀ ଜେନାଙ୍କ ନେତୃତ୍ୱରେ ଆୟୋଗ ଗ୍ରାହକମାନଙ୍କ ଉପରେ କୌଣସି ଆର୍ଥିକ ବୋଝ ପକାଇବାକୁ ଦେଇନଥିଲେ ଓ ୨୦୨୨-୨୩ ମସିହାରୁ ଚାଲିଆସୁଥିବା ପୁରୁଣା ଦରକୁ ଆୟୋଗ ଚଳିତ ବର୍ଷ ମଧ୍ୟ ଅପରିବର୍ତ୍ତିତ ରଖିଥିଲେ । ଗ୍ରୀଡକୋ ଉପରେ ଥିବା ବଡ଼ ଋଣବୋଝକୁ ସାଧାରଣ ଉପଭୋକ୍ତାଙ୍କ ଉପରେ ନଲଦି, ସରକାରଙ୍କ ସହ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଆୟୋଗ ପଦକ୍ଷେପ ନେଇଥିଲେ । ଗ୍ରାହକମାନଙ୍କୁ ଆଧୁନିକ ବ୍ୟବସ୍ଥା ସହ ଯୋଡ଼ିବା ପାଇଁ ପ୍ରଥମ ଥର ପାଇଁ 'ସୋଲାର ଆୱାର ରିବେଟ୍' ବ୍ୟବସ୍ଥା ପ୍ରଣୟନ କରିଥିଲେ, ଯେଉଁଥିରେ ସ୍ମାର୍ଟ ମିଟର ଥିବା ଉପଭୋକ୍ତାମାନେ ଦିନ ୮ଟାରୁ ଅପରାହ୍ନ ୪ଟା ମଧ୍ୟରେ ବ୍ୟବହାର କରୁଥିବା ବିଜୁଳି ଉପରେ ସିଧାସଳଖ ୧୦ ପ୍ରତିଶତ ରିହାତି ପାଇବାର ସୁଯୋଗ ପାଇଲେ । 'ୱାନ୍-ଟାଇମ୍ କ୍ଲେମ୍ ସ୍କିମ୍' ମାଧ୍ୟମରେ ସ୍ଥାୟୀ ଭାବେ ବିଚ୍ଛିନ୍ନ ହୋଇଯାଇଥିବା ବିଦ୍ୟୁତ ସଂଯୋଗର ସୁରକ୍ଷା ଜମା ରାଶିକୁ ଗ୍ରାହକମାନେ ବିଦ୍ୟୁତ କମ୍ପାନୀଗୁଡ଼ିକ ପାଖରୁ ସହଜରେ ଫେରସ୍ତ ପାଇପାରିବେ ।

### କକ୍ରୋଚ୍ ଜନତା ପାର୍ଟି ...

ସୋମବାର ଦିନ ୧୨ଟା ସୁଦ୍ଧା ଇନଷ୍ଟାଗ୍ରାମ୍‌ରେ ସିଜେପିର ୨୨.୯ ନିୟୁତ ଫଲୋୟର୍ସ ଥିଲେ । କୋର୍ଟରେ ଆବେଦନକାରୀଙ୍କ ଓକିଲ, ଏନ୍‌କେ ଗୋସ୍ୱାମୀ ଯୁକ୍ତି ଦେଇଥିଲେ ଯେ, କକ୍ରୋଚ୍ ଜନତା ପାର୍ଟି ନ୍ୟାୟପାଳିକାର ଭାବମୂର୍ତ୍ତିକୁ ଖରାପ କରୁଛି । ଏହାପରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଓ ବିପୁଲ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ, ଏହାକୁ ଏତେ ଭାବପ୍ରବଣ ଭାବରେ ନିଅନ୍ତୁ ନାହିଁ । ଏହି ଆବେଦନ ଆଡ୍‌ଭୋକେଟ୍ ରାଜା ଚୌଧୁରୀଙ୍କ ଦ୍ୱାରା ଦାୟର କରାଯାଇଥିଲା । ସେ ଆନ୍ଦୋଳନ ସହ ଜଡିତ ନକଲି ଓକିଲ ଓ ଜାଲ୍ ଆଇନ ଡିଗ୍ରିର ତଦନ୍ତ ପାଇଁ ମଧ୍ୟ ଦାବି କରିଥିଲେ । ଏହାବ୍ୟତୀତ ସେ ସମ୍ପ୍ରତି ସୁପ୍ରିମ୍‌କୋର୍ଟ କାର୍ଯ୍ୟକାଳ ସମୟରେ ଦିଆଯାଇଥିବା ମୌଖିକ କୋର୍ଟ ବୟାନର ବ୍ୟବସାୟୀକରଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଥିଲେ ଯେ, ବର୍ତ୍ତମାନ ଏପରି କୌଣସି ଗୁରୁତର ଜରୁରିକାଳୀନ ପରିସ୍ଥିତି ନାହିଁ । ଅନ୍ୟପକ୍ଷରେ ମହାରାଷ୍ଟ୍ରର ଛତ୍ରପତି ଶମ୍ଭାଜୀନଗରରେ ଥିବା କକ୍ରୋଚ୍ ଜନତା ପାର୍ଟି ପ୍ରତିଷ୍ଠାତା ଅଭିଜିତ୍ ଦୀପକେଙ୍କ ଘରେ ୨୪ ଘଣ୍ଟା ପୁଲିସ ମୁତୟନ କରାଯାଇଛି ।

### କର୍ଣ୍ଣାଟକରେ ନେତୃତ୍ୱ ...

ଇତି ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ସାମ୍ବାଦିକମାନଙ୍କୁ କହିଛନ୍ତି, ଯଦି ମତେ ଡକାଯିବ ତେବେ ମୁଁ ବି ଯିବି । କିନ୍ତୁ ଶିବକୁମାରଙ୍କ ସମର୍ଥକମାନେ କ୍ଷମତା ବଣ୍ଟନ ଚୁକ୍ତି ଅନୁଯାୟୀ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦାବି କରିଛନ୍ତି । ଉଲ୍ଲେଖଯୋଗ୍ୟ, ୨୦୨୩ ବିଧାନସଭା ନିର୍ବାଚନରେ କଂଗ୍ରେସ ଜିତିବା ସମୟରେ ସିଦ୍ଧରମୈୟା ଏବଂ ଶିବକୁମାରଙ୍କ ମଧ୍ୟରେ ଅଢ଼େଇ ବର୍ଷର ଏକ ଚୁକ୍ତି ହୋଇଥିଲା ।

# ଯୁବ ଲେଖିକା ଜସ୍ମିନ ଜ୍ୟୋତି ବେହେରାଙ୍କ ପୁସ୍ତକ ଉନ୍ମୋଚିତ



ବାସୁଦେବପୁର, ୨୫/୫ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ଯୁବ ଲେଖିକା ଜସ୍ମିନ୍ ଜ୍ୟୋତି ବେହେରାଙ୍କ ତୃତୀୟ ପୁସ୍ତକ moment that changed everything ଖୁବ୍ ସଫଳତାର ସହିତ ଉନ୍ମୋଚିତ ହୋଇ ଯାଇଛି । ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଶହୀଦ ତୀର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ବୈଲୋଚନ ଜେନା, ବିଶିଷ୍ଟ ସାହିତ୍ୟିକ ପବିତ୍ର ପାଣିଗ୍ରାହୀ, ବିଶିଷ୍ଟ କବି ପ୍ରଶାନ୍ତ ଦାସ, କବି ଦୀନବନ୍ଧୁ ପତି, କବି ସ୍ନିଗ୍ଧା ମହାନ୍ତି, ଶିଳ୍ପୀ ଅଶୋକ ଖୁଣ୍ଟିଆ,କବି ସୁଧାଂଶୁ ଶେଖର ମିଶ୍ର, ଶିକ୍ଷାବିତ୍ ଭାଗୀରଥି ପଲାଇ, ଶିକ୍ଷାବିତ୍ ରମେଶ ଚନ୍ଦ୍ର ବେହେରା, ଓଡିଆ ଚଳଚିତ୍ର ଜଗତର ହାସ୍ୟ ଅଭିନେତା ପପୁ ପମପମ୍, ଯୁବ ଅଭିନେତା ଅମ୍ଲାନ,ବାସୁଦେବପୁର ପୌର ପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା, ବିଶିଷ୍ଟ ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଏହି ପୁସ୍ତକଟିକୁ ଉନ୍ମୋଚନ କରିବା ସହିତ ପୁସ୍ତକର ଲେଖାକୁ ଉଚ୍ଚ ପ୍ରଶଂସା କରିଥିଲେ । ପୁସ୍ତକର ଲେଖିକା ଜସ୍ମିନ ଜ୍ୟୋତି ବେହେରା ନିଜର ଲେଖକୀୟ ଅଭିବ୍ୟକ୍ତି ବାଢ଼ିଥିଲେ । ବାଲେଶ୍ୱର ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ । ପୁସ୍ତକର ଲେଖିକା ଜସ୍ମିନ ଜ୍ୟୋତି ବେହେରାଙ୍କ ପିତା ଶୁଭେନ୍ଦୁ ଭୂଷଣ ବେହେରା ଓ ମାତା ନିବେଦିତା ବେହେରା ସମସ୍ତ ଅତିଥି ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଶେଷରେ ନିବେଦିତା ବେହେରା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ବିଶିଷ୍ଟ କବି ଓ ପ୍ରାବନ୍ଧିକ ଡକ୍ଟର ବସନ୍ତ କୁମାର ଦାସ, କବି ବିକାଶ କୁମାର ଶତପଥୀ, କବି ପ୍ରହ୍ଲାଦ ବାରିକ୍, ଶିଳ୍ପପତି ମହେଶ୍ୱର ଦାସ, ଆର୍ଯ୍ୟ ହସ୍ପିଟାଲର ନିର୍ଦ୍ଦେଶକ ଅସିତ୍ କୁମାର ଦାଶ,ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, ବାପି ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି



# ଉତ୍ସବ କ୍ରିଏଟିଭ ଡ୍ୟାନ୍ସ ଗ୍ରୁପର ଦଶ ଦିନ ବ୍ୟାପୀ ଅନୁଷ୍ଠିତ ଗ୍ରୀଷ୍ମକାଳୀନ କର୍ମଶାଳା ଉଦ୍‌ଯାପିତ

ଭଦ୍ରକ , ୨୫/୫ (ନି.ପ୍ର): ଗତ ଦଶ ଦିନବ୍ୟାପୀ ଭଦ୍ରକର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ଉତ୍ସବ କ୍ରିଏଟିଭ ଡ୍ୟାନ୍ସ ଗ୍ରୁପର ଗ୍ରୀଷ୍ମ କାଳୀନ କର୍ମଶାଳା ସମାପିତ ହୋଇଯାଇଛି । ପ୍ରଥମ ଦୁଇଦିନ ଓଡିଶୀ ର କର୍ମଶାଳା ପ୍ରସ୍ତୁତି ହୋଇଥିଲା ନୃତ୍ୟ ଗୁରୁ ସୁଜାତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କର୍ଷ କଳାର ରାଜ୍ୟ ଓଡିଶାର ଭଦ୍ରକ ଜିଲ୍ଲା ଅନ୍ୟତମ ବୋଲି କହିଥିଲେ ଓ ଉତ୍ସବ ଡ୍ୟାନ୍ସ ଗ୍ରୁପର ନୃତ୍ୟ ଶିକ୍ଷୀ ଓ ନିର୍ଦ୍ଦେଶକା ରିଚିସ୍ମିତା ମହାନ୍ତି ଙ୍କୁ ଭୁୟସୀ ପ୍ରଶଂସା କରିଥିଲେ । ଏହି କର୍ମ ଶାଳାରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ଓଡିଶା ତେଜସ୍ୱିନୀ ମହିଳା ସଂଗଠନ ସଭାପତି କଳ୍ପନା ଜେନା, ସମ୍ପାଦିକା ଅଞ୍ଜନା ମିଶ୍ର, ପ୍ରଧାନ ଶିକ୍ଷୟତ୍ରୀ ଡ଼ ଜାନକୀ ପାଢ଼ୀ, ଶିକ୍ଷୟତ୍ରୀ ମନୋରମା ରାୟ ପ୍ରମୁଖ ଯୋଗଦେଇ ଭଦ୍ରକ ଜିଲ୍ଲାର କଳା ସାହିତ୍ୟ ସଂସ୍କୃତି ଉପରେ ମତବ୍ୟକ୍ତ କରିଥିଲେ । ନୃତ୍ୟ ଗୁରୁ ରଶ୍ମି ରଞ୍ଜନ ପ୍ରଧାନ, ପୂର୍ଣ୍ଣିମ ପ୍ରିୟ ଦର୍ଶନୀ ପ୍ରମୁଖ ଏହି କର୍ମ ଶାଳକୁ ପରିଚାଳନା କରୁଥିଲେ ଓ ସମସ୍ତ ନୃତ୍ୟ ଓ ସଙ୍ଗୀତ କଳାକାରଙ୍କୁ ପ୍ରଶଂସା ପତ୍ର ଓ କପ ପ୍ରଦାନ କରାଯାଇଥିଲା । ଶେଷରେ ନିର୍ଦ୍ଦେଶକା ରିଚିସ୍ମିତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




# ଜଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ



ଖଇରା, ୨୫/୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ଜଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଦିନ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଚଳିତ ବର୍ଷ କାଉନସିଲ ପରୀକ୍ଷାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ କଳା,ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ଟପ୍ପର ହୋଇଥିବା ୪ଛତ୍ରୀଛାତ୍ର ଙ୍କୁ କଲେଜ ପକ୍ଷରୁ ସମ୍ମାନୀତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷ ଗଜେନ୍ଦ୍ର ପ୍ରସାଦ ସେନାପତି ପୌରହିତ୍ୟ କରିଥିଲେ । କୃଷ୍ଣଚନ୍ଦ୍ର ଖିଲାର ମୁଖ୍ୟଅତିଥି, ପଦ୍ମଲୋଚନ ଖିଲାର, ସରପଞ୍ଚ ରାଜେନ୍ଦ୍ର ଦାସ,ଗୋକୁଳି ଚନ୍ଦ୍ର ଦାସ, ନାରାୟଣ ଚନ୍ଦ୍ର ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କର କୃତିତ୍ୱ କଲେଜର ଗାରିମା ବଢାଇଛି ବୋଲି କହିଥିଲେ । ଶେଷରେ ଚଳିତ କଳାରେ ୫୪୮ମାର୍କ ରଖିଥିବା ସସ୍ମିତା ବନ୍ଧ ଓ ୫୪୩ ମାର୍କ ରଖିଥିବା ଦେବସ୍ମିତା ସାହୁ, ବିଜ୍ଞାନ ରେ ୫୪୬ ମାର୍କ ରଖି ଟପ୍ପର ହୋଇଥିବା ନମିତା ବାରିକ, ବାଣିଜ୍ୟରେ ସର୍ବୋଚ୍ଚ ୪୯୧ମାର୍କ ରଖିଥିବା ପବିତ୍ର ବାରିକଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ନିଖୋଜ ମହିଳା ଉଦ୍ଧାର

ବେତନଟୀ, ୨୫/୫(ନି.ପ୍ର) ବଡଜାମବଣି ଗ୍ରାମର ଜନୈକା ୩୨ବର୍ଷୀୟା ବିବାହିତା ମହିଳା ନିଖୋଜ ହୋଇଯାଇଥିବା ନେଇ ଏତଲା ପରେ ପୁଲିସ ମାମଲା ରୁଜୁକରି ବିଭିନ୍ନ ସ୍ଥାନରେ ସନ୍ଧାନ କରିବାପରେ ସୋମବାର ଉଦ୍ଧାରକରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ସୂଚନା ମୁତାବକ ବଡ଼ଜାମବଣି ଅଞ୍ଚଳର ମହିଳା ଜଣକ ଖଡ଼ିଶୋଳ ପଞ୍ଚାୟତ ଅଧୀନ କରଞ୍ଜିଆ ଅଞ୍ଚଳରେ ବିବାହ କରିଥିବା ବେଳେ ରବିବାର ଘରୁ ହଠାତ ନିଖୋଜ ହୋଇଯାଇଥିଲେ । ଏନେଇ ନିଖୋଜ ମହିଳାଙ୍କ ପରିବାରବର୍ଗଙ୍କ ଏତଲାମୂଳେ ବଡଜାମବଣି ଫାଣ୍ଡି ଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତ ମାମଲା ରୁଜୁକରି ବିଭିନ୍ନ ସ୍ଥାନରେ ଖୋଜାଖୋଜି ଆରମ୍ଭ କରିଥିଲେ । ଶେଷରେ ସୋମବାର ପୂର୍ବାହ୍ନରେ ଉଦ୍ଧାରକରି ବୟାନ ରେକର୍ଡ କରିବାପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କଲେ ତଦନ୍ତକାରୀ ଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତ ।

# ବାଇକ- ବାଇକ ଦୁର୍ଘଟଣାରେ ଦୁଇ ମୃତ, ଜଣେ ଗୁରୁତର

ବୈଶିଙ୍ଗା , ୨୫/୫ (ନି.ପ୍ର): ଦେବତାଙ୍କ ପୂଜା ପାଇଁ ଫୁଲ କିଣିବାକୁ ଆସିଥିଲେ ବଜାର। ହେଲେ କିଏ ଜାଣିଛି ଫେରିବା ବାଟରେ ଜଗିଥିଲା ଯମ ରାଜ। ବାଇକ ସହିତ ବାଇକର ଦୁର୍ଘଟଣା ଘଟି ଅଧା ବାଟରେ ଚାଲି ଯାଇଛି ଜଣେ ଆଦର୍ଶ ଶିକ୍ଷକଙ୍କ ଜୀବନ । ଏହିପରି ଏକ ମର୍ମନ୍ତୁଦ ଦୁର୍ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧିନ ବୈଶିଙ୍ଗା-ରୂପ୍ସା ରାସ୍ତାର ବୈଶିଙ୍ଗା ମୁନିଲାଲ ଉଚ୍ଚ ବିଦ୍ୟାଳୟ ସାମ୍ନାରେ। ଦୁର୍ଘଟଣାରେ ଜଣେ ଗୁରୁତ୍ୱର ଆହତ ହୋଇଥିବା ବେଳେ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ମୃତକ ଜଣକ ହେଲେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ମୟୂରଭଞ୍ଜ ଜିଲ୍ଲା ସଭାପତି ଶରତ କୁମାର ମହାନ୍ତ।ମିଳିଥିବା ସୂଚନା ମୁତାବକ ଯୁଗପୁରା ଗ୍ରାମର ଶିକ୍ଷକ ଶରତ କୁମାର ମହାନ୍ତ। ଆମ୍ବଗଡିଆ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ସେ ଆଜି ସକାଳେ ଠାକୁରଙ୍କ ପୂଜା ପାଇଁ ଫୁଲ କିଣିବାକୁ ଆସିଥିଲେ ବୈଶିଙ୍ଗା ବଜାର।ଫୁଲ କିଣିସାରିଥିବା ବେଳେ ମୁନିଲାଲ ଉଚ୍ଚ ବିଦ୍ୟାଳୟ ସାମ୍ନାରେ ଥିବା ଦୋକାନରୁ କୌଣସି ଏକ ଜିନିଷ କିଣି ବାହାରୁଥିବା ବେଳେ ବୈଶିଂଙ୍ଗାରୁ ରୂପ୍ସା ଅଭିମୁଖେ ଦ୍ରୁତଗତିରେ ଯାଉଥିବା ରଘୁପୁର ପଞ୍ଚାୟତ ଦିଗାନଗର ଗ୍ରାମର ଯତୀଶ ସିଂ ଅନ୍ୟଏକ ବାଇକରେ ଶରତଙ୍କୁ ଧକ୍କା ଦେଇଥିଲା।ଫଳରେ ଉଭୟ ସେଠାରେ ପଡିଥିଲେ। ଖବର ପାଇ ବୈଶିଙ୍ଗା ପୋଲିସ ନିଜ ଗାଡିରେ ଉଭୟଙ୍କୁ ବୈଶିଙ୍ଗା ଡାକ୍ତର ଖାନାକୁ ଆଣିଥିଲା।କାର୍ଯ୍ୟରତ ଡାକ୍ତର ଶରତଙ୍କୁ ସେଠାରେ ମୃତ ଘୋଷଣା କରିଥିବା ବେଳେ ଗୁରୁତର ଯତୀଶଙ୍କୁ ପ୍ରାଥମିକ ଚିକିତ୍ସା ପରେ ସଙ୍କଟାପନ୍ନ ଅବସ୍ଥାରେ କଟକ ସ୍ଥାନାନ୍ତର କରିଥିବା ବେଳେ ରାସ୍ତାରେ ମୃତ୍ୟୁ ହୋଇଥିବା ଜଣାଯାଇଛି। ତେବେ ଶରତ ସାର ଜଣେ ପରିଶ୍ରମୀ, ମିଷ୍ଟଭାଷୀ, ପରୋପକାରୀ ଓ ମେଳାପୀ ଯୋଗୁଁ ଅଞ୍ଚଳରେ ବେଶ ଲୋକପ୍ରୀୟତା ହାସଲ କରିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବୈଶିଙ୍ଗା ଡାକ୍ତରଖାନା ଲୋକାରଣ୍ୟ ହୋଇପଡିଥିଲା। ବ୍ଲକ ଶିକ୍ଷା ଅଧିକାରୀ, ଶିକ୍ଷକ ସଂଘର ଶିକ୍ଷକ, ଅଞ୍ଚଳବାସୀଙ୍କ ସହିତ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର ସମେତ ବହୁ ରାଜନେତା ଶେଷଦେଖା ପାଇଁ ଭିଡ ଜମାଇବାଥିଲେ।ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପିଆରଏମ ମେଡିକାଲକୁ ପଠାଇବା ସହିତ ୨୭୪/୨୬ ମୂଳେ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି।

# ବାଲେଶ୍ୱର ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସ୍ୱଚ୍ଛତା କାର୍ଯ୍ୟକ୍ରମ



ବାଲେଶ୍ୱର, ୨୫/୫ (ନି.ପ୍ର): ବାଲେଶ୍ୱର ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ତରଫରୁ ଗତକାଲି ଏକ ସ୍ୱଚ୍ଛତା ତଥା ସଫେଇ କାର୍ଯ୍ୟକ୍ରମ ବାଲେଶ୍ୱରର ବରିଷ୍ଠ ଗାନ୍ଧୀବାଦୀ ସୁରେନ୍ଦ୍ରନାଥ ପଣ୍ଡାଙ୍କ ନେତୃତ୍ୱରେ ବାଲେଶ୍ୱର ସିନେମା ବଜାର ସ୍ଥିତ ସହିଦ୍ ପାର୍କରେ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ସହିଦ୍ ପାର୍କର ଚତୁଃପାର୍ଶ୍ୱ ଝାଡୁ, ବେଲ୍‌ଚା, କୋଦାଳ ଆଦି ଦ୍ୱାରା ଅଳିଆ ଆବର୍ଜନା ସଫା କରାଯାଇଥିଲା। ଏଥିସହ ଗାନ୍ଧୀଜୀଙ୍କର ପ୍ରତିମୂର୍ତ୍ତିକୁ ପାଣିରେ ଭଲ ଭାବରେ ସଫା କରାଯାଇ ନୂତନ ପୁଷ୍ପକୁଣ୍ଡ ଓ ନୂତନ ଗଛ ଲଗାଯାଇଥିଲା ଏବଂ ସମସ୍ତ ସଭ୍ୟସଭ୍ୟାଙ୍କ ଉପସ୍ଥିତିରେ ବାପୁଜୀଙ୍କୁ ପୁଷ୍ପମାଳ ଅର୍ପଣ କରାଯାଇଥିଲା ଏବଂ 'ରଘୁପତି ରାଘବ ରାଜା ରାମ, ସବ୍‌କୋ ସମ୍ମତି ଦେ ଭଗବାନ' ସଂଗୀତ ଗାନ କରାଯାଇଥିଲା। ଗାନ୍ଧୀଙ୍କର ଆଦର୍ଶ, ସ୍ୱଚ୍ଛ ଚିନ୍ତାଧାରା ଓ ଅହିଂସା ନୀତି ଆଚରଣକୁ ଆଗାମୀ ଭବିଷ୍ୟତର ଯୁବପିଢ଼ିଙ୍କୁ ଦିଗ୍‌ଦର୍ଶନ ସହିତ ଯୁବପିଢ଼ିଙ୍କୁ ଯୋଡ଼ିବା ଆମ ସଂଗଠନର ଲକ୍ଷ୍ୟ। ଏବଂ ବାପୁଜୀ କହିଥିଲେ କି ଶ୍ରମଦାନ ଏକ ମହତ୍ ଦାନ ଏବଂ ଆମ ସଂଗଠନ ପ୍ରତ୍ୟେକ ମାସ କିଛି ନା କିଛି ସଫେଇ କାର୍ଯ୍ୟ ହାତକୁ ନେବ ବୋଲି ନିଷ୍ପତ୍ତି କରିଅଛି। ଏହି କାର୍ଯ୍ୟକ୍ରମରେ ଏମ୍.ଡି. ଇସ୍‌ଲାମ୍, ଜିତେନ୍ଦ୍ର ଉପାଧ୍ୟାୟ, କବିତା ରାଣି ଦାସ, ସକିଲା ବାନୋ, ଜ୍ୟୋତ୍ସ୍ନା ସେନାପତି, ପ୍ରତାପ ସିଂ, ମାନଗୋବିନ୍ଦ ସେଠୀ, ପ୍ରେମଲତା ବାରିକ, ଲୁଲୁ, ମିନତୀ ସେଠୀ, ଭଗବାନ ମୋହନୀ, ବେଣୁଧର ଦାସ, ପ୍ରତିମା ସେଠୀ, ପଣ୍ଡାବାବୁ ପ୍ରମୁଖ ଯୋଗ ଦେଇଥିଲେ।

# ଏଫଏମଭିଆନର ବନ୍ଧୁମିଳନ



ନୀଳଗିରି , ୨୫/୫ (ନି.ପ୍ର): ଫକୀରମୋହନ ମହାବିଦ୍ୟାଳୟର ୧୯୮୮-୧୯୯୧ ବ୍ୟାଚର ଏଫଏମଭିଆନ ପୁରାତନ ଛାତ୍ରଛାତ୍ରୀ ମାନଙ୍କର ଏକ ମିଳନଉତ୍ସବ ନୀଳଗିରି ଠାରେ ଅନୁଷ୍ଠିତ ହୋଇଯାଇଛି ।ସେ ସମୟରେ ଫକୀର ମୋହନ ମହାବିଦ୍ୟାଳୟର ସୁନାମରେ ଆକର୍ଷିତ ହୋଇ ଝାରସୁଗୁଡା, ଭୁବନେଶ୍ୱର, କଟକ, ବାରିପଦା, ଭଦ୍ରକ ଅଞ୍ଚଳର ପଢୁଥିବା ଅନେକ ଛାତ୍ରଛାତ୍ରୀ ଏହି ମିଳନ ଉତ୍ସବରେ ଅଂଶଗ୍ରହଣକରି ନିଜର ଖୁସିବ୍ୟକ୍ତ କରିଥିଲେ ।ବିଭିନ୍ନ ଉଚ୍ଚ ପଦପଦବୀରେ ମଣ୍ଡିତ ବନ୍ଧୁଗଣ ଏହି ଆସରରେ ଯୋଗଦେଇ ନାଚ, ଗୀତ, ଏବଂ ନିଜର ପରିଚୟ ଓ ଅଭିଜ୍ଞତା ବଖାଣିଥିଲେ। ସବୁବର୍ଷ ଯେପରି ଏହି କାର୍ଯ୍ୟକ୍ରମ ଜାରିରହୁ ସମସ୍ତେ କାମନା କରିଥିଲେ ।ଅରୁଣ ରାୟ, ସାହିରୂଲ ହକ, କାମିନିକାନ୍ତ ଚୌଧୁରୀ, କାଜଲ ପାଲ, ପୁଣ୍ୟବ୍ରତ ମହାନ୍ତି, ଆଶିଷ ମହାନ୍ତି, ସୌମେନ୍ଦ୍ର ଦାସ, ପ୍ରଜ୍ଞାପାରମିତା ବିଶ୍ୱାଳ, ପ୍ରତିଭା ନାୟକ, ସସ୍ମିତା କାନୁନଗୋ, ପ୍ରତିଭା ମହାନ୍ତ, ରତ୍ନାକର ସିଂହ, କମଳାକାନ୍ତ ଜେନା, ବଳରାମ ନାୟକ, ପ୍ରଶାନ୍ତ କୁମାର ରାଉତ, ରାଜେନ୍ଦ୍ର ମାଝୀପ୍ରମୁଖ ଯୋଗଦେଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ଗ୍ରୀଷ୍ମକାଳୀନ ଛଉ ନୃତ୍ୟ ଶିବିର ଉଦ୍‌ଘାଟିତ




ବାରିପଦା , ୨୫/୫ (ନି.ପ୍ର): ସ୍ଥାନୀୟ ଛଉ ମଣ୍ଡପରେ ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ ଛଉ ନୃତ୍ୟ ଶିବିର ଉଦଘାଟିତ ହୋଇଯାଇଛି ଓ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଓକିଲ ସଂଘର ସଭାପତି ଜ୍ୟୋତିପ୍ରକାଶ ରଥ ଓ ସମ୍ପାଦକ ବିପ୍ଳବ ବାରିକ, ଆଇନଜୀବୀ କିଶୋର ମହାନ୍ତି, ଡଃ ପିନାକୀ ମହାନ୍ତି, ଯୋଗଗୁରୁ ଜ୍ୟୋତିରଞ୍ଜନ ଦାସ ଏହି ଶିବିରକୁ ଉଦଘାଟନ କରିବା ସହ ଶିବିରର ସଫଳତା କାମନା କରିଥିଲେ ଓ ପ୍ରତିଷ୍ଠାନର ଉପ ସଭାପତି ସୁଜାତା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ସନ୍ଦୀପ ବିଶୋଇ, ଅମ୍ବିକା ପ୍ରସାଦ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ନୃତ୍ୟ ଶିକ୍ଷୀ ତୃପ୍ତି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଛଉ ଗୁରୁ ଶମ୍ଭୁନାଥ ଦାସଙ୍କ ନେତୃତ୍ୱରେ ଏହି ଶିବିରରେ ୫୦ଜଣ ପ୍ରଶିକ୍ଷଣ ନେବେ ଏବଂ ଏହା ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୁଧୀର କୁମାର ନାୟକ ଜଣାଇଛନ୍ତି ।

# ବସ୍ତା ଓଡିଆ ସମାଜ ସଙ୍ଗଠନ ପକ୍ଷରୁ ଜଳଛତ୍ର ଉଦ୍‌ଘାଟନ

ବସ୍ତା , ୨୫/୫ (ନି.ପ୍ର): ବସ୍ତା ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ପ୍ରବଳରୁ ବଳବତ୍ତର ରହିଥିବା ବେଳେ ବସ୍ତା ଓଡିଆ ସମାଜ ସଙ୍ଗଠନ ପକ୍ଷରୁ ଆଜି ସକାଳେ ବାହାର୍ଦ୍ଧା ଏସଡିପିଓ ଅଫିସ ସାମ୍ନା ରାସ୍ତା ପାର୍ଶ୍ୱରେ ସ୍ୱେଚ୍ଛ ଥଣ୍ଡା ପାନିୟ ଜଳ ଛତ୍ର ଏସଡିପିଓ ମାନସଦେଓ ଫିତାକାଟି ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ବିଜୟକୁମାର ଭୂୟାଁ, ଶିରିସଚନ୍ଦ୍ର ମହାନ୍ତି, ସମାଜସେବୀ ବାବୁ ପାଣି ଯୋଗଦେଇଥିବା ବେଳେ ସଂଗଠନର ପ୍ରତିଷ୍ଠାତା ପିନାକି ନାରାୟଣ ପ୍ରହରାଜ, ଅଞ୍ଜନ ମହାନ୍ତି , ଯୋଗେନ୍ଦ୍ର ରାଉତ ଉପସ୍ଥିତଥିଲେ । ପଥଚାରୀଙ୍କ ପାଇଁ ଗୋଲକୋଚ ଫିଲଟର ପାଣି ସଂଗଠନର ବରିଷ୍ଠ ସମ୍ପାଦକ ଶ୍ରୀଯୁକ୍ତ ଦିଲ୍ଲୀପକୁମାର ଦେ ଯୋଗାଇଦେଇଥିଲେ । ଉପସ୍ଥିତ ଅତିଥିମାନଙ୍କୁ ସଂଗଠନ ପକ୍ଷରୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବିଷ୍ଣୁଡିହ ଗ୍ରାମ ପଂଚାୟତରେ ପ୍ରଶାସନିକ ଜନଶୁଣାଣି



ଖୋର୍ଦ୍ଧା, ୨୫/୫ (ନି.ପ୍ର): ବାଣପୁର ବ୍ଲକ ଅନ୍ତର୍ଗତ ବିଷ୍ଣୁ ଡିହ ଗ୍ରାମ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ଖଣତ ଠାରେ ଜିଲ୍ଲାପାଳଙ୍କ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଖୋର୍ଦ୍ଧା , ଶ୍ରୀ ଅମ୍ରିତ୍ ରତୁରାଜ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଉକ୍ତ ଜନ ଅଭିଯୋଗ ଶୁଣାଣି ରେ ଉପ ସଭାପତି, ଜିଲ୍ଲାପରିଷଦ, ଖୋର୍ଦ୍ଧା। ଶ୍ରୀ ଗୋପୀନାଥ ମହାରଣା, ବନଖଣ୍ଡ ଅଧିକାରୀ, ବାଲୁଗାଁ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଉପ ଆରକ୍ଷୀ ଅଧିକ୍ଷକ, ଖୋର୍ଦ୍ଧା,ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋର୍ଦ୍ଧା ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର, , ବାଣପୁର,ବି.ଡି .ଓ, ପୂନମ ମହାପାତ୍ର, ତହସିଲଦାର , ବାଣପୁର, କାହ୍ନୁ ଚରଣ ଘଡ଼ାଇ ପ୍ରମୁଖ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୪୪ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ରୁ ୩୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୮ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ଶିବିରରେ ୧୨ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଜିଲ୍ଲାପାଳ ଶ୍ରୀ ରତୁରାଜ ଚିକିତ୍ସା ନିମନ୍ତେ ଅଭିଯୋଗ କାରୀ ବିଷ୍ଣୁ ଡିହ ଗ୍ରାମ ର ସୁଚିତ୍ରା ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ଜିଲ୍ଲାପାଳ ଶ୍ରୀ ରତୁରାଜ ସମସ୍ତ ଅଧିକାରୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ଓ ଅଗ୍ରଣୀ ଯୋଜନାର ସଫଳ ରୂପାୟନ ଦିଗରେ ଖୋଲା ଯାଇଥିବା ଶିକ୍ଷା ଓ ସୂଚନା ଓ ଯୋଗାଯୋଗ ଷ୍ଟଲ ଗୁଡ଼ିକୁ ବୁଲି ଅନୁଧ୍ୟାନ କରିଥିଲେ । ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାଟମେଣ୍ଟ ଅଧିକାରୀ, ଜନ ପ୍ରତିନିଧି ବୃନ୍ଦ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ।

# ୧୪ ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିୟାନସିପ ଉଦ୍‌ଘାଟିତ



ବାରିପଦା , ୨୫/୫ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଓ ଫୁଟବଲ ଏସୋସିଏସନ ଅଫ ଓଡିଶା, ଜିଲ୍ଲା ପ୍ରଶାସନ ଏବଂ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ମିଳିତ ସହଯୋଗରେ ୧୪ ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିୟାନସିପ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଏହି ଚାମ୍ପିୟାନସିପକୁ ଉଦଘାଟନ କରିବା ସହ ଯୁବ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ଅମ୍ବିକା ରାଉତ, ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ (ମଣ୍ଟୁ ଦା) ପ୍ରମୁଖ ଉପସ୍ଥିତ ଥିଲେ. ବାଳକ ବିଭାଗର ପ୍ରଥମ ମ୍ୟାଚରେ ଉଦଳା ସରକାରୀ ଉଚ୍ଚ ବିଦ୍ୟାଳୟ ୫-୦ ଗୋଲରେ ଚଢେଇଗାଁ ଉଚ୍ଚ ବିଦ୍ୟାଳୟ, ମୋରଡା କୁ, ଦ୍ୱିତୀୟ ମ୍ୟାଚରେ ଦେଉଳି ୟୁନାଇଟେଡ଼ ଫୁଟବଲ କ୍ଲବ, ଶୁଳିଆପଦା ୫-୦ ଗୋଲରେ ଫିଉଚର ଷ୍ଟାର ଏକାଡେମୀ, ବାରିପଦା କୁ, ତୃତୀୟ ମ୍ୟାଚରେ ବାଦାମପାହାଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୭-୧ ଗୋଲରେ ୟୁଏନଜି ସରକାରୀ ଉଚ୍ଚ ବିଦ୍ୟାଳୟ ବାରମାଇଲକୁ ପରାସ୍ତ କରିଥିବା ବେଳେ ବାଳିକା ବିଭାଗରେ ସତକୋଶିଆ ଛଡ଼େଇଗାଁ ୧୪-୦ ଗୋଲରେ ଚଢେଇଗାଁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରାସ୍ତ କରିଛି। ବାପୁନ କୁମାର ମହାନ୍ତ, କେଶବ ସୋରେନ, ନାରାୟଣ ହାଁସଦା, ଯୁଗସେଙ୍ଗଲ ସୋରେନ, ସମ୍ରାଟ ହେମ୍ବ୍ରମ, ଲୋକନାଥ ହେମ୍ବ୍ରମ, ଅମ୍ବିକା ହେମ୍ବ୍ରମ, ସୁଭଦ୍ରା ହେମ୍ବ୍ରମ ଓ ସୋମବାରୀ ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ। ଚଳିତ ମାସ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଚାମ୍ପିୟାନସିପରେ ବାଳକ ବିଭାଗରେ ୭ଟି ଓ ବାଳିକା ବିଭାଗରେ ୪ଟି ଦଳ ଅଂଶଗ୍ରହଣ କରିଛନ୍ତି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି। ଶ୍ରୀନିବାସ ହେମ୍ବ୍ରମ ଓ ରାଇସେନ ଟୁଡୁ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ପୋଲସରାରେ ୧୧ଟି ପ୍ୟାକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ

ଭୁବନେଶ୍ୱର, ୨୫/୫ (ନି.ପ୍ର): ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ତଥା ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୋମବାର ଦିନ ପୋଲସରା ନିର୍ବାଚନ ମଣ୍ଡଳୀର ଡେଙ୍ଗାପଦରଠାରେ ଆୟୋଜିତ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ୧୧ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାସହ ଏକାଧିକ ଅଙ୍ଗନୱାଡ଼ି କେନ୍ଦ୍ରର ମଧ୍ୟ ଉଦଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ କୃଷକ ଭାଇଭଉଣୀମାନଙ୍କ ସଶକ୍ତିକରଣ ଏବଂ ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ ଆମ ସରକାର ସଦା ପ୍ରତିବଦ୍ଧ। ଏହି ପିଏସିଏସ୍ କେନ୍ଦ୍ରଗୁଡ଼ିକ କୃଷକମାନଙ୍କୁ ସହଜରେ ଋଣ, ବୀଜ, ସାର ଓ ବିଭିନ୍ନ ସହାୟତା ପ୍ରଦାନ କରିବା ସହ ତାଙ୍କର ଆର୍ଥିକ ସ୍ଥିତିକୁ ଆହୁରି ସୁଦୃଢ଼ କରିବ। ସେହିପରି ନୂତନ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ଶିଶୁମାନଙ୍କ ପାଇଁ ଉନ୍ନତ ପରିବେଶ ଓ ସୁସ୍ଥ ଭବିଷ୍ୟତର ଭିତି ତିଆରି କରିବାରେ ସହାୟକ ହେବ। ଜନସେବା ହିଁ ଆମର ପ୍ରାଥମିକତା। ଗ୍ରାମ, କୃଷି ଓ ଶିଶୁଙ୍କ ଉନ୍ନତି ପାଇଁ ଆମେ ନିରନ୍ତର କାର୍ଯ୍ୟରତ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida